

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୬ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 NOVEMBER 2023

Vol.No. 34 ■ No. 291■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀର ପ୍ରାଥମିକ ସ୍କୁଲ ବନ୍ଦ

ନୂଆଦିଲ୍ଲୀ,୫/୧୧ :ଦିଲ୍ଲୀରେ ବଢୁଥିବା ବାୟୁ ପ୍ରଦୂଷଣକୁ ନଜରରେ ରଖି ଦିଲ୍ଲୀ ସମସ୍ତ ପ୍ରାଥମିକ ସ୍କୁଲଗୁଡିକୁ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଛି । ଏହାସହ ୬ ରୁ ୧୨ କ୍ଲାସ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଅନଲାଇନ କ୍ଲାସ କରିବାକୁ ସ୍କୁଲଗୁଡିକୁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଦିଲ୍ଲୀର ଶିକ୍ଷାମନ୍ତ୍ରୀ ଆତିଶୀ ମାରଲେନା ସୂଚନା ଦେଇଛନ୍ତି । ଶିକ୍ଷାମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଏକ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି କି ନର୍ସରୀରୁ ପଞ୍ଚମ ଶ୍ରେଣୀ ▶▶ପୃଷ୍ଠା ୭

# ବିଶ୍ୱକପ୍‌ରେ ଭାରତର ଅଷ୍ଟମ ବିଜୟ

## ଜାଡେଜାଙ୍କ ଯାଦୁ: ୮୩ ରନରେ ଦକ୍ଷିଣ ଆଫ୍ରିକା ଅଲଆଉଟ, ୨୪୩ ରନରେ ଜିତିଲା ଭାରତ



ନୂଆଦିଲ୍ଲୀ,୫/୧୧ : ବିଶ୍ୱକପ୍ କ୍ରିକେଟରେ ଭାରତର ଲଗାତର ଅଷ୍ଟମ ବିଜୟ ହାସଲ କରିଛି। ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୨୪୩ ରନ୍‌ରେ ପରାସ୍ତ କରିଛି ଭାରତ। ରବୀନ୍ଦ୍ର ଜାଡ଼େଜା ସର୍ବାଧିକ ୫ ୱିକେଟ ନେଇଥିବା ବେଳେ ରେକର୍ଡ ଶତକ ହାସଲ କରିଥିବା ବିରାଟ କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବିରାଟ କୋହଲି ଓ ଶ୍ରେୟସ ଆୟର ଦମ୍‌ଦାର ବ୍ୟାଟିଂ ପରେ ଭାରତର ଜବରଦସ୍ତ ବୋଲିଂ କରିଛି। ୩୨୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା ଦକ୍ଷିଣ ଆଫ୍ରିକା। ବ୍ୟାଟିଂ କରିବାକୁ ଆସିଥିଲେ ଓପ୍‌ନର ଅଧିନାୟକ ତେମ୍ବା ବଭୂମା ଓ ୱିକେଟ୍ କିପର୍ କ୍ୱିଣ୍ଟନ୍ ଡି କକ୍। ହେଲେ ମହମ୍ମଦ ସିରାଜଙ୍କ ଘାତ ବୋଲିଂ ଆଗରେ ତିଷ୍ଠି ପାରିନଥିଲେ। ସିରାଜଙ୍କ ବଲ୍‌ରେ ୪ ରନ୍ କରି ବୋଲ୍ଡ ହୋଇଥିଲେ କ୍ୱିଣ୍ଟନ୍ ଡି କକ୍। ତା'ପରେ ପାଳି ସମ୍ଭାଳିବାକୁ ଆସିଥିଲେ ରସି ଭାନ୍ ଡେର୍ ଡୁସେନ୍। ସେ ଧର୍ଯ୍ୟର ସହ ଅଧିନାୟକ ତେମ୍ବା ବଭୂମାଙ୍କ ସାଥ ଦେଉଥିଲେ। କ୍ରିଜ୍‌ରେ ପାଦ ସମ୍ଭାଳିବା ବେଳେ ତେମ୍ବା ବଭୂମା ୧୧ ରନ୍ କରିଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କ ଶିକାର ହୋଇଥିଲେ। ତେମ୍ବା ବଭୂମା ଆଉଟ୍ ହେବା ପରେ ଏଡନ ମାର୍କ୍ରମ। ସେ ମଧ୍ୟ ବେଶୀ ସମୟ ରହିପାରିନଥିଲେ। ୯ ରନ୍ କରିଥିବା ▶▶ପୃଷ୍ଠା ୭

## ଡି' ବ୍ରଦର୍ସଙ୍କ ନାଁରେ ବଟି ମାଗୁଥିଲେ ଟ୍ୟୁସନ୍ ସାର



ଭୁବନେଶ୍ୱର, ୪/୧୧ (ନି.ପ୍ର):କାହାକୁ ଲକ୍ଷେ ତ କାହାକୁ ୫୦ ହଜାର ଟଙ୍କା। ଆଉ କାହାକୁ ଦୁଇ ଲକ୍ଷ ଟଙ୍କା। ଦୁର୍ଦ୍ଦାନ୍ତ ଡି' ବ୍ରଦର୍ସଙ୍କ ନାଁରେ ଏମିତି ବଟି ମାଗୁଥିଲେ ଟ୍ୟୁସନ୍ ସାର। ଏପରି ଅଭିଯୋଗ ଆସିଛି କଟକ। ଏନେଇ ଅଭିଯୋଗ ହେବା ପରେ କମିଶନରେଟ୍ ପୁଲିସ୍ ମାମଲା ରୁଜୁ କରି ଟ୍ୟୁସନ୍ ସାର ଓ ତାଙ୍କ ସାଥୀଙ୍କୁ ଗିରଫ କରିଛି। ଢେଙ୍କାନାଳ ସଦର ଥାନାଅଞ୍ଚଳର ଦିଲ୍ଲୀପ ଦାସ ଓରଫ ବାବୁ ପେଶାରେ ଜଣେ ଶିକ୍ଷକ। ଟ୍ୟୁସନ୍ କରି ପରିବାର ଭରଣ ପୋଷଣ କରନ୍ତି। ହେଲେ ଅଭାବରେ ଚଳୁଥିବା ଦିଲ୍ଲୀପ ଲୋଭରେ ବଶବର୍ତ୍ତୀ ହୋଇଥିଲେ। ସେଥିପାଇଁ ସେ ଅପରାଧ ଦୁନିଆରେ ପାଦ ଥାପିଥିଲେ। ତାଙ୍କୁ ସହଯୋଗ କରିଥିଲେ ଜଗତସିଂପୁରର କମଳାକାନ୍ତ ବାରିକ ଓରଫ ମଣ୍ଟୁ। ଉଭୟ ମିଶି ଫୋନ୍ କରି ବଟି ମାଗୁଥିଲେ। ଡନ୍ ଧଳ ସାମନ୍ତ ବ୍ରଦର୍ସଙ୍କ ନାଁରେ ଧମକଚମକ ଦେଇ ବଟି ବାଗୁଥିଲେ। ପରେ ନିଜେ ଯାଇ ଟଙ୍କା ଆଦାୟ କରୁଥିଲେ। ଗତ ଜୁନରେ ଉଭୟ କଟକ ଛତ୍ରବଜାରରେ ଜଣେ ଗ୍ରୋସରୀ ଦୋକାନୀଙ୍କୁ ଫୋନ୍ କରିଥିଲେ। ବଟି ମାଗିଥିଲେ। ▶▶ପୃଷ୍ଠା ୭

## ସାପ ବିଷ ବ୍ୟବସାୟରେ ରହିଛି ଏଲଭିସଙ୍କ ସଂପୃକ୍ତି: ସହଯୋଗୀଙ୍କ ଫୋନକଲ ରେକର୍ଡ ଖୋଲିଲା ସତ

ନୂଆଦିଲ୍ଲୀ,୫/୧୧ : ବିଗବସ୍ ବିଜେତା ତଥା ପ୍ରସିଦ୍ଧ ୟୁଟ୍ୟୁବର ଏଲଭିସ ଯାଦବଙ୍କ ପାଇଁ ପୁଣି ଅଡୁଆ ବଢିଛି । ରେଭ୍ ପାର୍ଟିରେ ସାପ ବିଷ ବ୍ୟବହାରକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ରେଭ୍ ପାର୍ଟିର ଏଜେଣ୍ଟ ରାହୁଲ ଯାଦବ ଅନ୍ୟଜଣଙ୍କ ସହ କଥା ହେଉଛନ୍ତି । ଏହି ବାର୍ତ୍ତାଳାପ ଭିତରେ ସାପ ବିଷ ଓ ଏଲଭିସ୍ ଯାଦବଙ୍କ ନାମ ବାରମ୍ବାର ନିଆଯାଇଛି । ମେନକା ଗାନ୍ଧୀଙ୍କ ଲୋକମାନେ କଥା ହେଉଥିଲେ । ଏହି ବାର୍ତ୍ତାଳାପ ରେ ପିଏଫଏର ଟିମ ସାପ ଓ ସାପ ବିଷ ଚୋରା ଚାଲାଣର ପ୍ରମାଣ ମିଳିଛି । ଏହି ଷ୍ଟିଙ୍ଗ ଅପରେସନ କ୍ରମରେ ଏଲଭିସ ଯାଦବଙ୍କ ପାର୍ଟିରେ ସାପ



ହୋଇଛି। ଏହି ଅଭିଯୋଗକୁ ଏଲଭିସ ଖଣ୍ଡନ କରିଥିଲେ ବି ସହଯୋଗୀ ରାହୁଲଙ୍କ ପ୍ରମାଣ ଏବେ ଏଲଭିସଙ୍କ ପାଇଁ ଅଡୁଆ ବଢାଇଛି । ଏବେ ଦୁଇଟି ଅଡିଓ କ୍ଲିପ୍ ସାମ୍ନାକୁ ଆସିଛି । ଏଥିରେ ଏନଜିଓ ପିପୁଲ୍ସ ଫର ଆନିମାଲ ସାପ ଚୋରା ଚାଲାଣ କରୁଥିବା ବ୍ୟବସାୟୀଙ୍କ ଉପରେ ଏକ ଜାଲ ବିଛାଇ ଥିଲେ । ଅନେକ ଦିନ ହେବ ରାହୁଲ ଯାଦବ ନାମକ ଜଣେ ଯୁବକଙ୍କ ସହ ପିଏଫଏର ବିଷ ବ୍ୟବହାର ହେଉଥିବା କଥା କହିଛନ୍ତି । ସେପଟେ ନୋଏଡା-ଛତ୍ରପୁରରେ ହୋଇଥିବା ରେଭ୍ ପାର୍ଟିକୁ ନେଇ ରାହୁଲ କହୁଛନ୍ତି କି, ଏହି ପାର୍ଟିରେ ସେ ସାପ ବିଷ ଯୋଗାଇଥିଲେ । ▶▶ପୃଷ୍ଠା ୭

## ଥାନାରେ ପଶି ଭଙ୍ଗାରୁଜା କଲେ ୨୫ରୁ ୩୦ ଯୁବକ

ବରଗଡ଼ , ୫/୧୧ (ନି.ପ୍ର): ଥାନାରେ ପଶି ଭଙ୍ଗାରୁଜା କଲେ ୨୫ରୁ ୩୦ ଯୁବକ। ଖାଲି ଭଙ୍ଗାରୁଜା କରି ନାହାନ୍ତି, ଥାନାରେ ଖଞ୍ଜା ଯାଇଥିବା ସିସିଟିଭିକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ଥାନାରେ ଏକ ପ୍ରକାର ଲଙ୍କାକାଣ୍ଡ ରଚିଛନ୍ତି। ଆଜି ଅପରାହ୍ନରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନା ପରିସରରେ ଏପରି ଚିତ୍ର ଦେଖିବାକୁ ମିଳିଥିଲା। ତେବେ ଏଠି ପ୍ରଶ୍ନ ଉଠୁଛି, ଯେଉଁଠି ପୁଲିସ୍ ଅସୁରକ୍ଷିତ, ସେଠି ଅଞ୍ଚଳବାସୀ କେତେ ସୁରକ୍ଷିତ ରହିଥିଲେ ଆଜି ଦ୍ୱି' ପହରରେ ୨୫ରୁ ୩୦ ଜଣ ଯୁବକ ▶▶ପୃଷ୍ଠା ୭

## ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା: ସମସ୍ତ ନକ୍ସଲ କ୍ୟାମ୍ପ ଧ୍ୱଂସ

ଛତିଶଗଡ, ୫/୧୧: ଛତିଶଗଡରେ ନକ୍ସଲଙ୍କୁ ମୁହଁତୋଡ ଜବାବ ଦେଲେ ବିଏସଏଫ୍ ଯବାନ। ବିଜେପି ନେତାଙ୍କୁ ହତ୍ୟାର ୨୪ ଘଣ୍ଟା ମଧ୍ୟରେ ନକ୍ସଲ କ୍ୟାମ୍ପ୍ ଉଡାଇ ଦେଇଛନ୍ତି ବିଏସଏଫ୍ ଟିମ୍। ଗତକାଲି ନାରାୟଣପୁରରେ ଜଣେ ବିଜେପି ନେତାଙ୍କୁ ହତ୍ୟା କରିଥିଲେ ନକ୍ସଲ। ସୂଚନା ଅନୁସାରେ, ଆଜି ପୂର୍ବାହ୍ନରେ ଛତିଶଗଡର କାଙ୍କେର ଜିଲ୍ଲାର ଅନ୍ତଗଡ ଅଞ୍ଚଳରେ ବିଏସଏଫ୍ ଜବାନଙ୍କ ଏକ ଟିମ୍ ଏବଂ ନକ୍ସଲମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୀର୍ଘ ସମୟ ଧରି ସୁରକ୍ଷାକର୍ମୀ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ କ୍ଷୟକ୍ଷତିର ସୂଚନା ମିଳିନଥିଲେ ମଧ୍ୟ ନକ୍ସଲଙ୍କ ସମସ୍ତ କ୍ୟାମ୍ପକୁ ଧ୍ୱଂସ କରିଦେଇଛନ୍ତି ସୁରକ୍ଷାକର୍ମୀ। ଅନ୍ୟପଟେ, ଜଙ୍ଗଲରେ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ସ୍ଥାନୀୟ ପୁଲିସ ଏବଂ ବିଏସଏଫ ଫୋର୍ସ କମ୍ବିଂ ଅପରେସନକୁ ଜୋରଦାର କରିଛନ୍ତି। ସେପଟେ, ଛତିଶଗଡର ସୁକମା ଜିଲ୍ଲାରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟି ଜଣେ ମାଓବାଦୀ ମୃତ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ପୁଲିସକୁ ଟାର୍ଗେଟ କରି ଲ୍ୟାଣ୍ଡମାଇନ ଖଞ୍ଜୁଥିବା ସମୟରେ ବିସ୍ଫୋରଣ ଘଟିଛି।

## ଛତିଶଗଡ଼ ନିର୍ବାଚନ: ଭୋଟରଙ୍କ ପାଇଁ ପ୍ରତିଶ୍ରୁତି ପେଡ଼ି ଖୋଲିଲା କଂଗ୍ରେସ

ନୂଆଦିଲ୍ଲୀ,୫/୧୧ : ପାଖେଇ ଆସୁଛି ଛତିଶଗଡ ବିଧାନସଭା ନିର୍ବାଚନ। ଏହାକୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟ କଡ଼ା ଟକ୍କର ଦେଖିବାକୁ ମିଳିଛି। ମହାଦେବ ବେଟିଂ ଆପ୍‌ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ନାଁ ଆସିବା ପରେ ବିଜେପି ଏକ ପ୍ରକାରର ଆକ୍ରମଣାତ୍ମକ ମୁଡ୍‌ରେ ରହିଛି। ଛତିଶଗଡ଼ କଂଗ୍ରେସକୁ ଚାରିଆଡୁ ଟାର୍ଗେଟ କରୁଛି ବିଜେପି। ଏହାରି ଭିତରେ କଂଗ୍ରେସ ନିଜର ଘୋଷଣା ପତ୍ର ଜାରି କରିଛି। ଏଥିରେ ଭୋଟ ?ଙ୍କୁ ଆକୃଷ୍ଟ କରିବା ପାଇଁ ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଛି। ଦଳ ପକ୍ଷରୁ ଜାରି ହୋଇଥିବା ଏହି ଘୋଷଣା



ପତ୍ରକୁ ବିଶ୍ୱାର ଘୋଷଣା ପତ୍ର ବୋଲି କୁହାଯାଇଛି। ଦଳର ଘୋଷଣା ପତ୍ରରେ କୁହାଯାଇଛି ଯେ ଏଥର ମଧ୍ୟ ବର୍ଷ ୨୦୧୮ ଭଳି ଚାଷୀଙ୍କ ଋଣ ଛାଡ କରାଯିବ। ୨୦୧୮ରେ ନିର୍ବାଚନ ଜିତିବା ପରେ ୧୮.୫ ଲକ୍ଷ ଚାଷୀଙ୍କ ୯୨୭୨କୋଟି ଟଙ୍କାର ଋଣ ଛାଡ କରିଥିଲା ବୋଲି ଦଳ ଦାବି କରିଛି। ଏଥିସହ ଦଳ ନିର୍ବାଚନ ଜିତିବା ପରେ ଜାତିଗତ ଜନଗଣନା ମଧ୍ୟ କରିବାକୁ ପ୍ରତିଶୃତି ଦେଇଛି। ▶▶ପୃଷ୍ଠା ୭

## ପତ୍ରିକା ହିଁ ସ୍ରଷ୍ଟାମାନଙ୍କ ସର୍ଜନଶୀଳ ପ୍ରାଣରେ ସର୍ଜନାର ଅମ୍ଳଜାନ ଭରିଥାଏ

### ସୃଜନାକ୍ଷର 'ପୃଷ୍ଠାଦୃଷ୍ଟି' ପର୍ବରେ ଅତିଥି ମାନଙ୍କ ମତ ପ୍ରକାଶ




ବାଲେଶ୍ୱର, ୫/୧୧ (ନି.ପ୍ର): ସହର ପ୍ରବେଶ ଦ୍ୱାର କୁରୁଡ଼ା ଠାରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ର ସଭା ଗୃହରେ ପାରମ୍ପରିକ ତଥା ଡିଜିଟାଲ ସାହିତ୍ୟ ପତ୍ରିକା ର ଶରତ ସଂଖ୍ୟା୨୦୨୩ ର 'ପୃଷ୍ଠାଦୃଷ୍ଟି' ସମାରୋହ ବରିଷ୍ଠ କବି ଉମେଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଫେସର ରବିନାରାୟଣ ଦାସ ଏବଂ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ତଥା ଯଶସ୍ୱୀ ସ୍ତମ୍ଭକାର ଡ.ସୁବାସ ଚନ୍ଦ୍ର ପାତ୍ର ଏବଂ ବରେଣ୍ୟ ଅତିଥି ଭାବେ ଯଥାକ୍ରମେ ଡ.ରାଖଲ ଚନ୍ଦ୍ର ଘଡାଇ, 'ଧ୍ୱନିପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା , ସମାଜ ସେବୀ ଏବଂ ଆଡଭୋକେଟ ବିଜୟ ପାଣିଗ୍ରାହୀ , କବୀ ଶ୍ରଦ୍ଧାଞ୍ଜଳି ରାୟ,କବୀ ଯଶୋଧରା ଦାସ,କବି ଅଭୟ ଦାସ , ବରିଷ୍ଠ ପ୍ରଶାସକ ଚନ୍ଦନ ଷଡଙ୍ଗୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭ ରେ ସୃଜନାକ୍ଷର ପତ୍ରିକାର ସମ୍ପାଦକ ଡ.ରାଧାରଂଜନ ପଟ୍ଟନାୟକ , ଅତିଥି ମାନଂକୁ ମଞ୍ଚ ଆହ୍ୱାନ କରିବା ସହ 'ସୃଜନାକ୍ଷର' ପତ୍ରିକାରର ଅତିକ୍ରମଣୀୟ ଯାତ୍ରା ସମ୍ପର୍କରେ ନିଜ ମତ ରଖିଥିଲେ । ସୃଜନାକ୍ଷର କୁ ଦୁଇବର୍ଷ ଛୁଇଁଛି । ଏହା ତମାମ ରାଜ୍ୟର ସାହିତ୍ୟ ଜଗତରେ ଏକ ନବ ଚେତନାର ସ୍ୱତନ୍ତ୍ର ଚିନ୍ହ ରଖିପାରିଛି ବୋଲି ପରମ୍ପିକ ବକ୍ତବ୍ୟ ରେ କହିଥିଲେ । ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତାଙ୍କ ସମେତ ଅନ୍ୟ ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା 'ପୃଷ୍ଠାଦୃଷ୍ଟି' କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ପତ୍ରିକାର ପରିଚାଳନା ସମ୍ପାଦକ ଡ .ବଂଶୀଧର ଚୌଧୁରୀ 'ସୃଜନାକ୍ଷର' ସାହିତ୍ୟ ପତ୍ରିକା କିଭଳି ଖୁବ କମ ଦିନ ଭିତରେ ଓଡ଼ିଶା ତଥା ଓଡିଶା ବାହାରର ଅଗଣିତ ପାଠକ ମାନଂକୁ ଆପଣେଇ ପରିବାରେ ସଫଳ ହୋଇ ପାରିଛି, ସେ ସମ୍ପର୍କରେ ନିଜର ଅଭିବ୍ୟକ୍ତି ରଖିବା ସହ ପତ୍ରପତ୍ରିକା ହିଁ ଓଡ଼ିଆ ଭାଷା ଓ ସାହିତ୍ୟ ବିକାଶର ଗୋଟିଏ ଗୋଟିଏ ଦ୍ୱାର । ଏହା ସ୍ରଷ୍ଟା ମାନଙ୍କ ସର୍ଜନଶୀଳ ପ୍ରାଣରେ ଅମ୍ଳଜାନ ଭରିଥାଏ ବୋଲି ମତ ପ୍ରକାଶ କରିଥିଲେ । ସଭା କାର୍ଯ୍ୟ ପ୍ରାରମ୍ଭରେ କବି ଜଳଧର ପଣ୍ଡା ବେଦ ପାଠ କରି ପୃଷ୍ଠାଦୃଷ୍ଟି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ସମ୍ପ୍ରତି ନିରୋଳା ଆନନ୍ଦ ପାଇଁ ପତ୍ରିକା ପଢୁଥିବା ପାଠକ ଦୁଷ୍ପ୍ରାପ୍ୟ ହୋଇ ଗଲେଣି । ମୁଗ୍ଧ ପାଠକ ମାନଙ୍କ ଅପେକ୍ଷା ରେ ଲେଖକ ଟିଏ ପ୍ରତୀକ୍ଷା କରିଥାଏ । ସେଇ ମାନଙ୍କର ସମର୍ଥନ ରେ ତିଷ୍ଠି ରହେ ସାହିତ୍ୟ । ମାତ୍ର ଚଳମାନ ଡିଜିଟାଲ ଦୁନିଆ ରେ ଶ୍ରଦ୍ଧାଶୀଳ ପାଠକ ମାନଙ୍କର ଅଭାବ ହିଁ ଭାଷା ସାହିତ୍ୟ ପାଇଁ ପ୍ରଚଣ୍ଡ କ୍ଷତି ବୋଲି ମୁଖ୍ୟଅତିଥି ପ୍ରଫେସରଦାଶ ମତ ପ୍ରଦାନ କରିଥିଲେ । ଭଲ ମଣିଷ ହିଁ କାଳଜୟୀ ସୃଷ୍ଟି କରିପାରେ ବୋଲି ଅନ୍ୟତମ ଅତିଥି ସୃଷ୍ଟିଧର ପରିଡା ମତ ପ୍ରକାଶ କରିଥିଲେ । ଓଡିଆ ଭାଷାର ଅସ୍ତିତ୍ୱର ମୂଳ ଦୂଆ ଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଆ ପତ୍ର ପତ୍ରିକାର ଯଥେଷ୍ଟ ଅବଦାନ ରହିଛି ବୋଲି ମୁଖ୍ୟବକ୍ତା ଡ.ସୁବାସ ଚନ୍ଦ୍ର ପାତ୍ର ମତ ଦେବା ସହ ସୃଜନାକ୍ଷର ସାହିତ୍ୟ ▶▶ପୃଷ୍ଠା ୭

## ନୂଆପଡ଼ାରେ ସରୁନି ବାଘ ଆତଙ୍କ

ନୂଆପଡ଼ା, ୫/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ସଦର ରେଞ୍ଜ ଧରମବନ୍ଧା ସେକ୍ସନ କୋଦୋପାଲି ଗାଁରୁ ଗତକାଲି ରାତିରେ ଗୋଟିଏ କଲରାପତରିଆ ବାଘ ଧରାପଡ଼ିଥିବା ବେଳେ ଆଜି ଗ୍ରାମବାସୀ ନିକଟସ୍ଥ ଜଙ୍ଗଲରେ ଆଉ ଗୋଟିଏ କଲରାପତରିଆ ବାଘ ବୁଲୁଥିବା ଦେଖିବାକୁ ପାଇଛନ୍ତି। ଫଳରେ ଗାଁ ଲୋକେ ପୁଣି ଡରି ଯାଇଛନ୍ତି। ସେମାନଙ୍କଠାରୁ ଖବର ପାଇବା ପରେ ବନ କର୍ମଚାରୀମାନେ ସେଠାକୁ ଯାଇଥିବା ଜଣାପଡ଼ିଛି। ଗତକାଲି କୋଦୋପାଲି ଗାଁରୁ ଯେଉଁ ବାଘକୁ ବନ ବିଭାଗ ଯନ୍ତା ପକାଇ ଧରିଥିଲା, ତାହା ଏକ ମଣିଷଖିଆ ବାଘ। ସେ ଦୁଇ ଜଣଙ୍କୁ ମାରିଥିବା ବେଳେ ଆଉ ଜଣଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ଏହି ବାଘଟି ଗତକାଲି ରାତିରେ କୋଦୋପାଲି ଗାଁର ଏକ ଘରର ଛାତ ଉପରେ ଚଢ଼ି ଯାଇଥିଲା। ତାକୁ ଧରିବା ପାଇଁ ବନ ବିଭାଗ ଯନ୍ତା ପକାଇଥିଲା। ରାତି ପ୍ରାୟ ୧୧ଟା ବେଳେ ବାଘଟି ଯନ୍ତାରେ ପଡ଼ିଥିଲା। ଗତକାଲି ବିଳମ୍ବିତ ରାତିରେ ବାଘକୁ ନୂଆପଡ଼ା ରେଞ୍ଜ ଅଫିସ୍‌କୁ ଅଣାଯାଇଥିଲା। ଏହି କଲରାପତରିଆ ବାଘ ଗତ ୫ ଦିନ ମଧ୍ୟରେ ଦୁଇ ଜଣଙ୍କୁ ମାରିଥିବା ବେଳେ ଜଣଙ୍କୁ ଆକ୍ରମଣ କରି ଗୁରୁତର କରି ଦେଇଥିଲା। ଶୁକ୍ରବାର ସିଲିଆରିବାହାରା ଗାଁର ଜଣେ ମହିଳା ଜଙ୍ଗଲକୁ ଯାଇ ଆଉ ଫେରି ନଥିଲେ। ଗତକାଲି ବାଘଟି ତାଙ୍କୁ ମାରି ଖାଉଥିବାର ଲୋକେ ଦେଖିଥିଲେ। ସେହିପରି ଗତକାଲି ସନ୍ଧ୍ୟାରେ କୋଦୋପାଲି ଗାଁର ଜଣେ ୮ ବର୍ଷର ବାଳକକୁ ବାଘ ଝାମ୍ପି ନେଇଥିଲା। ତେବେ ଗ୍ରାମବାସୀ ବାଘକୁ ଦୌଡ଼ାଇ ଥିଲେ। ଏକାଧିକ ଲୋକଙ୍କୁ ଦେଖି ବାଘ ବାଳକକୁ ପକାଇ ଜଙ୍ଗଲକୁ ପଳାଇ ଯାଇଥିଲା। ବାଳକ ଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଥିଲେ ହେଁ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହା ପୂର୍ବରୁ ଗତ ୩୦ ତାରିଖରେ ବାଘଟି ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ କଟିଙ୍ଗପାଣି ଗାଁ ଗୋଧସପଡ଼ାରେ ଏକ ୮ ବର୍ଷର ନାବାଳକକୁ ମାରି ଦେଇଥିଲା ଏହି କଲରାପତରିଆ ବାଘ।

# ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ

ସୁବର୍ଣ୍ଣପୁର, ୦୫/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ଖରିଫଧାନ ସଂଗ୍ରହ ନିମନ୍ତେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ଶ୍ରୀଯୁକ୍ତ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଡିସେମ୍ବର ୬ ତାରିଖରୁ ଡୁଙ୍ଗୁରିପାଲି ଓ ବିନିକା ବ୍ଲକ ଏବଂ ଡିସେମ୍ବର ୧୦ ତାରିଖରୁ ବୀରମହାରାଜପୁର, ଉଲୁଣ୍ଡା, ସୋନପୁର ଓ ତରଭା ବ୍ଲକରେ ଖରିଫ ଧାନ କ୍ରୟ ନିମନ୍ତେ ନିର୍ଦ୍ଦିଷ୍ଟ ତାରିଖ ସ୍ଥିରୀକୃତ କରାଯାଇଛି । ଏଥି ନିମନ୍ତେ ଜିଲ୍ଲାର ବିଭିନ୍ନ ବ୍ୟବସ୍ଥିତ ୧୧୦ ଟି ଧାନ କ୍ରୟ କେନ୍ଦ୍ରରୁ ଯୋଗାଣ ନିଗମ ଧାନ କ୍ରୟ କରିବ । ଖରିଫ ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ, ମାତ୍ର ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ସେଥିପାଇଁ ରାଜ୍ୟ ସ୍ତରୀୟ କ୍ରୟ କମିଟି ନିଷ୍ପତି ଗ୍ରହଣ କଲାପରେ ଜଣାପଡିବ । ଚଳିତ ବର୍ଷ ଏଫଏକ୍ୟୁ ଧାନର ସର୍ବନିମ୍ନ ସହାୟକ ସରକାରୀ ଧାର୍ଯ୍ୟ ମୂଲ୍ୟ ୨୧୮୩ ଟଙ୍କା ରହିଥିବା ବିଭାଗ ତରଫରୁ ସୂଚନା ଦିଆଯାଇଛି । ମଣ୍ଡି ଗୁଡିକ ରବିବାର ବ୍ୟତୀତ ସପ୍ତାହକ ୬ ଦିନ ଖୋଲା ରହିବା ସହିତ ସକାଳ ୮ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ । ଚଳିତ ବର୍ଷ ଖରିଫ ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୬୭୧୨୨ ଜଣ ଚାଷୀ ପଂଜିକୃତ ହୋଇଥିବା ବେଳେ ସମସ୍ତ ଚାଷୀ ଭେଲିଡେଟେଡ୍ ହୋଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ସମସ୍ତ ମଣ୍ଡି ଗୁଡିକରେ କୌଣସି ପ୍ରକାର ଅସୁବିଧାକୁ ସମ୍ମୁଖୀନ ଓ ପ୍ରତିହତ କରିବା ନିମନ୍ତେ ପାନୀୟ ଜଳ, ବିଜୁଳି, ଟ୍ରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳ ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ଖରିଫ ଧାନ ବିକ୍ରୟକୁ ସହଜ ଓ ସୁବିଧାରେ କରିପାରିବ ସେଥିପାଇଁ ଜିଲ୍ଲାର ଚାଷୀଙ୍କୁ ଆବଶ୍ୟକ ସଚେତନ କରାଇବା ନିମନ୍ତେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି । ଉପସ୍ଥିତ ଚାଷୀ ପ୍ରତିନିଧି ଓ ମିଲର୍ସଙ୍କ ତରଫରୁ ଚଳିତ ବର୍ଷ ରବି ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିବା ଓ ଚଳିତ ବର୍ଷ ତ୍ରୁଟି ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱଦେବା ସହ ଖରିଫ ଧାନ କ୍ରୟକୁ ସୁ ବ୍ୟବସ୍ଥିତ କରାଯିବାକୁ ଜିଲ୍ଲାପାଳ ଶ୍ରୀ ରାୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ସଂସ୍ଥାକୁ ପରାମର୍ଶ ଦେଇଛନ୍ତି ତତସହ ଉକ୍ତ ସମୟରେ ଧାନ ସଂଗ୍ରହ ସମ୍ପର୍କିତ ଚାଷୀଙ୍କ ବିଭିନ୍ନ ସମସ୍ୟା, ଅଭିଯୋଗ ଉପରେ ତୁରନ୍ତ ସମାଧାନ ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଉତ୍ସର୍ଗୀକୃତ ଯୋଗାଯୋଗ ନମ୍ବର ସହ କାର୍ଯ୍ୟାଳୟରେ କଂଟ୍ରୋଲ ରୁମ୍ ଖୋଲିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ବିଧାୟକ ବୀରମହାରାଜପୁର ପଦ୍ମନାଭ ବେହେରା ଯୋଗଦାନ କରି ଜିଲ୍ଲାରେ ଚାଷ ଓ ଚାଷୀର ଗୁରୁତ୍ୱାରୋପ କରିବାସହ ଜିଲ୍ଲାରେ ଖରିଫ ଧାନ କ୍ରୟ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଓ ସୁଚାରୁରୂପେ ପରିଚାଳନା ନିମନ୍ତେ ଧାନ ସଂଗ୍ରହ କେନ୍ଦ୍ର ଗୁଡିକରେ ଭିତିଭୂମିକୁ ଯଥୋଚିତ ପ୍ରସ୍ତୁତି ପାଇଁ ପ୍ରଶାସନ ତଥା ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଲା, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡଃ. ବିଭୁତି ଭୂଷଣ ମିଶ୍ର, ଉପଜିଲ୍ଲାପାଳ ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଓ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ମନ୍ତ୍ରୀ ତଥା ବିଧାୟକ ସୋନପୁରଙ୍କ ପ୍ରତିନିଧି ମକରଧ୍ୱଜ ସାହୁ ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ, ସମ୍ପାଦକ ନିୟନ୍ତ୍ରିତ ବଜ଼ାର କମିଟି, ଜିଲ୍ଲା ସମବାୟ ଉପନିବନ୍ଧକ ସୁବର୍ଣ୍ଣପୁର, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତା, ମିଲର୍ସ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ରାୟ ସଭା ପରିଚାଳନା କରିଥିବାବେଳେ ସୁରେଶ ପାଣିଗ୍ରାହୀ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ବୈଠକରେ ସ୍ୱାଗତ କରିବା ସହ ଅଧ୍ୟକ୍ଷଙ୍କ ଅନୁମତିରେ ବିବରଣୀ ପାଠ କରିଥିଲେ । ସଭା ଶେଷରେ ଏସିଏସଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଳ ଯାତ୍ରା ସମୟରେ ଦୀପାବଳୀ ଆତସବାଜି ଓ ଫଟକା କିମ୍ବା ଦହନଶୀଳ ପଦାର୍ଥ ପରିବହନ ବିରୋଧ ସଚେତନତା

ସମ୍ବଲପୁର, ୦୫/୧୧ (ନି.ପ୍ର): ଟ୍ରେନ୍ ଯାତ୍ରା ସମୟରେ ଦହନଶୀଳ ପଦାର୍ଥ ଯଥା ଫଟକା, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ୍, କିରୋସିନି ଇତ୍ୟାଦି ଜ୍ୱଳନ୍ତ ତଥା ବିସ୍ଫୋରକ ଜିନିଷ ପରିବହନ କରିବା ରେଳବାଇ ଅଧିନିୟମ, ୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ ଏବଂ ଅପରାଧୀ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ । ଟ୍ରେନ୍ ଯାତ୍ରାକୁ ଅଧିକ ନିରାପଦ କରିବା ପାଇଁ ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛି ଏବଂ ପରିବହନ ନକରିବା ସହ ସେମାନଙ୍କ ସହ-ଯାତ୍ରୀମାନଙ୍କୁ ଜ୍ୱଳନ୍ତ କିମ୍ବା ବିସ୍ଫୋରକ ଜିନିଷ ଟ୍ରେନରେ ବହନ ନ କରିବାକୁ ପରାମର୍ଶ ଦେଇଛି । ପବିତ୍ର ଦୀପାବଳି ପାଖେଇ ଆସୁଛି, ତେଣୁ ପୂର୍ବ ତଟ ରେଳପଥ ଯାତ୍ରୀ ଏବଂ ମେଲ / ଏକ୍ସପ୍ରେସ ଟ୍ରେନରେ ଫଟକା ଅଥବା ବିସ୍ଫୋରକ ପଦାର୍ଥ ପରିବହନକୁ ବାରଣ ପାଇଁ କଡା ପଦକ୍ଷେପ ଗ୍ରହଣ କରିଛି । ଟ୍ରେନ୍ ଯାତ୍ରା ସମୟରେ ଜ୍ୱଳନ୍ତ ଜିନିଷ ବହନ କରିବା କଠୋର ନିଷେଧ । ଦୀପାବଳୀ ଉତ୍ସବ ସମୟରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଟ୍ରେନରେ ଜ୍ୱଳନ୍ତ ଜିନିଷ ବହନ ନକରିବା ପାଇଁ ଏକ ସ୍ୱତନ୍ତ୍ର ସୁରକ୍ଷା ପ୍ରକ୍ରିୟା ପୂର୍ବତଟ ରେଳପଥ ପକ୍ଷରୁ ଆରମ୍ଭ କରାଯାଇ ଏହାର ସମସ୍ତ ତିନୋଟି ରେଳବାଇ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲଟ୍ୟୋରକୁ କଡା ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଛି । ରେଳ ଯାତ୍ରା ସମୟରେ ଯାତ୍ରୀ ମାନଙ୍କ ଚଳପ୍ରଚଳ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପୂର୍ବତଟ ରେଳପଥ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛି । ଉଭୟ ଯାତ୍ରୀ ଓ ରେଳ ନିରାପତା ପାଇଁ ଉଭୟ ରେଳବାଇ ସୁରକ୍ଷା ବଳ ଓ ସରକାରୀ ରେଳବାଇ ପୋଲିସକୁ ସଜାଗ ରଖାଯାଇଛି । ଏହା ବ୍ୟତୀତ ଯାତ୍ରୀମାନଙ୍କ ସୁରକ୍ଷା ଓ ନିରାପତା ପାଇଁ ଟ୍ରେନ ଟିକେଟ ଯାଂଚ୍ କର୍ମଚାରୀ, କୋଚ ଆଟେଣ୍ଡାଂଟ, ଟ୍ରେନ ମ୍ୟାନେଜର, ଷ୍ଟେସନ ମ୍ୟାନେଜର ମାନଙ୍କୁ ମଧ୍ୟ ଯାତ୍ରୀମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଅଛି । ଯଦି କୌଣସି ଯାତ୍ରୀ ଜ୍ୱଳନ୍ତ ଜିନିଷ କିମ୍ବା ଆତସବାଜି ନେଉଥିବାର ଦେଖାଯାଏ, ତେବେ ଟ୍ରେନ ଯାତ୍ରୀମାନଙ୍କୁ ବିପଦରୁ ରକ୍ଷା କରିବା ପାଇଁ ସହ-ଯାତ୍ରୀମାନଙ୍କୁ ରେଳ ସୁରକ୍ଷା ବଳ (ଆରପିଏଫ) ଏବଂ ସରକାରୀ ରେଳ ପୋଲିସ (ଜିଆରପି) କର୍ମକର୍ତା, ଟିଟିଇ, କୋଚ ଆଟେଣ୍ଡାଂଟ, ଷ୍ଟେସନ ପରିଚାଳକ, ଟ୍ରେନର ମ୍ୟାନେଜର ମାନଙ୍କୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ଯାତ୍ରୀମାନେ ଟ୍ରେନ୍ ଚଳାଚଳ ସମ୍ବନ୍ଧୀୟ କୌଣସି ଘଟଣା ବିଷୟରେ ଜଣାଇବାକୁ ହେଲ୍ପ ଲାଇନ୍ ନମ୍ବର ୧୩୯ କୁ ଫୋନ କଲ କରିପାରିବେ । ଟ୍ରେନ୍ ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ଫଟକା ଏବଂ ବିସ୍ଫୋରକ ପଦାର୍ଥ ପରିବହନ କରିବାର ବିପଦ ବିଷୟରେ ଅବଗତ କରାଇବା ପାଇଁ ପୂର୍ବତଟ ରେଳପଥ ସୁରକ୍ଷା ବିଭାଗ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଛି । ଫଟକା ପରିବହନ ନେଇ କୌଣସି ସନ୍ଦେହ ହେଲେ ଏହି ପରିପ୍ରେକ୍ଷୀରେ ଯାତ୍ରୀମାନେ ରେଳବାଇ କର୍ମଚାରୀଙ୍କୁ ଜଣାଇବାକୁ କୁହାଯାଇଛି ଏବଂ ରେଳବାଇ ପକ୍ଷରୁ ଟ୍ରେନରେ ଏହି ଅନିୟମିତତା ସମ୍ବନ୍ଧରେ କଡାକଡି ଯାଂଚ୍ କରାଯାଉଛି । ପ୍ରତ୍ୟେକ ଷ୍ଟେସନରେ ସର୍ବସାଧାରଣ ଘୋଷଣା ବ୍ୟବସ୍ଥା ମାଧ୍ୟମରେ ଯାତ୍ରୀମାନଙ୍କୁ ସଚେତନ କରିବା ପାଇଁ ସଚେତନତା ଅଭିଯାନ ମଧ୍ୟ ଗ୍ରହଣ କରାଯାଇଛି । ସରକାରୀ ରେଳ ପୋଲିସ (ଜିଆରପି), ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସହ ସମନ୍ୱୟ ରକ୍ଷା କରି ରେଳ କର୍ମଚାରୀଙ୍କୁ ନିୟୋଜିତ କରି ଅନିୟମିତତା ସମ୍ବନ୍ଧରେ ଯାଂଚ୍ କରାଯିବ ଏବଂ ପାର୍ସଲ୍ ଭ୍ୟାନ୍ ମାନଙ୍କରେ କିମ୍ବା ଲଗେଜ୍ ଲୋଡିଂ ସମୟରେ କଡାକଡି ଯାଂଚ୍ ପାଇଁ ବିଶେଷ ଧ୍ୟାନ ଦିଆଯାଉଅଛି । ଏତଦ୍ ବ୍ୟତୀତ ଟ୍ରେନ୍ ଏବଂ ଷ୍ଟେସନରେ ଜ୍ୱଳନ୍ତ ଜିନିଷ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଟ୍ରେନ୍ ଏସକର୍ଟିଂ ଦଳ ଏବଂ ମେରୀ ସହେଲୀ ଦଳମାନଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଛି ।

## ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗୀତା ପାଇଁ ତିନି ଛାତ୍ରୀ ମନୋନୀତ

ସୁବର୍ଣ୍ଣପୁର, ୦୫/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ତିନି ଜଣ ଛାତ୍ରୀ ରାଜ୍ୟ ସ୍ତରୀୟ ଦୌଡ଼ ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ସହଲା ଆଦିବାସୀ ପଂଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହେଉଥିବା ଜିଲ୍ଲା ସ୍ତରୀୟ ଦୌଡ଼ ପ୍ରତିଯୋଗୀତାରେ ଉକ୍ତ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏଥିରେ ପ୍ରିତିମୟୀ ଭୁକ୍ତା ୮୦୦, ୧୫୦୦, ୩୦୦୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ଅର୍ଚ୍ଚିତା ପ୍ରଧାନ ୧୦୦, ୨୦୦, ୪୦୦ ମିଟର ଦୌଡରେ ପ୍ରଥମ ହୋଇଥିଲେ । ଏବଂ ଦେବସ୍ମିତା ପ୍ରଧାନ ୬୦୦ ମିଟର ଦୌଡରେ ପ୍ରଥମ ସ୍ଥାନରେ ପହଂଚି ଥିଲେ । ଉଭୟ ତିନି ଜଣ ଛାତ୍ରୀ ରାଜ୍ୟ ସ୍ତରୀୟ ଦୌଡ଼ ପ୍ରତିଯୋଗୀତାରେ ମନୋନୀତ ହୋଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି । ଆସନ୍ତା ୮ ତାରିଖ ଦିନ ସୁନ୍ଦରଗଡ଼ ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଦୌଡ଼ ପ୍ରତିଯୋଗୀତାରେ ଏମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ।

## କିଶୋର ନ୍ୟାୟାଳୟ ସ୍ୱତନ୍ତ୍ର କାର୍ଯ୍ୟାଳୟ ଉଦ୍‌ଘାଟିତ

ବଲାଙ୍ଗୀର, ୦୫/୧୧ (ନି.ପ୍ର): ସ୍ଥାନୀୟ ପାଟଣାଗଡ଼ ରୋଡ଼ସ୍ଥିତ କିଶୋର ନ୍ୟାୟାଳୟର ନୂତନ କୋଠା ଉଦ୍ ?ଘାଟିତ ହୋଇଯାଇଛି । ଜିଲ୍ଲା ଓ ଦୌରାଜଜ୍ ଲଲାଟେନ୍ଦୁ ଜେନା, ଜିଲ୍ଲାପାଳ ଚଂଚଳ ରଣା ଏବଂ ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଧାନଦେଓ ଏହି ନୂତନ କୋଠାକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ସିଭିଲ କୋର୍ଟ ରେଜିଷ୍ଟ୍ରାର ଚରଣଜିତ୍ ଓରମ, ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ଓକିଲ ସଂଘ ସଂପାଦକ ଅମନ ନାଗ, ସରକାରୀ ଓକିଲ ସଞ୍ଜିବ ନାଥ ଏବଂ ସମସ୍ତ ବିଚାରପତି ତଥା ସିଭିଲ କୋର୍ଟ କର୍ମଚାରୀ ବୃନ୍ଦ ଯୋଗ ଦେଇଥିଲେ । କୋର୍ଟ ମ୍ୟାନେଜର ସୁମନ ଆଚାର୍ଯ୍ୟ, ଡ଼େପୁଟି ଆଡ଼୍‌ମିନିଷ୍ଟ୍ରେଟର ଶୁଭ୍ରାଂଶୁ ବାଗ, ଆସିଷ୍ଟାଂଟ ଆଡ୍‌ମିନିଷ୍ଟ୍ରେଟର ସୁବ୍ରତ କୁମାର ମିଶ୍ର, ସୁଜିତ କୁମାର ସ୍ୱାଇଁ ଏବଂ ଆଶୁତୋଷ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଯୋଗଦାନ ଦେଇଥିଲା ।

# ମାଲକାନଗିରି ଜିଲ୍ଲାର ୨ଟି ନିର୍ବାଚନ ମଣ୍ଡଳୀକୁ ମିଳିଛି ୫୫.୫୦ କୋଟି ଟଙ୍କା

ମାଲକାନଗିରି, ୦୫/୧୧ (ନି.ପ୍ର): ରାଜ୍ୟ ସରକାରଙ୍କର ଗ୍ରାମାଭିମୂଖୀ ମହତ୍ୱକାଂକ୍ଷୀ ଯୋଜନା 'ଆମ ଓଡିଶା ନବୀନ ଓଡିଶା' ମାଧ୍ୟମରେ ନୂଆ ଓଡିଶା ସଶକ୍ତ ଓଡିଶା ଗଠନର ଭିତିଭୂମିକୁ ସୁଦୃଢ କରିବା ପାଇଁ ଆରମ୍ଭ ହୋଇଛି ଅଭିଯାନ । ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଂଚାୟତ, ପ୍ରତି ଗାଁ । ଆଜି ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ୧୦ମ ଦିନରେ ମାଲକାନଗିରି ଜିଲ୍ଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ପ୍ରତି ପଂଚାୟତ ପାଇବେ ୫୦ ଲକ୍ଷ ଟଙ୍କା । ମାଲକାନଗିରି ଜିଲ୍ଲାର ୨ଟି ନିର୍ବାଚନ ମଣ୍ଡଳୀକୁ ମିଳିଛି ୫୫.୫୦ କୋଟି ଟଙ୍କା । ଏହି ନିର୍ବାଚନମଣ୍ଡଳୀ ଗୁଡିକ ହେଲା – ଚିତ୍ରକୋଣ୍ଡା ଓ ମାଲକାନଗିରି । ଏହିସବୁ ନିର୍ବାଚନମଣ୍ଡଳୀର ୭ଟି ବ୍ଲକ୍ର ୧୧୧ଟି ଗ୍ରାମପଂଚାୟତରେ ୧୪୩୦ଟି ପ୍ରକଳ୍ପ ହେବ । ମାଲକାନଗିରି ଜିଲ୍ଲାର ୨ଟି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା । 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ପାଇଁ ଲୋକଙ୍କ ଭିତରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ଜରିଆରେ ଓଡିଶାର ସଂସ୍କୃତିର ମୂଳ ଭିତିକୁ ସୁଦୃଢ କରାଯିବା ସହିତ ଡିଜିଟାଲ ଭିତିଭୂମିର ମଧ୍ୟ ବିକାଶ କରାଯିବ । ଏକ ଆକାଂକ୍ଷୀ ଓଡିଶା ଗଠନ ପାଇଁ ଏହା ହେବ ମୂଳ ଭିତି । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତିଭୂମିର ଉନ୍ନତି ଆମର ଗାଁଗୁଡିକୁ ବିକାଶର ଶିଖରରେ ପହଂଚାଇବ । 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଗ୍ରାମ ବିକାଶ କ୍ଷେତ୍ରରେ ସାରା ଭାରତବର୍ଷ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଲେ ଯେ, ଆମର ସୁଦୃଢ ସାଂସ୍କୃତିକ ଭିତିଭୂମିରୁ ଆଧୁନିକ ବୈଷୟିକ ଜ୍ଞାନର ବିସ୍ତୃତ ଦିଗ୍ୱଳୟକୁ ଛୁଇଁବା ନିମନ୍ତେ ନୂଆ ଓଡିଶା ତା'ର ଡେଣାକୁ ଆହୁରି ପ୍ରସାରିତ କରି ନୂଆ ଶିଖରରେ ପହଂଚିବ ଏବଂ ଆମେ ଗଢିବା ନୂଆ ଓଡିଶା ନବୀନ ଓଡିଶା । ଗାଁର ବିକାଶ ଆମର ଲକ୍ଷ୍ୟ । ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଂଟି । ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ । ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ । ବିକଶିତ ଗାଁ ହେବ ଆଧୁନିକ ଓଡିଶାର ପରିଚୟ । ଓଡିଶା ହେଉଛି ଜଗନ୍ନାଥଙ୍କ ଭୂମି । ବିଶ୍ୱ ପ୍ରେମ, ଶାନ୍ତି, ସଦ୍ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତା । ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି । ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ । ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ । ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ । ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଗାଁରେ ଡିଜିଟାଲ ଭିତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ । ଗାଁରେ ଇଂଟରନେଟ୍ ସଂଯୋଗ ମିଳିବ । ବିଜ୍ଞାନ ପାର୍କ ହେବ । ଦକ୍ଷତା ବିକାଶ କେନ୍ଦ୍ର ହେବ । ୱାର୍କ ହବ ହେବ । ବ୍ୟାଙ୍କିଙ୍ଗ ସୁବିଧା ମିଳିବ । ଏହି କାର୍ଯ୍ୟକ୍ରମରେ ଗାଁର ପ୍ରାଥମିକ ବିଦ୍ୟାଳୟ ଗୁଡିକ ମଧ୍ୟ ସାମିଲ ହେବ । ଏହା ଆମର ଯୁବ ସମାଜ ପାଇଁ, ମା'ମାନଙ୍କ ପାଇଁ, ଚାଷୀ ଭାଇ ଭଉଣୀ ମାନଙ୍କ ପାଇଁ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅମାପ ସୁଯୋଗ ଆଣିବ ଏବଂ ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡିଶାର ପରିଚୟକୁ ଆହୁରି ଉଜ୍ଜଳ କରିବ । ଏହି ନୂଆ ଓଡିଶାରେ ଆମର ଭିତିଭୂମି ହେବ ସୁଦୃଢ ଓ ଡେଣା ହେବ ଶକ୍ତ ଏବଂ ଆକାଂକ୍ଷୀ ଓଡିଶା ପରିକଳ୍ପନା ପାଇବ ସାକାର ରୂପ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଫାଇଭ-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଥିଲେ । ଫାଇଭ-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ, ସମସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଆଗକୁ ବଢିବାର ବାଟ ଖୋଲିଛନ୍ତି । ସମସ୍ତଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ହେଉଛି ୫ମ ପାଳି । ଏଥିରେ ସେ ମା'ମାନଙ୍କ ପାଇଁ ୫ଟି ଉପହାର ଦେଇଛନ୍ତି । ୫ ଟଙ୍କାରେ ଆହାର, ୫ ଟଙ୍କାରେ ଲକ୍ଷ୍ମୀ ବସ, ମମତା ଯୋଜନାରେ ୫ ହଜାର ଟଙ୍କା, ମିଶନ ଶକ୍ତିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ, ମା' ମାନଙ୍କ ପାଇଁ ଆଉ ୫ ଲକ୍ଷ ଟଙ୍କା ଦିଆଯାଉଛି ବୋଲି ଫାଇଭ-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଥିଲେ ।

## ସହଯୋଗ ଫାଉଣ୍ଡେସନ୍ ଦ୍ୱାରା କପଡା ବ୍ୟାଙ୍କ ପ୍ରତିଷ୍ଠା ଏବଂ ବଂଟନ

ବଲାଙ୍ଗିର, ୦୫/୧୧ (ନି.ପ୍ର): ଆସନ୍ତୁ ଆମେ ସମସ୍ତେ ଆସନ୍ତା ପର୍ବ ପର୍ବାଣି ଏପରି ଭାବରେ ପାଳନ କରିବା ଯାହା ଅନ୍ୟମାନଙ୍କ ଜୀବନରେ ଉତ୍ସାହର ରଙ୍ଗ ଭରି ପାରିବ । ଏହିପରି କିଛି କରିବା ପାଇଁ ସହଯୋଗ ଫାଉଣ୍ଡେସନ୍ ଦୀପାବଳି ଅବସରରେ ଅଭାବୀ ଏବଂ ଗରିବ ଲୋକମାନଙ୍କ ମଧ୍ୟରେ ପୋଷାକ ବଂଟନ କରି ଦୀପାବଳିକୁ ରଙ୍ଗୀନ କରିବା ପାଇଁ ଚେଷ୍ଟା କରିଛି । ସହଯୋଗ ଫାଉଣ୍ଡେସନର କର୍ମକର୍ତା ମାନେ କପଡା ବ୍ୟାଙ୍କ ଗଠନ କରି ପୋଷାକ ବଂଟନ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ସଂଯୋଜକ ଗଜାନନ ଅଗ୍ରୱାଲ ଏବଂ ପ୍ରଭାତ ଶ୍ରୀବାସ୍ତବ କହିଛନ୍ତି ଯେ, ସମାଜର ଶେଷ ବ୍ୟକ୍ତି ସେବା ପାଇଁ ପ୍ରଥମ ଯୋଗ୍ୟ, ତାଙ୍କ ମୁହଁର ସୁଖ ଆମର ପ୍ରଥମ କର୍ତବ୍ୟ ହେବା ଉଚିତ୍, ଯାହାଦ୍ୱାରା ହିଁ ସମାଜ ସମାନ ଭାବରେ ଅଗ୍ରଗତି କରିବାକୁ ସକ୍ଷମ ହେବ । ଏହି କପଡା ବ୍ୟାଙ୍କ ବିଷୟରେ ନିଜ ଅଂଚଳର ତଥା ଆଖପାଖର ଅଭାବୀ ଲୋକଙ୍କୁ ଜଣାଇବାକୁ ସେ ନିବେଦନ କରିଛନ୍ତି ଏବଂ ଏହି ଅଭିଯାନରେ ଆମ ସହିତ ସମାଜର ବିଭିନ୍ନ ବର୍ଗ ର ଲୋକ ଯୋଗ ଦେବାକୁ ଅନୁରୋଧ କରିଛନ୍ତି । ଆଜିର ବସ୍ତ୍ର ବଂଟନ କାର୍ଯ୍ୟକ୍ରମ ଦ୍ୱାରା ୨୦୦୦ ରୁ ଅଧିକ ଲୋକ ଉପକୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସନ୍ତୋଷ ଲାଲ, ପୀୟୁଷ ଅଗ୍ରୱାଲ, ପରେଶ ଅଗ୍ରୱାଲ, ଡ଼କ୍ଟର ପଂଚାନନ ପ୍ରଧାନ, ସୁଦୀପ୍ତ ତ୍ରିପାଠୀ, ତୋଫାନ ପାତ୍ର, ବାବୁଲା କେଡ଼ିଆ, ଅଚ୍ୟୁତ, ଶଙ୍କର, ଅତୁଳ ଅଗ୍ରୱାଲ, ନେହେରୁ ଅଗ୍ରୱାଲ ଏବଂ ରାଜେଶ ତ୍ରିପାଠୀ ସହଯୋଗ କରିଥିଲେ । ସହଯୋଗ ଫାଉଣ୍ଡେସନର ସମ୍ପାଦିକା ପିଙ୍କି ମୋଦୀ କହିଛନ୍ତି ଯେ, ଆଗାମୀ ଦିନରେ ଥଣ୍ଡାକୁ ଦୃଷ୍ଟିରେ ରଖି ଗରିବ ବସ୍ତିରେ କମ୍ବଳ, ଗରମ କପଡା ବଣ୍ଟନ ଏବଂ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ।

# ଶିଶୁବିଦ୍ୟାମନ୍ଦିର ଶାରଦା ବିହାର ଜୟପୁରରେ ବିଜ୍ଞାନମେଳା ଅନୁଷ୍ଠିତ

ଜୟପୁର, ୦୫/୧୧ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ରୋଟାରୀ କ୍ଲବ ଏବଂ ଗଣପତି ଫାଉଣ୍ଡେସନ୍ ଆନୁକୁଲ୍ୟରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନମେଳାର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପ୍ରଧାପକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଡଃ. ବି.ସି. ସାବତ, ଅଧ୍ୟକ୍ଷ, ଗଣପତି ଫାଉଣ୍ଡେସନ୍ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ପ୍ରଧାନ, ପ୍ରଧାପକ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ତଥା ବିଦ୍ୟାଳୟର ଉପସଭାପତି ଓ ବିଦ୍ୟାଳୟର ସଂପାଦକ ପଙ୍କଜ ପାତ୍ର ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ରୋଟାରୀ କ୍ଲବ୍ ର ସଭାପତି ଅଶୋକ ମିଶ୍ର, ସଂପାଦକ ସୁରେଶ ପାଣିଗ୍ରାହୀ ଏବଂ ଜି.ଭି. ରାଓ, ମୁରଲୀଧର ସାବତ, ଅଜିତ୍ ପାତ୍ର, ରତ୍ନାକର ଚୌଧୁରୀ, ରାମହରି ପଣ୍ଡା, କେ. ବ୍ରହ୍ମା, ରବି ନନ୍ଦ, ଆରତୀ ମିଶ୍ର, ସି.ସାବିତ୍ରୀ, ସ୍ୱାତୀ ହୋତା, ପ୍ରଦୀପ ସାହୁ ବିଜ୍ଞାନମେଳାରେ ଉପସ୍ଥିତ ଥିଲେ । ଜୟପୁର ସହରର ବିଭିନ୍ନ ବିଦ୍ୟାଳୟରୁ ସର୍ବମୋଟ ୧୪୦ଟି ପ୍ରକଳ୍ପ ନେଇ ଶିଶୁମାନେ ଉପସ୍ଥିତ ରହି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ବିଚାରକ ମଣ୍ଡଳୀ ଭାବେ ପୂର୍ବତନ ଅଧ୍ୟକ୍ଷା ସି. ସାବିତ୍ରୀ, ବି.ବି. ନନ୍ଦ, ରସାୟନ ବିଜ୍ଞାନ ବିଭାଗ, ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ, ଓମ୍ ପ୍ରକାଶ ମିଶ୍ର, ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ, ଡଃ. ଉଜ୍ଜ୍ୱଳ କୁମାର ଷଡଙ୍ଗୀ, ରସାୟନ ବିଜ୍ଞାନ, ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ଶିଶୁମାନଙ୍କ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ । କାର୍ଯ୍ୟକ୍ରମ ପରିଶେଷରେ କୃତୀ ଶିଶୁଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପ୍ରକଳ୍ପର ବିଷୟ ମଧ୍ୟରେ ବିଜ୍ଞାନର ନୂତନ ପ୍ରୟୋଗ ତଥା ବୈଷୟିକ ଜ୍ଞାନ ଆଧାରିତ ଜ୍ଞାନ କୌଶଳ, ପରିବେଶ ସ୍ୱଚ୍ଛତା ଏବଂ ଯାତାୟତ ପରିବହନ ଆଧାରିତ ନମୁନା ଅନ୍ୟତମ ଥିଲା । ପ୍ରଧାନାଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ପାଳନ କରାଯାଇଥିଲା ।

# ଗଛରେ ଧକ୍କାଦେଲା କାର୍: ଜଣେ ମୃତ, କାର ଚାଳକ ସମେତ ଦୁଇ ଗୁରୁତର

କନ୍ଧମାଳ, ୦୫/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ନିକଟରେ ଏକ କାର ରାସ୍ତା କଡରେ ଥିବା ଏକ ଗଛରେ ଭାରସାମ୍ୟ ହରାଇ ପିଟିହେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ କାର ଚାଳକଙ୍କ ସମେତ ଦୁଇ ଜଣ ଗୁରୁତର ଭାବରେ ଆହତ ହୋଇଥିବା ଜଣାପଡିଛି । ମୃତ ଓ ଗୁରୁତର ବ୍ୟକ୍ତି ତିନି ବନ୍ଧୁ ବୋଲି ଜଣାପଡ଼ିଥିବା ବେଳେ ମୃତକ ଜଣକ କଟକ ଜିଲ୍ଲା ବଡମ୍ବା ଥାନା ଗୋପୀନାଥପୁର ଗାଁ ର ଦୁଃଶାସନ ବେହେରା ଓ ଗୁରୁତର ଆହତ ହୋଇଥିବା ଦୁଇ ଜଣ ବ୍ୟକ୍ତି ସେହି ଗୋପୀନାଥ ପୁର ଗାଁ ର ଚନ୍ଦ୍ରକାନ୍ତ ସାହୁ ଓ ପଦ୍ମଚରଣ ସୁବୁଦ୍ଧି ବୋଲି ଜଣାପଡିଛି । ସୂଚନା ଅନୁସାରେ, ଏହି ତିନି ବନ୍ଧୁ ମିଶି ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲ ଗୁଡିକୁ ତୁଳା ଓ ବେଣ୍ଡିଜ କପଡା ଯୋଗାଇବାର ବ୍ୟବସାୟ କରୁଥିଲେ । ଏହି ବ୍ୟବସାୟ ପାଇଁ ସେମାନେ ରାୟଗଡା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିର ବିଭିନ୍ନ ମେଡିକାଲରୁ ଅର୍ଡର ନେଇ ନିଜ ଗାଁ କୁ ଫେରୁଥିବା ସମୟରେ ଶୁକ୍ରବାର ବିଳମ୍ବିତ ରାତିରେ ଫୁଲବାଣୀ ବାଲିଗୁଡା ରାସ୍ତାର ବନ୍ଧଗଡ଼ ଗାଁ ନିକଟରେ ଥିବା ବାଳିକେତା ଠାରେ ରାସ୍ତାକଡରେ ଥିବା ଏକ ଗଛରେ କାର ଟି ଭାରସାମ୍ୟ ହରାଇ ପିଟିହୋଇ ଯାଇଥିଲା । ଦୁର୍ଘଟଣା ପରେ ଗୁରୁତର ଆହତ ହୋଇଥିବା କାର ଚାଳକ ପଦ୍ମଚରଣ ସୁବୁଦ୍ଧି ଫିରିଙ୍ଗିଆରେ ଶିକ୍ଷକ ଭାବରେ କାର୍ଯ୍ୟରତ ସେହି ଗୋପୀନାଥ ପୁର ଗାଁ ର ନିରଞ୍ଜନ ସାହୁ ନାମକ ତାଙ୍କର ଜଣେ ବନ୍ଧୁଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଘଟଣାସ୍ଥଳରେ ଶିକ୍ଷକଙ୍କ ସହ ଶିକ୍ଷକ ରବୀନ୍ଦ୍ର ସାହୁ ଏବଂ ଶିକ୍ଷକ ଟୁନା ସାହୁ ପହଂଚି ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ିରେ ତିନି ବନ୍ଧୁଙ୍କୁ ଉଦ୍ଧାର କରି ପ୍ରଥମେ ସାରଙ୍ଗଗଡ଼ ମେଡିକାଲକୁ ନେଇଥିଲେ ପରେ ଅବସ୍ଥା ଗୁରୁତର ହେବାରୁ ତିନି ଜଣଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ସମୟରେ ବାଟରେ ଦୁଃଶାସନ ବେହେରାଙ୍କ ମୃତ୍ୟୁ ହୋଇଥିଲା ଓ ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସମ୍ପର୍କରେ ଖବର ପାଇ ଫିରିଙ୍ଗିଆ ପୋଲିସ ସେଠାରେ ପହଂଚି ତଦନ୍ତ ଜାରି ରଖିଥିବା ବେଳେ ଥାନାରେ ଦୁର୍ଘଟଣାଜନିତ ଏକ ମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇଥିବା ସୂଚନା ଫିରିଙ୍ଗିଆ ଥାନା ପୋଲିସ ସୂତ୍ରରୁ ଜଣାଯାଇଛି ।

# ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା

ସୁବର୍ଣ୍ଣପୁର, ୦୫/୧୧ (ନି.ପ୍ର): କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ ତରଫରୁ ସମଗ୍ର ଦେଶରେ ୩୦ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ଆଜି ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଉନ୍ନୟନ ଅଧିକାରୀ ଅଶ୍ୱିନି ମେହେର ଏବଂ ବକ୍ତାଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ. ରାଧାକାନ୍ତ ଗଡତିଆ ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଉଦ୍ଦିଷ୍ଟ ନାଗରିକଙ୍କ ପାଇଁ ସାଧୁତାର ଶପଥପାଠ କରାଇଥିଲେ । ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଇନିସପେକ୍ଟର ତୁଷାରକାନ୍ତ ମହାପାତ୍ର ଦିବସର ତାତ୍ପର୍ଯ୍ୟ ତଥା ବିଭାଗର ଉଦ୍ଦେଶ୍ୟ ଏବଂ ସଫଳତା ସମ୍ବନ୍ଧରେ ସୂଚନା ଦେଇଥିଲେ । ଅତିଥି ମାନେ ଦୁର୍ନୀତି କିଭଳି ଭାବରେ ଆମ ଦେଶର ପ୍ରଭୂତ କ୍ଷତି ସାଧନ କରୁଛି ଏବଂ ଏହି ବର୍ଷ ପାଇଁ ଥିବା ଥିମ୍ ଦୁର୍ନୀତିକୁ ବିରୋଧ କରିବା ରାଷ୍ଟ୍ର ପ୍ରତି ସମର୍ପିତ ହେବା ବିଷୟ ଉପରେ ନିଜ ନିଜର ମତ ରଖିଥିଲେ । ଏକ ସୁନ୍ଦର ଦୁର୍ନୀତି ମୁକ୍ତ ଭବିଷ୍ୟତ ଗଢିବାର ଗୁରୁ ଦାୟିତ୍ୱ ଯୁବ ସମାଜ ଏବଂ ଛାତ୍ରଛାତ୍ରୀମାନଙ୍କ ଉପରେ ରହିଥିବା ସୂଚନା ଦେଇଥିଲେ । ସମସ୍ତେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ସହିତ ଆଇନ ର ଅନୁପାଳନ କରି ଲାଂଚ ଦେବି ନାହିଁ କି ନେବି ନାହିଁ ବୋଲି ପ୍ରତିଜ୍ଞା କଲେ ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନି କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ । ଏହି ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ସେକ୍ସନ୍ ଅଫିସର, କର୍ମଚାରୀ, ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ମିସନ୍ ଶକ୍ତି ର କର୍ମକର୍ତା, ଗଣମାଧ୍ୟମର ପ୍ରତିନିଧି, ସହରର ସଚେତନ ନାଗରିକ ଅଂଶଗ୍ରହଣ କରିଥିଲେ । ସପ୍ତାହ ପାଳନ ଅବସରରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଆନୁକୁଲ୍ୟରେ କାର୍ଟୁନ ମେକିଂ, ତର୍କ ପ୍ରତିଯୋଗିତା, ସ୍ଲୋଗାନ ରାଇଟିଂ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ବିଶ୍ୱମ୍ଭର ବିଦ୍ୟାପୀଠରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପୁରୀ, ୦୫/୧୧ (ନି.ପ୍ର): ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଆଜି ଏହି ପରିପ୍ରେକ୍ଷୀରେ ବିଶ୍ୱମ୍ଭର ବିଦ୍ୟାପୀଠ ଠାରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏହା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ହୋଇଥିବା ଛୋଟ ଛୋଟ ସଚେତନତା ବାର୍ତା ମୂଳକ ଭିଡିଓ ମାନ ସ୍ମାର୍ଟ କ୍ଲାସ୍ ରୁମ୍ ରେ ବିଦ୍ୟାର୍ଥୀ ମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆଂଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍ କାନୁନ୍ ସମ୍ବନ୍ଧରେ ବୁଝାଇବା ସହ ରାସ୍ତାଘାଟରେ କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବା ସେ ବିଷୟରେ ବୁଝାଇଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆସୋସିଏସନ୍ ଅଫ୍ ଟୁଇଟର ଆକ୍ଟୀଭିଷ୍ଟସ୍ (ଆଟା)ର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ଆଗାମୀ ଦିନରେ ପୁରୀ ଜିଲ୍ଲାରେ ଦୁର୍ଘଟଣା ହାର ହ୍ରାସ କରିବାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟ କରାଯିବାକୁ ମଧ୍ୟ ପ୍ରଚେଷ୍ଟା ଜାରୀ ରହିବ ବୋଲି ଆଟାର ସଭାପତି ବିସ୍ମୟ ମିଶ୍ର କହିଛନ୍ତି ।

# ଓଜନ କମାନ୍ତୁ, ବଦଳାନ୍ତୁ ଜୀବନଶୈଳୀ



**ପଲିସିଷ୍ଟିକ ଓଭାରିଆନ୍ ସିଣ୍ଡ୍ରୋମ କ'ଣ ?:**

ହରମୋନ ହେଉଛି ରାସାୟନିକ ବାର୍ତ୍ତାବହ ଯାହା ଶରୀରର ଅଭିବୃଦ୍ଧି ପ୍ରକ୍ରିୟାରେ ସହାୟକ ହୋଇଥାଏ। ହରମୋନରେ ଅସନ୍ତୁଳନ ଫଳରେ ପଲିସିଷ୍ଟିକ ଓଭାରିଆନ ସିଣ୍ଡ୍ରୋମ ଦେଖାଯାଏ। ଗୋଟିଏ ହରମୋନର ପରିବର୍ତ୍ତନ ଘଟିଲେ ତାହା ଅନ୍ୟ ହରମୋନ କ୍ଷରଣକୁ ମଧ୍ୟ ପ୍ରଭାବିତ କରିଥାଏ। ଉଦଦାହରଣସ୍ବୂପ ବୟଃସନ୍ଧି କିଶୋରୀ ଏବଂ ସନ୍ତାନକ୍ଷମ ମହିଳାଙ୍କ ଶରୀରରେ ପୁରୁଷ ହରମୋନ ଆଣ୍ଡ୍ରୋଜେନର ପରିମାଣ ରକ୍ତରେ ଅଧିକ ବୃଦ୍ଧି ପାଇବା ଦ୍ୱାରା ଇଷ୍ଟ୍ରୋଜେନ ଓ ପ୍ରୋଜେଷ୍ଟେରନ ହରମୋନରେ ମଧ୍ୟ ଅସମାନତା ସୃଷ୍ଟିହୁଏ। ଫଳରେ ଗର୍ଭାଶୟ ଚତୁଃପାର୍ଶ୍ୱରେ ଛୋଟ ଛୋଟ ସିଷ୍ଟ ମୋତି ମାଳି ପରି ଦୃଶ୍ୟମାନ ହୋଇଥାଏ। ଏହି ସିଷ୍ଟଗୁଡ଼ିକ ସଂଖ୍ୟାରେ ୬ରୁ ୮ଟି ମଧ୍ୟ ଦେଖାଯାଏ। ଗର୍ଭାଶୟରେ ସିଷ୍ଟ କାରଣରୁ ଓଭୁଲେସନ ଠିକ୍ ଭାବେ ହୋଇପାରେ ନାହିଁ। ଫଳରେ ଋତୁସ୍ରାବରେ ଅନିୟମିତତା ଏବଂ ଗର୍ଭ ଧାରଣରେ ମଧ୍ୟ ବହୁ ଅସୁବିଧା ପରିଲକ୍ଷିତ ହୁଏ। ପିସିଓଡି ପାଇଁ ୩୦ ପ୍ରତିଶତ ମହିଳା ସନ୍ତାନ ଧାରଣରେ ବାଧା ସୃଷ୍ଟି ହେବା ଭଳି ସମସ୍ୟା ଦେଖାଯାଉଥିବା ଜଣାପଡ଼ିଛି।

**ପଲିଷ୍ଟିକ ଓଭାରିଆନ ସିଣ୍ଡ୍ରୋମର କାରଣ:** ଏହାର ମୁଖ୍ୟ କାରଣ ହେଉଛି ଅନିୟମିତ ଜୀବନଶୈଳୀ। ଖାଦ୍ୟପେୟରେ ପରିବର୍ତ୍ତନ, ମାନସିକ ଚିନ୍ତା, ଶାରୀରିକ ପରିଶ୍ରମରେ ଅଭାବ,ଫାଷ୍ଟଫୁଡ଼ ଓ ତେଲଭାଜି ଖାଦ୍ୟ ଖାଇବା ଦ୍ୱାରା ଏଭଳି ସମସ୍ୟା ଅଧିକ ଦେଖାଯାଉଛି। ଏହା ବଂଶାନୁକ୍ରମିକ ନୁହେଁ। କୈଶୋରାବସ୍ଥାରୁ ନେଇ ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଏହି ସମସ୍ୟା ଦେଖାଯାଏ।





**କିଭଳି ଚିହ୍ନଟ କରାଯାଏ ?:** ଜଣକର ସ୍ୱାସ୍ଥ୍ୟ ସମ୍ପର୍କରେ ତାଙ୍କର ଅତୀତ, ଲକ୍ଷଣ ଏବଂ ମାସିକ ଋତୁସ୍ରାବ ଆଦିରୁ ଏହି ରୋଗ ଚିହ୍ନଟ କରାଯାଇପାରିବ। ଶରୀରର ଅଧିକ କେଶ ଅଛି କି ନାହିଁ, ଉଚ୍ଚ ରକ୍ତଚାପରେ ରହୁଛି କି ନାହିଁ ତାହାକୁ ମଧ୍ୟ ପରୀକ୍ଷା କରିବାକୁ ହେବ। ତାହାଛଡ଼ା ଡାକ୍ତର ଜଣକର ଉଚ୍ଚତା ଓ ଶରୀର ଓଜନ ମଧ୍ୟ ମାପିବେ। ରକ୍ତ ଶର୍କରା, ଇନସୁଲିନ ଏବଂ ଅନ୍ୟ ହରମୋନ ସ୍ତର ମାପିବା ପରୀକ୍ଷା କରାଯିବ। ହରମୋନ ପରୀକ୍ଷାରୁ ଥାଇରଏଡ଼ ଏବଂ ଅନ୍ୟ ଗ୍ରନ୍ଥି ସମସ୍ୟା ମଧ୍ୟ ଠାବ କରାଯାଇପାରିବ। ତାହାଛଡ଼ା ପେଲଭି ଅଲଟ୍ରାସାଉଣ୍ଡ କରି ଗର୍ଭାଶୟରେ ସିଷ୍ଟ ଅଛି କି ନାହିଁ ତାହା ଜାଣିହେବ। ଅଲଟ୍ରାସାଉଣ୍ଡ ନକରି ମଧ୍ୟ ଅନ୍ୟାନ୍ୟ ପରୀକ୍ଷାରୁ ଜଣକ ଠାରେ ଗର୍ଭାଶୟରେ ସିଷ୍ଟ୍ ଅଛି କି ନାହିଁ ତାହା ଡାକ୍ତର କହିପାରିବେ।

**ଏହାର ଲକ୍ଷଣ କ'ଣ ?:** ଅନିୟମିତ ଋତୁସ୍ରାବ (ଓଲିଗୋମେନୋରିଆ), ଆଦୌ ଋତୁସ୍ରାବ ନହେବା (ସେକେଣ୍ଡାରୀ ଆମନୋରିଆ), ଅନିୟମିତ ଋତୁସ୍ରାବ ପରେ ଅତ୍ୟଧିକ ଋତୁସ୍ରାବ ହେବା। (ଓଲିଗୋମେନୋରେଜିଆ), ମୁହଁ ଓ ଦେହରେ ଅଧିକ କେଶ ଉଠିବା (ହର୍ସୁଟିଜିମ୍) ଓବେସିଟି (ମେଦବହୁଳତା) ଭଳି ଲକ୍ଷଣ ଦେଖାଯାଏ। ଏହାବ୍ୟତୀତ ମୁହଁ ବ୍ରଣ, ଶରୀରର ଓଜନ ବୃଦ୍ଧି ଏବଂ ତାହା ହ୍ରାସ ନପାଇବା, ବେଳେବେଳେ ମହିଳାଙ୍କ ମୁହଁର କେଶ ଘଞ୍ଚ ଓ ଗାଢ଼ କଳା ଦେଖାଯାଏ ଏବଂ କେଶ ପତଳା ହୋଇଯାଏ। ସନ୍ତାନ ନହେଲେ ଅନେକ ମହିଳା ମାନସିକ ଅବସାଦ ମଧ୍ୟରେ ଗତି କରନ୍ତି। ପିସିଓଡି ମହିଳାଙ୍କ କ୍ଷେତ୍ରରେ ମଧୁମେହ, ଉଚ୍ଚରକ୍ତଚାପ, ଜରାୟୁ କର୍କଟ, ହୃଦରୋଗ ଦେଖାଦେବାର ଆଶଙ୍କା ରହିଛି। ଅତ୍ୟଧିକ ମୋଟା ମହିଳାମାନଙ୍କ କ୍ଷେତ୍ରରେ ଶରୀରର ଇନସୁଲିନ କ୍ଷରଣ ନେଇ ସମସ୍ୟା ଦେଖାଯାଏ। ତାହାକୁ ଇନସୁଲିନ 'ରେଜିଷ୍ଟାନ୍ସ ବା ପ୍ରତିରୋଧୀ ବୋଲି କୁହାଯାଏ। ଇନସୁଲିନ ଶରୀରର ରକ୍ତ ସର୍କରା ପରିମାଣକୁ ଠିକ୍ ରଖେ। ଶରୀରରୁ ଇନସୁଲିନକୁ ଠିକ ଭାବରେକ୍ଷରଣ ନହୋଇ ପାରିଲେ ରକ୍ତରେ ଶର୍କରା ଅଂଶ ବୃଦ୍ଧିପାଏ। ସମୟକ୍ରମେ ଏହାଦ୍ୱାରା ମଧୁମେହ ଆଶଙ୍କା ବୃଦ୍ଧିପାଏ।



**ଚିକିତ୍ସା କିଭଳି କରାଯିବ ?:** ଓଜନକୁ ନିୟନ୍ତ୍ରଣ ରଖିବା, ଶରୀରର ବିଏମଆଇ ବା (ବଡି ମାସ୍ ଇନଡେକ୍ସ) ୨୫ରୁ କମ ରହିଲେ ମାସିକ ଋତୁସ୍ରାବ ଠିକ୍ ହୋଇଥାଏ। ନିୟମିତ ବ୍ୟାୟାମ, ସ୍ୱାସ୍ଥ୍ୟକର ଖାଦ୍ୟ, ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ହେଉଛି ପଲିସିଷ୍ଟିକ ଓଭରିଆନ ସିଣ୍ଡ୍ରୋମ ଚିକିତ୍ସାର ମୁଖ୍ୟ ମାଧ୍ୟମ। ଚିକିତ୍ସା ଦ୍ୱାରା ଏହି ସସବୁ ଲକ୍ଷଣକୁ ଦୂର କରାଯିବା ସହିତ ଦୀର୍ଘକାଳୀନ ସ୍ୱାସ୍ଥ୍ୟଗତ ସମସ୍ୟାକୁ ମଧ୍ୟ ରୋକାଯାଇପାରିବ। ନିୟମିତ ଋତୁସ୍ରାବ ପାଇଁ ଇଷ୍ଟ୍ରୋଜେନ ଓ ପ୍ରୋଜେଷ୍ଟେରନ ବଟିକା ଖାଇବା ପାଇଁ ମଧ୍ୟ ପରାମର୍ଶ ଦିଆଯାଏ। ଏଥିସହିତ ଜଣେ ନିଜକୁ ମଧ୍ୟମ ଧରଣର ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ରଖି ପାରିବେ। ଚାଲିବା ବା ଏରୋବିକ୍ସ ଉଚ୍ଛି ସର୍ବୋତମ ବ୍ୟାୟାମ ଏବଂ ଅଧିକାଂଶ ଲୋକ ତାହା କରୁଛନ୍ତି। ହୃତପିଣ୍ଡ ପାଇଁ ଯେଉଁ ଖାଦ୍ୟ ଉତମ ତାହା ଖାଇବା ଉଚିତ୍। ସେଥିରେ ପ୍ରଚୁର ପନିପରିବା, ଫଳ, ସ୍ପ୍ରାଉଟ୍ (ଗଜାମୁଗ, ବୁଟ) ସାଲାଡ଼, କୋଳି, ବିନ୍ସ ଏବଂ ଚୋପାଲଗା ଶସ୍ୟ ଆଦି ଅନ୍ତର୍ଭୁକ୍ତ। ତେଲଜାତୀୟ ଖାଦ୍ୟ ଓ ଫାଷ୍ଟଫୁଡ଼ରୁ ଦୂରେଇ ରହିବା ସହିତ ଖାଦ୍ୟରେ ଲୁଣର ବ୍ୟବହାରକୁ କମ କରିବା ଦରକାର। ବିଶେଜେରି ଶରୀର ଓଜନ ହ୍ରାସ ପାଇଲେ ଏହାଦ୍ୱାରା ଅନେକ ଉପକାର ମିଳିଥାଏ। ଓଜନ କମିଲେ ହରମୋନ ସନ୍ତୁଳିତ ହେବା ସହିତ ମାସିକ ଋତୁଚକ୍ର ନିୟମିତ ହୋଇଥାଏ। ଯଦି ଜଣେ ଧୂମପାନ କରୁଥାନ୍ତି ତେବେ ସେମାନଙ୍କ ଠାରେ ପଲିସିଷ୍ଟକ ଇଭାରିଆନ ସିଣ୍ଡ୍ରୋମ ହେବା ଆଶଙ୍କା ଅଧିକ ରହିଥାଏ। ବିବାହିତ ମହିଳାଙ୍କ କ୍ଷେତ୍ରରେ ଡାକ୍ତର ଜନ୍ମ ନିୟନ୍ତ୍ରଣ ଔଷଧ ଖାଇବାକୁ ପରାମର୍ଶ ଦେଇଥାନ୍ତି, ଯଦ୍ୱାରା ମାସିକ ଋତୁସ୍ରାବ ନିୟମିତ ହୋଇପାରିବ। ଅଥବା ସନ୍ତାନ ହେଉନଥିଲେଏ ଫର୍ଟିଲିଟି ଔଷଧ ଖାଇବା ପାଇଁ କହିଥାନ୍ତି। ତେଣୁ ଏଥିପାଇଁ ନିୟମିତ ଭାବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ। ତାହାସହିତ ମଧୁମେହ ଓ ଉଚ୍ଚ ରକ୍ତଚାପର ପରୀକ୍ଷା ମଧ୍ୟ କରାଇବାକୁ ହେବ।



**ଏହାସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ କି ?**

: ହଁ, ପଲିସିଷ୍ଟିକ ଓଭାରିଆନ ସିଣ୍ଡ୍ରୋମ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ। ପ୍ରାରମ୍ଭିକ ଅବସ୍ଥାରୁ ଏହାକୁ ଚିହ୍ନଟ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ସହ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଦରକାର।

## ଜମିକୁ ଉର୍ବର କରିବ ଜୈବିକ ଔଷଧ



ରାସାୟନିକ ଔଷଧ ପ୍ରୟୋଗରେ ଫସଲ ବିଷାକ୍ତ ହେବା ସହ ଜମିର ଉର୍ବରତା ହ୍ରାସ ହେଉଛି। ତେଣୁ ଫସଲରେ ଜୈବିକ ଔଷଧ ପ୍ରୟୋଗ କରି ରୋଗ ଓ ପୋକ ପ୍ରତିରୋଧ କରିବାକୁ ବୈଜ୍ଞାନିକ ମାନେ ଏବେ ଜୋର୍ ଦେଉଛନ୍ତି। କିପରି ଓ କି ଜୈବିକ ଔଷଧ ପ୍ରୟୋଗ କରିବେ।

ଲିମ୍ବ: ଲିମ୍ବ ଦ୍ୱାରା ବିଭିନ୍ନ ରୋଗ ପୋକ ଦୂରୀକରଣ କରାଯାଇ ପାରୁଛି। ଲିମ୍ବରୁ ପ୍ରସ୍ତୁତ ବିଭିନ୍ନ ଜୈବିକ ରୋଗ ପୋକ ନିରୋଧକ ଏବେ ବଜାରରେ ମିଳିଲାଣି।

୨୦ ଗ୍ରାମ ଚୋପାଛଡା ଲିମ୍ବ ମଞ୍ଜି ଗୁଣ୍ଡ କରି ଏହାକୁ ଏକ କନାରେ ବାନ୍ଧି ୬ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡାଇ ରଖନ୍ତୁ। ତାପରେ ଲିମ୍ବ ଗୁଣ୍ଡକୁ ଭଲଭାବରେ ଚିପୁଡି ରସ ବାହାର କରି ୧ ଲିଟର ପାଣି କରି ସିଞ୍ଚନ କରନ୍ତୁ।

୨୦ ମିଲି ଲିମ୍ବ ତେଲକୁ ସାମାନ୍ୟ ସର୍ଫ ସହ ମିଶାଇ ଫେଣ କରି ଉକ୍ତ ଫେଣକୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ମାଟିରୁ କୃମି ମାରିବା ପାଇଁ ଲିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ। କଦଳୀ ଗଛ ପାଇଁ ୫୦ ଗ୍ରାମ୍ ହଳଦୀ ଓ ଅଦା ପାଇଁ ୨୫ ଗ୍ରାମ୍, ଟମାଟୋ ପାଇଁ ୧୫ ଗ୍ରାମ୍ ହିସାବରେ ଲିମ୍ବ ପିଡ଼ିଆ ପ୍ରୟୋଗ କରି କୃମି ଓ ଜୀବାଣୁ ଜନୀତ ରୋଗ ଦାଉରୁ ଫସଲକୁ ରକ୍ଷା କରନ୍ତୁ। ୧ କିଗ୍ରା ଲିମ୍ବ ପିଡିଆକୁ ୫ ଲିଟର ପାଣିରେ ୧୨ ଘଣ୍ଟା ଭିଜାଇ ଛାଣି ଗଛରେ ସିଞ୍ଚନ କରନ୍ତୁ।

୨୦ ଗ୍ରାମ୍ ଲିମ୍ବ ପତ୍ରକୁ ୧ ଲିଟର ପାଣିରେ ସିଝାଇ ପାଣିକୁ ଥଣ୍ଡା କରି ପତ୍ରରେ ଓ ମୂଳରେ ସିଞ୍ଚନ କରି ରୋଗ ଓ ପୋକ ଦାଉରୁ ଫସଲକୁ ରକ୍ଷା କରନ୍ତୁ।

କରଞ୍ଜ: କରଞ୍ଜ ପିଡିଆ ସୂତ୍ରଜୀବ ଓ ଜୀବାଣୁ ନାଶକ ଅଟେ। ହେକ୍ଟର ପ୍ରତି ୨.୫ ଟନ୍ ହିସାବରେ ପ୍ରୟୋଗ କରାଯାଇ ଝାଉଳା ରୋଗ ଓ ଅନ୍ୟାନ୍ୟ ପୋକ ଦୂର କରାଯାଏ।

ଧୂଆଁ ପତ୍ର: ୪୦୦ ଗ୍ରାମ ଧୂଆଁପତ୍ରକୁ ୬ ଲିଟର ପାଣିରେ ଗୋଟିଏ ଦିନ ଭିଜାନ୍ତୁ। ସାମାନ୍ୟ ଗରମ କରନ୍ତୁ ଓ ତାପରେ ଧୂଆଁପତ୍ର ଖଣ୍ଡକୁ ଚିପୁଡ଼ି ପାଟଣିକୁ ଛାଣି ଦିଅନ୍ତୁ। ୧ ଲିଟର ପାଣିରେ ୧୦୦ ଗ୍ରାମ୍ ସାବୁନ୍ ଗୁଣ୍ଡ କରି ମିଶାଇ ଦିଅନ୍ତୁ। ସାବୁନ୍ ପାଣିକୁ ଧୂଆଁପତ୍ର ପାଣି ସହ ମିଶାଇ ଘାଣ୍ଟନ୍ତୁ। ଉଚ୍ଚ ମିଶ୍ରଣକୁ ୫ ରୁ ୬ ଗୁଣ ପାଣିରେ ମିଶାଇ ଗଛ ପତ୍ରରେ ସିଞ୍ଚନ କଲେ ପତ୍ର ଉକୁଣୀ, ଦହିହା ପୋକ, ଆଫିଡ୍, ସାଁବାଳୁଆ ଇତ୍ୟାଦି ଦାଉରୁ ଫସଲକୁ ରକ୍ଷା କରାଯାଇ ପାରେବ।

ବଣତୁଳସୀ: ଏହି ଗଛ ରାସ୍ତା କଡ଼ ଓ ପଡ଼ିଆ ଯାଗା ମାନଙ୍କରେ ଉଡଠିଥାଏ। ଏହାକୁ ଶୁଖାଇ ଗୁଣ୍ଡକରି, ପାଣିରେ ଭିଜାଇ ପତ୍ରରେ ସିଞ୍ଚନ କଲେ ଶୋଷଣ ପୋକ ଦାଉରୁ ରକ୍ଷା ମିଳେ। ଏଥିରେ ଗଛ ମୂଳ ଭିଜାଇଲେ ସୂତ୍ର ଜୀବ ଦାଉରୁ ରକ୍ଷା ମିଳେ।

ଲଙ୍କା: ୧ ଲିଟର ପାଣିରେ ୧୦ ଗ୍ରାମ୍ ହିସାବରେ ନାଲି ଲଙ୍କା ଗୁଣ୍ଡ ମିଶାଇ ଶୋଷକ ପୋକ ଓ ଜଉ ପୋକ ଦମନ କରାଯାଏ। ଖାଦ୍ୟ ପଦାର୍ଥକୁ ସାଇତି ରଖିବା ପାଇଁ ଗୋଟା ଶୁଖିଲା ଲଙ୍କା ମିଶାଯାଏ।

ପଶୁଜାତ ଦ୍ରବ୍ୟ: ୧ ଲିଟର ପାଣିରେ ୧୦ ଗ୍ରାମ୍ କଞ୍ଚା ଗୋବର ମିଶାଇ ସିଞ୍ଚନ କଲେ ଧାନର ଜୀବାଣଉ ଜନିତ ପତ୍ରପୋଡା ରୋଗ ଭଲ ହୁଏ। ଲୁହା ପାତ୍ରରେ ଗାଇମୂତକୁ ଏକ ସପ୍ତାହ ରଖି ତାହାକୁ ୬ ଗୁଣ ପାଣି ମିଶାଇ ପତ୍ର ସିଞ୍ଚନ କଲେ ପୋକ ରୋଗ କମ୍ ହୁଏ।

ସେବତୀ: ସେବତୀ ଗଛରେ ଷ୍ଟାଚାଇଡ୍ରିନ୍ ନାମକ ଏକ ପୋକରୋଧକ ରାସାୟନିକ ପଦାର୍ଥ ଥାଏ। ଏହାଦ୍ୱାରା ଛାରପୋକ, ପିମ୍ପୁଡ଼ି, ମାଛି ଅସରପା, ମଶା, ଝିଣ୍ଟିକା, ପତ୍ର ଉକୁଣୀ, ଦହିହାପୋକ ଦୂର କରାଯାଇପାରେ। ଏହାର ବିଷାକ୍ତ ପ୍ରଭାବ ବହୁ କମ୍ ଦିନ ପାଇଁ ରହେ।

ବେଗୁନିଆ ଓ କୋଚିଲା ପତ୍ର: ମୁଗ, ବିରି ଇତ୍ୟାଦି ସାଇତି ରଖିବା ପାଇଁ ଏହାର ପତ୍ର, କାଣ୍ଡ ଓ ଡାଳକୁ ଶୁଖାଇ ବ୍ୟବହାର କରାଯାଏ।

## କେରଳର ବ୍ୟାକ୍‌ୱାଟର



ପାଣି ଆଗକୁ ଆଗକୁ ଅର୍ଥାତ୍ ଅନୁକୂଳ ଗତିରେ ମାଡିଚାଲେ। ଏହା କ'ଣ କେବେ ପଛକୁ ଗତି କରେ ? ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ, ବିଶ୍ୱର ଏକ ମାତ୍ର ସ୍ଥାନରେ ପାଣି ପଛକୁ ଗତି କରୁଥିବାର ଦେଖାଯାଏ। ଦକ୍ଷିଣ ଭାରତର କେରଳରେ ଏପରି ଦୃଶ୍ୟ ଦେଖିବାକୁ ମିଳେ। ଏହା ଅବିଶ୍ୱସନୀୟ ହେଲେ ବି ସତ୍ୟ। କେରଳର ଏହି ସ୍ଥାନକୁ ବ୍ୟାକ୍‌ୱାଟର ବୋଲି କୁହାଯାଏ। ବ୍ୟାକ୍‌ୱାଟର ପାଇଁ କେରଳ ମଧ୍ୟ ପ୍ରସିଦ୍ଧ। ପାଞ୍ଚଟି ବଡ଼ ହ୍ରଦର ମିଳନ ସ୍ଥଳରେ ପାଣିର ଏହ ଦୃଶ୍ୟ ଦେଖିବାକୁ ମିଳେ। ଏହି ହ୍ରଦ ସମୁହରୁ ସୃଷ୍ଟି ହୋଇଥିବା କେନାଲ ମଧ୍ୟ ପ୍ରାକୃତିକ। ଏହା ଆରବସାଗର ସଙ୍ଗମସ୍ଥଳରୁ ପ୍ରାୟ ୩୮ଟି ନଦୀ ବାହାରିଛି। ଏହା କେରଳ ରାଜ୍ୟର ଅର୍ଦ୍ଧେକ ଅଞ୍ଚଳ ଘେରି ରହିଛି। ପ୍ରକୃତରେ ପାଣି କିନ୍ତୁ ଏଠାରେ ପଛକୁ ଗତି କରେ ନାହିଁ। ହେଲେ ନଦୀ ଓ ହ୍ରଦରେ ଉଠୁଥିବା ତରଙ୍ଗର ଗତି ପଛକୁ ଯାଉଥିବାର ଦେଖାଯାଏ। ଦେଖଣାହାରୀଙ୍କୁ ଲାଗେ ପାଣି ସତେ ଯେମତି ପଛକୁ ଗତି କରୁଛି। ଏହାକୁ ବାରିଆର୍ ଇଜ୍‌ଲ୍ୟାଣ୍ଡ ମଧ୍ୟ କୁହାଯାଉଛି। ନଦୀ, ହ୍ରଦ ଓ କେନାଲର ମିଳନ ସ୍ଥଳରୁ ପାଣିର ଗତି ପ୍ରାୟ ୯୦୦ କିଲୋମିଟର ବୋଲି ଅନୁମାନ କରାଯାଏ। ଏହାର ଆରମ୍ଭ ଓ ଶେଷ ସ୍ଥଳର ପାଣି ପଚୁଆ ଗତି କରୁଥିବା ଦେଖିବାକୁ ମିଳେ। ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ଏହି ସ୍ଥାନରେ ପାଣିର ବିପରୀତ ଗତି ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ।

## ଅନାସକ୍ତ ପ୍ରେମ ହିଁ ପ୍ରକୃତ ପ୍ରେମ

ଅନାସକ୍ତି ବା ବୈରାଗ୍ୟ ଭାବ ଓ ଆଧ୍ୟାତ୍ମିକ ସାଧନା ଏ ଦୁଇଟ ଉଚ୍ଚକୁ ଉଠୁଥିବା ପକ୍ଷୀଟିଏର ଦୁଇଟି ଡେଣା ଭଳି, ଯାହା ମରଣଶୀଳତାର ସ୍ତରକୁ ବ୍ୟକ୍ତିକୁ ଅମରତ୍ୱର ଶିଖରକୁ ଉଠାଇ ନେଇ ଯାଇ ପାରେ। ଭ୍ରମରେ ପଡି ଅନେକ ଆସକ୍ତିକୁ ହିଁ ପ୍ରେମ ବୋଲି ଧରି ନିଅନ୍ତି। କିନ୍ତୁ କହିବାକୁ ଗଲେ ଆସକ୍ତି ତୁମକୁ ସ୍ୱାର୍ଥପର ଭାବେ ନିଜର ଭୋଗ ପ୍ରବୃତ୍ତିକୁ ବଢ଼ାବାରେ ହିଁ ସାହାଯ୍ୟ କରିଥାଏ। ଇଚ୍ଛିତ ବସ୍ତୁ ପଛରେ ଦଉଡି ତାହାକୁ ନିଜର କରି ନେବାର ଏହା ଏକ ମାନସିକତା। ତେଣୁ ଏହାକୁ ପ୍ରେମ କହିବା ଠିକ୍ ନୁହେଁ। ଆସକ୍ତି ବନ୍ଧନର ଅନ୍ୟ ଏକ ନାମ, ଯାହା ପ୍ରକୃତ ପ୍ରେମ ବନ୍ଧନର ପାଶରୁ ମୁକ୍ତି ଆଣିଦିଏ। ଯୋଗ ସାଧନାରେ ଯେଉଁ ଅନାସକ୍ତ ଭାବର କଥା କୁହାଯାଏ ତାହା ନିସ୍ପୃହତା ନୁହେଁ। ତାହା ନିଃସ୍ୱାର୍ଥ ଭାବେ ସମସ୍ତଙ୍କୁ ଆପଣେଇ ନେବାର ଏକ ମାନସିକତା ଅଟେ। ପ୍ରକୃତ ପକ୍ଷେ ଅନାସକ୍ତ ପ୍ରେମ ହିଁ ପ୍ରକୃତ ପ୍ରେମ। ଆସକ୍ତିରୁ ଯେଉଁ ପ୍ରେମ ଜାତ ହୁଏ, ସେଥିରେ ସ୍ୱାର୍ଥର ବୀଜ ରୋପିତ ହୋଇଡାଏ। ତେଣୁ ଗୃହତ୍ୟାଗୀ ସନ୍ନ୍ୟାସୀ ହୁଅନ୍ତୁ ଅଥବା ଗୃହୀ ଉଭୟ ସ୍ତରର ବ୍ୟକ୍ତି ଅନାସକ୍ତ ଭାବେ ପ୍ରେମର ଅଭ୍ୟାସ କରିବା ଉଚିତ, ଯଦିଓ ଲକ୍ଷ୍ୟ ପ୍ରାପ୍ତିରେ ସଫଳତା ପାଇବା ନିଜର ନିଷ୍ଠା ଉପରେ ନିର୍ଭର କରେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ନଭେମ୍ବର ୨୦୨୩, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଟଙ୍କା ପଇସା କାରବାର...

ଅର୍ଥ ହିଁ ଅନର୍ଥର ମୂଳ କାରଣ, ଅର୍ଥାତ୍ ଯେଉଁଠି ଅର୍ଥ ବା ଟଙ୍କା ପଇସାର କାରବାର କଥା ଉଠେ, ସେଠି ଅବଶ୍ୟ କିଛି ନା କିଛି ବିବାଦ ବିତର୍କର କଥା ଉଠିଥାଏ, ଯେମିତି ଏବେ ଉଠିଛି ନିର୍ବାଚନ ପାଇଁ ରାଜନୀତିକ ଦଳମାନଙ୍କୁ ପାଣ୍ଠି ପ୍ରଦାନକୁ ନେଇ। ନିର୍ବାଚନଗୁଡ଼ିକ ପାଇଁ ପାଣ୍ଠି ପ୍ରଦାନ ସବୁବେଳେ ଏକ ବିବାଦୀୟ ବିଷୟ ହୋଇ ରହି ଆସିଛି । ନିର୍ବାଚନଗୁଡ଼ିକ ଅବାଧ ଏବଂ ନିରପେକ୍ଷ ହେବାକୁ ସୁନିଶ୍ଚିତ କରାଇବା ନିମନ୍ତେ ଏକ ଗଣତନ୍ତ୍ର ପ୍ରତ୍ୟେକ ପଦକ୍ଷେପରେ ସ୍ୱଚ୍ଛତାର ଦାବି କରିଥାଏ, କିନ୍ତୁ ଏକ ନିର୍ବାଚନ ଅନୁଷ୍ଠିତ ହୋଇ ସାରିବା ପରେ ଦାଖଲ କରାଯାଉଥିବା ଆୟ ବ୍ୟୟର ହିସାବ ରାଜନୀତିକ ଦଳମାନଙ୍କ କଥା ଛାଡ଼ନ୍ତୁ, କଦାଚିତ୍ ଜଣେ ପ୍ରାର୍ଥୀଙ୍କର ପ୍ରକୃତ ବ୍ୟୟକୁ ପ୍ରତିଫଳିତ କରିଥାଏ, ଯେତିକି ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥାଏ। ତେଣୁ ରାଜନୀତିକ ଦଳମାନଙ୍କୁ ନିର୍ବାଚନୀ ବଣ୍ଡଗୁଡ଼ିକ ମାଧ୍ୟମରେ ପାଣ୍ଠି ଯୋଗାଇବାର ଏକ ଦିଗ ଗୋପନୀୟତାରେ ଆଚ୍ଛାଦିତ ହୋଇ ରହିଛି । ସମ୍ପ୍ରତି ଏହି ବଣ୍ଡ୍‌ଗୁଡ଼ିକର 'ଅସ୍ପଷ୍ଟ' ସ୍ୱଭାବ ସୁପ୍ରିମ୍‌କୋର୍ଟଙ୍କ ରାଡାର ଅଧୀନକୁ ଆସିଛି। 'ରାଜନୀତିକ ଦଳମାନଙ୍କୁ ପରିଷ୍କାର ଏବଂ ସ୍ୱଚ୍ଛ ଉପାୟରେ ପାଣ୍ଠି ଯୋଗାଇବା'କୁ ପ୍ରୋତ୍ସାହନ ପ୍ରଦାନ କରିବାର ତଥାକଥିତ ଲକ୍ଷ୍ୟ ନେଇ ନରେନ୍ଦ୍ର ମୋଦୀ ସରକାରଙ୍କ ଦ୍ୱାରା ୨୦୧୭ର ଆର୍ଥିକ ଆଇନ ବଳରେ ନିର୍ବାଚନୀ ବଣ୍ଡ୍‌ଗୁଡ଼ିକର ପ୍ରଚଳନ କରାଯାଇଥିଲା । ଏହା ପଛରେ ରହିଥିବା ଧାରଣାଟି ଥିଲା- ରାଜନୀତିକ ଦଳମାନଙ୍କୁ ଆର୍ଥିକ ସହାୟତା ଯୋଗାଇବାକୁ ଚାହୁଁଥିବା ଦାତାମାନଙ୍କୁ ସେମାନଙ୍କର ପରିଚୟ ଗୋପନ ରଖାଯାଇ ଏକ ନିରୂପଣ କରାଯାଇ ପାରିବା ଭଳି ଢଙ୍ଗରେ ପାଣ୍ଠି ପ୍ରଦାନ କରିବାର ସୁଯୋଗ ପ୍ରଦାନ କରିବା। ବଣ୍ଡ୍‌ଗୁଡ଼ିକ ପ୍ରାଧିକୃତ ବ୍ୟାଙ୍କ (ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ)ଗୁଡ଼ିକରୁ କ୍ରୟ କରାଯାଇ ପାରିବ ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳକୁ ଦାନ କରାଯାଇ ପାରିବ । ତେବେ 'ସ୍ୱଚ୍ଛତାର ଅଭାବ' ଯୋଗୁଁ ଏହି ବ୍ୟବସ୍ଥା ବର୍ତ୍ତମାନ ସନ୍ଦେହର ବାଦଲ ଦ୍ୱାରା ଆଚ୍ଛାଦିତ ହୋଇ ପଡ଼ିଛି। ଏହି କାର୍ଯ୍ୟର ସ୍ୱଚ୍ଛତାକୁ ଆହ୍ୱାନ ଦେଇ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ଏବଂ ସିପିଆଇ (ଏମ୍) ୨୦୧୯ ଏପ୍ରିଲରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟରେ ପିଟିସନ ଦାଖଲ କରିଥିଲେ ଏବଂ କୋର୍ଟ ଏବେ ସେହି ଘଟଣାର ଶୁଣାଣି କରୁଛନ୍ତି । ଏହି ମାମଲାର ଏକ ପ୍ରାଥମିକ ଚିନ୍ତା କରିବା ଭଳି ବିଷୟ ହେଉଛି, ବଣ୍ଡ୍‌ଗୁଡ଼ିକ ସର୍ବସାଧାରଣ ଜାଣିବା ଭଳି ସୁଯୋଗ ପ୍ରଦାନ ନ କରି ଦାତାଙ୍କ ପରିଚୟକୁ ଗୋପନ ରଖିଥାଏ । ରାଜନୀତିକ ଦଳମାନଙ୍କୁ ପାଣ୍ଠି ଯୋଗାଇବା ଏବଂ ନିର୍ବାଚନୀ ସ୍ୱଚ୍ଛତାର ଭବିଷ୍ୟତ ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତରେ ଚାଲିଥିବା ଏହି ମାମଲାର ଏକ ଗଭୀର ନିହିତାର୍ଥ ରହିଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନା ଯେମିତି ଅଛି, କୋର୍ଟ ଯଦି ତାକୁ ସେମିତ ରହିବାକୁ ଅନୁମତି ଦିଅନ୍ତି, ତା'ହେଲେ କୋର୍ଟ ରାଜନୀତିକ ଦଳମାନଙ୍କୁ ଅଜଣା ଏବଂ ଅସୀମିତ ପରିମାଣର ପାଣ୍ଠି ସଂଗ୍ରହ କରିବାର ସୁଯୋଗକୁ ବଜାୟ ରଖିବେ । ଅପର ପକ୍ଷରେ, ଏହି ଯୋଜନା ଯଦି ଗଣତାନ୍ତ୍ରିକ ନୀତି ନିୟମଗୁଡ଼ିକର ଉଲ୍ଲଘଂନ କରୁଥିବା ଜଣାପଡ଼େ, ତେବେ ରାଜନୀତିକ ଦଳମାନଙ୍କୁ ପାଣ୍ଠି ପ୍ରଦାନ କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ଆବଶ୍ୟକତା ଥିବା ସଂସ୍କାରମୂଳକ ପଦକ୍ଷେପ ନେବାକୁ ସରକାର ବାଧ ହେବେ ଏବଂ ସେଥିପାଇଁ ଆବଶ୍ୟକ ନିୟମଗୁଡ଼ିକୁ ପ୍ରଣୟନ କରିବେ । କହିବା ଅତିଶୟୋକ୍ତି ହେବନାହିଁ ଯେ ରାଜନୀତିକ ଦଳମାନଙ୍କୁ କେଉଁମାନେ ପାଣ୍ଠି ଯୋଗାଉଛନ୍ତି, ତାହା ଦେଶର ଲୋକମାନଙ୍କର ଜାଣିବାର ଅଧିକାର ରହିଛି, ଯେହେତୁ ଏହାର ସିଧାସଳଖ ସମ୍ପର୍କ ରହିଛି ଶାସନର ଉଚ୍ଚତର ସ୍ତରଗୁଡ଼ିକରେ ଦୁର୍ନୀତି ହେବାର ପ୍ରସଙ୍ଗ ସହିତ, କାରଣ ବ୍ୟକ୍ତିବିଶେଷ ହୁଅନ୍ତୁ କି କର୍ପୋରେଟ୍ ହାଉସ୍‌ଗୁଡ଼ିକ ଅଧିକ ପରିମାଣର ନିର୍ବାଚନୀ ବଣ୍ଡ୍‌ଗୁଡ଼ିକ କିଣି ପାରନ୍ତି ଏବଂ କ୍ଷମତାକୁ ଆସିଲେ ସେମାନଙ୍କ ପ୍ରତି ଅନୁଗ୍ରହ କରିବା କି ସେମାନଙ୍କ ବ୍ୟବସାୟକୁ ସୁହାଇବା ଭଳି ନୀତି ନିୟମ ପ୍ରଣୟନ କରିବାର ପ୍ରତିଶ୍ରୁତି ବଦଳରେ ରାଜନୀତିକ ଦଳଙ୍କୁ ତାହା ପ୍ରଦାନ କରି ପାରନ୍ତି । ସର୍ବୋପରି, କ୍ଷମତାରେ ଥବା ରାଜନୀତିକ ଦଳ ମଧ୍ୟ ବ୍ୟକ୍ତିବିଶେଷ ବା କର୍ପୋରେସନ୍‌ଗୁଡ଼ିକୁ ସେମାନଙ୍କର ବ୍ୟବସାୟିକ ଶତ୍ରୁମାନଙ୍କ ତୁଳନାରେ ଅଧିକ ପରିମାଣର ଅନୁଗ୍ରହ ପ୍ରଦର୍ଶନ କରି କଣ୍ଟ୍ରାକ୍ଟ ଇତ୍ୟାଦି ଦେବାର ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ ଗୋପନରେ ଚାନ୍ଦା ସଂଗ୍ରହ କରି ପାରନ୍ତି। ତେଣୁ ମୋଟାମୋଟି ପ୍ରମୁଖ ବିରୋଧୀ ଦଳ ଭାବରେ କାର୍ଯ୍ୟ କରୁଥିବା ରାଜନୀତିକ ଦଳ ଅପେକ୍ଷା ଯେ ଶାସନ କ୍ଷମତାରେ ଥିବା ଦଳ ଅଧିକ ପରିମାଣର ଅନୁଦାନ ଲାଭ କରିବ ବା ପ୍ରାୟ ପାଞ୍ଚଗୁଣ ଅଧିକ ଅର୍ଥ ଚାନ୍ଦା ଆକାରରେ ପାଇବ, ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି !

# ଆଜୀବନ ସ୍ୱାଧୀନତା ସଂଗ୍ରାମୀ ମା' ଅନ୍ନପୂର୍ଣ୍ଣା



### ମୀରା ବେଉରା

ଏକବିଂଶ ଶତାବ୍ଦୀରେ ନାରୀକୁ ଏକ ବ୍ୟକ୍ତିଭାବେ ପ୍ରତିଷ୍ଠା କରିବା ପାଇଁ ନାରୀକୁ ତା'ର ସ୍ୱାଭିମାନ ସହ ବଞ୍ଚିବା ପାଇଁ ଏବଂ ସମ୍ପୂର୍ଣ୍ଣ ନାରୀଜାତିର କଲ୍ୟାଣ ପାଇଁ ନାରୀ ପ୍ରତି ହେଉଥିବା ଅତ୍ୟାଚାର, ଅନ୍ୟାୟ ତଥା କୁସଂସ୍କାର, ଅଶିକ୍ଷା, ଅନ୍ଧବିଶ୍ୱାସ, ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଗୋଟିଏ ସୁସ୍ଥ ସମାଜ ଗଠନ କରିବା ପାଇଁ ଯିଏ ଆଜୀବନ ସଂଗ୍ରାମ କରି ସେବା ଓ ସାଧନାରେ ବ୍ରତୀ ଥିଲେ ମା' ଅନ୍ନପୂର୍ଣ୍ଣା।

ପବିତ୍ର ଉତ୍କଳର ଶିଳାଭୂମି ତଳେ ଆଜିବି ଲୁଚି ରହିଛି ଅନେକ ମହିୟସୀ ନାରୀଶକ୍ତି ମାନଙ୍କର ଇଂରେଜ ଶକ୍ତି ବିରୁଦ୍ଧରେ ସ୍ୱାଧୀନତା ସଂଗ୍ରାମର ତ୍ୟାଗ, ତିତିକ୍ଷା, ସାଧନା ଏବଂ ବିପ୍ଳବଭରା କାହାଣୀ। ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ଅନେକ ବାଧା, ବିପତ୍ତି, ପ୍ରତିବାଦ, ବିରୋଧ ତଥା ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯେଉଁ ମହିୟସୀ ନାରୀମାନେ ନିଜର ଜୀବନବ୍ୟାପୀ ସଂଗ୍ରାମ ସାଧନା ଦ୍ୱାରା ସମଗ୍ର ମାତୃଜାତି ପାଇଁ ଚିର ନମସ୍ୟା ପାଲଟି ଥିଲେ ସେମାନଙ୍କ ମଧ୍ୟରେ ମା' ଅନ୍ନପୂର୍ଣ୍ଣା ମହାରଣା ଥିଲେ ମାତୃଜାତିର ଏକ ଅମ୍ଳାନ ପ୍ରତିଭା। କେବଳ ହିଂସା କି ରକ୍ତପାତରେ ସ୍ୱାଧୀନତା ସଂଗ୍ରାମ ସମ୍ଭବ ନୁହେଁ, ଶାନ୍ତି, ଅହିଂସା, ପ୍ରେମ, ସେବା ମାଧ୍ୟମରେ ତତ୍କାଳୀନ ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ କରି ଗୋଟିଏ ନୂତନ ଓଡ଼ିଶା ନିର୍ମାଣର କେବଳ ଯେ ଇଚ୍ଛା ଥିଲା ତା' ନୁହେଁ ବରଂ ମା' ଅନ୍ନପୂର୍ଣ୍ଣା ଗାନ୍ଧିଜୀଙ୍କ ମହାନ୍ ଆଦର୍ଶରେ ଅନୁପ୍ରାଣିତ ହୋଇ ନାରୀଶକ୍ତିର ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇ ଆଦର୍ଶ ମା'ଟିଏ ପାଲଟି ଯାଇଥିଲେ। ପ୍ରକୃତରେ ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ। ଜଣେ ପ୍ରଚଣ୍ଡ ଦେଶପ୍ରେମୀ, ତ୍ୟାଗ, ତପସ୍ୟା, ତିତିକ୍ଷା, ମମତାର ଏକ ଜ୍ୱଳନ୍ତ ନିଦର୍ଶନ। ଏମିତି ମଣିଷ ଆମ ସମାଜରେ କମ୍ ଦେଖାଯାଆନ୍ତି ଯିଏ ଯାହା କହନ୍ତି ତାଙ୍କ ଆଚରଣ ଓ ଜୀବନଶୈଳୀରେ ମଧ ଠିକ୍ ସେହି ଆଦର୍ଶ ବାରି ହୋଇପଡ଼େ। ଏହିଭଳି ସରଳ ଜୀବନଯାପନ କରୁଥିବା ମହିୟସୀ ମହିଳା ଥିଲେ ଅନନ୍ୟା ମା' ଅନ୍ନପୂର୍ଣ୍ଣା। ଡେପୁଟି କଲେକ୍ଟର ଗୋପବନ୍ଧୁ ଚୌଧୁରୀ ଓ ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀଙ୍କ କୋଳମଣ୍ଡନ କରି ନଭେମ୍ବର ୩ ତାରିଖ ୧୯୧୭ ମସିହାରେ ବାଖରାବାଦ କଟକରେ ଜନ୍ମଗ୍ରହଣ କରିଥିଲେ ଅନ୍ନପୂର୍ଣ୍ଣା। ଦାଦା ନବକୃଷ୍ଣ ଚୌଧୁରୀ ଖୁଡ଼ି ମାଳତୀ ଚୌଧୁରୀ ଭାଇ ମନମୋହନ ଚୌଧୁରୀ ଓ ସ୍ୱାମୀ ଶରତ ଚନ୍ଦ୍ର ମହାରଣା, ପରିବାର ପ୍ରାୟ ସମସ୍ତେ ସଂଗ୍ରାମୀ। ପିତା ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀଙ୍କ ଆଜୀବନ ସଂଗ୍ରାମର ପ୍ରଭାବରେ ତାଙ୍କର ଜୀବନ ବେଶ୍ ପ୍ରଭାବିତ ହୋଇଥିଲା। ମାତ୍ର ୧୨ ବର୍ଷ ବୟସରୁ ବୈପ୍ଳବିକ ତ୍ୟାଗ, ତପସ୍ୟା, ସେବାମୟ ଜୀବନର ଗୋଟିଏ ନିଖୁଣ ଜୀବନ୍ତ ମୂର୍ତ୍ତି ଥିଲେ ଅନନ୍ୟା ମା' ଅନ୍ନପୂର୍ଣ୍ଣା।

ଜେଜେ ବାପା ବିଶିଷ୍ଟ ଆଇନଜୀବୀ ଗୋକୁଳାନନ୍ଦ ଚୌଧୁରୀ ଓ ଜେଜେମା'ଙ୍କ ନୈଷ୍ଠିକ ହିନ୍ଦୁ ଚଳଣୀରେ ଜମିଦାରିଆ ଆଭିଜାତ୍ୟ ଭିତରେ ଜୀବନ କଟାଇଥିଲେ ଅନ୍ନପୂର୍ଣ୍ଣା। ପିତା ଗୋପବନ୍ଧୁ ଚୌଧୁରୀ ଏବଂ ମାତା ରମାଦେବୀ ଯେହେତୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଅନେକବାର କାରାବରଣ କରିଥିଲେ ଏବଂ ସେବା କାର୍ଯ୍ୟରେ ଜୀବନ ସଂସ୍ପର୍ଶରେ ଆସି ତାଙ୍କ ଦ୍ୱାରା ଖୁବ୍ ପ୍ରଭାବିତ ହୋଇଥିଲେ। ବିଲାତ ସ୍କୁଲରେ ପାଠପଢ଼ିବାକୁ ଉଚିତ ମଣି ପିତାମାତା ତାଙ୍କୁ ଗୃହରେ ଶିକ୍ଷାଦାନ ବ୍ୟବସ୍ଥା କରିଥିଲେ। ବାନର ସେନା ଭାବରେ କାର୍ଯ୍ୟକରି ମାତ୍ର ୧୩ ବର୍ଷ ବୟସରେ ସେ ଜେଲ୍ ଯାଇଥିଲେ। ପିତାଙ୍କ ସହ ବରୀ ସେବା କ୍ଷେତ୍ରରେ ଏବଂ ଅଳକାଶ୍ରମରେ ରହିଲାପରେ ତାଙ୍କର ପରିବାର ବିସ୍ତୀର୍ଣ୍ଣ ହୋଇଯାଇଥିଲା। ଖୁଡ଼ି ମାଳତୀ ଚୌଧୁରୀ ଯେହେତୁ ରବୀନ୍ଦ୍ରନାଥ ଟାଗୋରଙ୍କ ଶାନ୍ତି ନିକେତନ ଡାଆଁରେ ବଢ଼ିଥିଲେ ତାର ପ୍ରଭାବ ମଧ ଅନ୍ନପୂର୍ଣ୍ଣାଙ୍କ ଉପରେ ଖୁବ୍ ପଡ଼ିଥିଲା। ଗାନ୍ଧିଜୀଙ୍କ ପ୍ରେରଣାରେ ଗୋପବନ୍ଧୁ ନିଜ ଘରେ ଅସବର୍ଣ୍ଣ ବିବାହ ଚଳେଇଥିଲେ। ଗାନ୍ଧୀଙ୍କ ବିଚାର ଓ ନିଷ୍ଠାରେ ଉଭୟ ସ୍ୱାମୀ ସ୍ତ୍ରୀ କେହିକାହାଠାରୁ କମ୍ ନଥିଲେ। ବିବାହପରେ ସେ ଦୁଇଟି ପୁତ୍ର ସନ୍ତାନର ଜନନୀ ହୋଇଥିଲେ। ସେମାନେ ବୃତ୍ତିରେ ଯଦିଓ ବୈଜ୍ଞାନିକ ଥିଲେ ତାଙ୍କର ଜୀବନଦର୍ଶନରେ ପ୍ରତି ଛତ୍ରେ ଛତ୍ରେ ଗାନ୍ଧୀ ବିଚାର ଭରି ରହିଥିଲା। ଅନ୍ନପୂର୍ଣ୍ଣା ଓ ସ୍ୱାମୀ ଶରତଚନ୍ଦ୍ର ମହାରଣା ଉଭୟେ ସଂଯମୀ, ପରିଶ୍ରମୀ, ନିର୍ଲୋଭୀ ଓ ପରୋପକାରୀ ହୋଇ ପରକୁ ଆପଣାର କରିବାର କଳାରେ ଥିଲେ ଧୁରନ୍ଧର। ହାତରେ ଅର୍ଥବଳ ନଥିଲେ ମଧ ଗାନ୍ଧୀ କାମ ଚଳେଇବାର ଲକ୍ଷଲକ୍ଷ ଟଙ୍କାର ସଫଳ ଯୋଜନା ସେମାନେ କରି ଗାନ୍ଧୀଙ୍କ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସେ ନିଜର ପାରିବାରିକ ଜୀବନର ସବୁ ସୁଖକୁ ବଳି ଦେଇ ଲୋକଙ୍କ ମୁହଁରେ ହସ ଫୁଟାଉଥିଲେ। ରାମଚନ୍ଦ୍ରପୁର କସ୍ତୁରବା କେନ୍ଦ୍ରର ଛାତ୍ରୀ ନିବାସ ପୂର୍ବପେକ୍ଷା ବଡ଼ ଆକାରର କରି ଉପରେ ଆଜବେଷ୍ଟସ ଛପର ଦିଆଯାଇଥିଲା। ନିଜେ ଶରତ ବାବୁ ଓ ଅନ୍ନପୂର୍ଣ୍ଣା ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି କାର୍ଯ୍ୟରେ ମୂଲିଆମାନଙ୍କ ସହ ଏତେ ମାତ୍ରାରେ ବ୍ୟସ୍ତ ରହିଯାଉଥିଲେ ଯେ ଯେ ନିଜର ଖାଇବା ପିଇବା ମଧ ଭୁଲି ଯାଉଥିଲେ। ମାସ ମାସ କରି ଅକ୍ଳାନ୍ତ ପରିଶ୍ରମ କରି ସେ ସେହି ଛାତ୍ରୀ ନିବାସକୁ ଗଢ଼ିଥିଲେ। ଏହିଭଳି ଅକ୍ଳାନ୍ତ ପରିଶ୍ରମ କରି ରୋଗାକ୍ରାନ୍ତ ମଧ ହୋଇଯାଉଥିଲେ। ମା' ଅନ୍ନପୂର୍ଣ୍ଣାଙ୍କ ଆଖି ଆଗରେ ଥିଲା ଭାରତମାତାର ସ୍ୱାଧିନ ବଳିଷ୍ଠ, ନିର୍ମଳ ରାମରାଜ୍ୟର ନିଖୁଣ ଚିତ୍ର ଏବଂ ଗାନ୍ଧୀ ମହାତ୍ମାଙ୍କର ସତ୍ୟ, ଅହିଂସା ପ୍ରଣୋଦିତ ନିରସ୍ତ୍ର ସଂଗ୍ରାମ ତଥା ହୃଦୟରେ ଥିଲା ତାଙ୍କର ନିଷ୍ଠା ଓ ବିଶ୍ୱାସ। ସେ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇନଥିଲେ ମଧ ଘରୋଇ ଶିକ୍ଷକଙ୍କ ପାଖରେ ରହି ନିଜର ଜ୍ଞାନ ଅଧ୍ୟବସାୟ ବଳରେ ନିଜ ପରିବାରଠୁ ଯେଉଁ ଶିକ୍ଷା ପାଉଥିଲେ ସେହି ଶିକ୍ଷାଦ୍ୱାରା ସମାଜସେବାକୁ ନିଜର ବ୍ରତ କରିଥିଲେ। ତାହା ବିଶ୍ୱବିଦ୍ୟାଳୟ ଶିକ୍ଷାଠାରୁ କିଛି କମ୍ ନଥିଲା। ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା, ସଂସ୍କୃତ ଆଦି ବିଭିନ୍ନ ଭାଷାର ସେ ପାରଙ୍ଗମ ଥିଲେ, ଏହାର ବଳିଷ୍ଠ ପ୍ରମାଣ ହେଉଛି ତାଙ୍କର ସ୍ୱରଚିତ କବିତା ଏବଂ ଅନୁବାଦ ପୁସ୍ତକ। ଅଗାଧ୍ୟ ପାଣ୍ଡିତ୍ୟ ଥିଲା ତାଙ୍କର। ସେ ରାମାୟଣ ହେଉ ମହାଭାରତ ହେଉ ବା ଫରାସୀ ବିପ୍ଳବ ହେଉ ବା ରୁଷ୍ ବିପ୍ଳବ ହେଉ ଏସବୁ କାହାଣୀକୁ ସେ ଛୋଟପିଲାମାନଙ୍କୁ ଗପ ଆକାରରେ କହୁଥିଲେ। ଏତେ ଜ୍ଞାନ ଥିଲେ ବି ତାଙ୍କର ମନରେ ଟିକିଏ ବି ଗର୍ବ ନ ଥିଲା। ସେ ଥିଲେ ଆଜନ୍ମ ବିପ୍ଳବିଣୀ। କେବଳ ଯେ ଗାନ୍ଧୀଙ୍କ କଳ୍ପିତ ରାମରାଜ୍ୟର ପ୍ରତିଷ୍ଠା ପାଇଁ ଅନେକ ଜନଜାଗରଣ ଆନ୍ଦୋଳନ କରି ପୁରୁଣା ରାଜନୀତି ଭିତରେ ଥିବା ଅବାଞ୍ଛିତ ବିଶ୍ୱାସର ଚଳଣିକୁ ବଦଳାଇଥିଲେ ବରଂ ବାତ୍ୟା, ବନ୍ୟା, ଦୁର୍ଭିକ୍ଷ ଆଦି ମହାମାରୀ କବଳରୁ ଲୋକଙ୍କୁ ଉଧାର କରିବା ପାଇଁ ସେ ଚିରଦିନ ପାଇଁ ଗୋଟିଏ ସିପାହୀ ଭଳି କାର୍ଯ୍ୟ କରିଚାଲିଥିଲେ।

ଓଡ଼ିଶାରେ ଗାନ୍ଧିଜୀ ଚଳାଇଥିବା ହରିଜନ ଆନ୍ଦୋଳନର ସେ ସହଯୋଗୀ ଥିଲେ। ଗାନ୍ଧିଜୀଙ୍କ ସେବାଗ୍ରାମ ଆଶ୍ରମରେ ମା' ଅନ୍ନପୂର୍ଣ୍ଣା ଅନେକ ଦିନ ଅବସ୍ଥାନ କରି ଗାନ୍ଧୀଙ୍କ ମୌଳିକ ଶିକ୍ଷାରେ ସେ ଦେଶରେ ସର୍ବପ୍ରଥମ ଯୋଗଦାନ କରି ଶିକ୍ଷାଗ୍ରହଣ କରିଥିଲେ। ମାଆ ରମାଦେବୀ ଓ ଖୁଡ଼ି ମାଳତୀ ଦେବୀଙ୍କ ସହ ମିଶି କୁଜଙ୍ଗ ଅଞ୍ଚଳରେ ଲୁଣମରା କାମ କରିଥିଲେ। ୧୯୩୪ ମସିହାରୁ ମା' ଅନ୍ନପୂର୍ଣ୍ଣା କଟକ ଜିଲ୍ଲା ବରୀଠାରେ ହରିଜନ ସେବା, ନିଶା ନିବାରଣ, ମୌଳିକ ଶିକ୍ଷା, ଖଦୀ, ଗ୍ରାମ ସଫେଇ ଭଳି ୧୮ ପ୍ରକାରର ରଚନାତ୍ମକ କାର୍ଯ୍ୟ କରୁଥିଲେ। ୧୯୩୮ ମସିହାରେ ପୁରୀ ଜିଲ୍ଲା ଡେଲାଙ୍ଗ ନିକଟସ୍ଥ ବେରବୋଇ ଗାନ୍ଧୀ ସମ୍ମିଳନୀରେ ୭ ଦିନ କାର୍ଯ୍ୟ କରିଥିଲେ। କେବଳ ସେତିକି ନୁହେଁ ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନରେ ସେ ଅଗ୍ରଣୀ ଭୂମିକା ନେଇ ବରୀ, କଳାମାଟିଆ, ଇଂରେଜ ବିରୋଧୀ ସଭାର ନେତୃତ୍ୱ ନେଉଥିବାବେଳେ ପୋଲିସ୍‌ର ଆଖିବୁଜା ଗୁଳିରେ ଯେତେବେଳେ ସାଉଁଟି, ସାନନ୍ଦ, ହାଡ଼ିବନ୍ଧୁ ମାୟାଧର ପ୍ରଭୃତି ୪ ଜଣ ଘଟଣାସ୍ଥଳରେ ଶହୀଦ ହୋଇଗଲେ ମା' ନିଜେ ଆହତମାନଙ୍କର ସେବା କରିବା ସହ ଗୁଳି କରିବା ପାଇଁ ନିଜ ଛାତି ପତାଇ ଦେଇଥିଲେ। ୧୯୪୨ରୁ ୧୯୪୪ ମସିହାଯାଏ ଦୁଇଥର ସେ କଟକ ଓ ଯାଜପୁର ଜେଲରେ ରହିଲେ। ପୁଣି ଗାନ୍ଧିଜୀଙ୍କ ଡାକରାରେ ପୁରୀ ଓ କଟକରେ ଖଦିକାମ କରୁଥିଲେ ଏବଂ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟ ଜାରି ରଖିଥିଲେ। କସ୍ତୁରବାଙ୍କ ଦେହାନ୍ତପରେ ଗାନ୍ଧିଜୀ ମହିଳା ଓ ଶିଶୁ କଲ୍ୟାଣ ପାଇଁ ଯେଉଁ କସ୍ତୁରବା ଟ୍ରଷ୍ଟ ଆରମ୍ଭ କଲେ ଓଡ଼ିଶାରେ ମା' ରମାଦେବୀଙ୍କ ସହ ମା' ଅନ୍ନପୂର୍ଣ୍ଣା ଏହାର ନେତୃତ୍ୱ ନେଇଥିଲେ ଏବଂ ପରେ ଅନ୍ନପୂର୍ଣ୍ଣା ଏହାର ଟ୍ରଷ୍ଟି ହୋଇଥିଲେ। କେବଳ ସେତିକି ନୁହେଁ ଭୂଦାନ-ଗ୍ରାମଦାନ-ସନ୍ଥ ବିନୋବାଙ୍କ ନେତୃତ୍ୱରେ ଦେଶବ୍ୟାପୀ ଯେଉଁ ଭୂଦାନ ଗ୍ରାମଦାନ ଆନ୍ଦୋଳନ ଆରମ୍ଭ ହେଲା ସେଥିରେ ମା' ଅନ୍ନପୂର୍ଣ୍ଣା ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ଏବଂ ସାରା ରାଜ୍ୟରେ ଘର ଘର ଘୁରି ବୁଲି ହଜାର ହଜାର ଏକର ଜମି ସେ ଦାନରେ ସଂଗ୍ରହ କରି ଭୂମିହୀନଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ନିଜର ଅଗାଧ ସାଧନା ଏବଂ ଦୃଢ଼ମନୋବଳ ଯୋଗୁଁ ସନ୍ଥ ବିନୋବା ଯେତେବେଳେ ଆଧ୍ୟାତ୍ମିକତାକୁ ଏକ ନୂଆ ମୋଡ଼ ଦେଇ ବ୍ରହ୍ମବିଦ୍ୟାରେ ନାରୀମାନଙ୍କର ଅଧିକାର ରହିଥିବା ଦର୍ଶାଇ ପୌନାଠାରେ ବ୍ରହ୍ମବିଦ୍ୟା ମନ୍ଦିର ଆରମ୍ଭ କରି ବ୍ରହ୍ମଚାରିଣୀମାନଙ୍କୁ ବ୍ରହ୍ମବିଦ୍ୟା ଉପାସନା ପାଇଁ ବ୍ୟବସ୍ଥା କଲେ। ସେଥିରେ ଏକମାତ୍ର ମା' ଅନ୍ନପୂର୍ଣ୍ଣା ବିଭାହିତା ହୋଇ ସୁଦ୍ଧା ସେଠାରେ ଅବସ୍ଥାନ ପାଇଁ ଅନୁମତି ପ୍ରାପ୍ତ କରିଥିଲେ। ୧୯୫୦ ମସିହାରେ ଅନୁଗୁଳ ବାଜିରାଉତ ଛାତ୍ରବାସ ପରିସରରେ ଯେଉଁ ଅଖିଳଭାରତ ସର୍ବୋଦୟ ସମ୍ମିଳନୀ ହୋଇଥିଲା। ଗୋପବନ୍ଧୁ ଥିଲେ ଅଖିଳ ଭାରତ ସର୍ବ ସେବା ସଂଘର ଚେୟାରମ୍ୟାନ୍। ଏହି ସମ୍ମିଳନୀ କିପରି ସୁନ୍ଦରଭାବେ ପରିଚାଳିତ ହେବ ଏବଂ ବିଶେଷ କରି ରନ୍ଧନ କାର୍ଯ୍ୟ ଏବଂ ପରିବେଷଣ କାମ ଅନ୍ନପୂର୍ଣ୍ଣା ଦେବୀ ଅତି ଶୃଙ୍ଖଳିତ ଭାବେ ଚଳାଉଥିଲେ। ସ୍ୱାଧୀନତା ସଂଗ୍ରାମରେ ସଂସ୍ଥା ପରିଚାଳନାରେ ସେବାକାମରେ ଲୋକଙ୍କୁ ଗାନ୍ଧୀ କାମରେ ଅନୁପ୍ରାଣିତ କରିବାର ଗୋଟିଏ ଜୀବନ୍ତ ଜାଗ୍ରତ ନମୁନା ଥିଲେ ଅନ୍ନପୂର୍ଣ୍ଣା। ସତରେ ଗାନ୍ଧୀ ଦେହତ୍ୟାଗ କରିସାରିବାପରେ ଦେଶ ଗଠନର ଅହିଂସା ସଂଗ୍ରାମକୁ ଦେହ, ମନ, ପ୍ରାଣ ଦେଇ ଚଳାଇବାରେ ଜଣେ ନିରଳସ ଅନନ୍ୟ ସିପାହୀର ଜ୍ୱଳନ୍ତ ନମୁନା ଥିଲେ ମା' ଅନ୍ନପୂର୍ଣ୍ଣା। ତାଙ୍କର ଦେହ, ପ୍ରାଣ, ମନ ସବୁ ଥିଲା ସେବା ଓ ସଂଗ୍ରାମରେ ଉତ୍ସର୍ଗୀକୃତ। ଦେହ, ମନ, କାୟା, ବାକ୍ୟ ସବୁଥିରେ ଗାନ୍ଧୀବାଦ ବାରି ହୋଇ ପଡୁଥିଲା ମା' ଅନ୍ନପୂର୍ଣ୍ଣାଦେବଙ୍କର। ତାଙ୍କ ଜୀବନ ଗୋଟିଏ ଶତାବ୍ଦୀର କର୍ମବହୁଳ, ଘଟଣା ବହୁଳ ପୃଷ୍ଠାଟିଏ।

(କ୍ରମଶଃ)

# ଧାନ, ମୀନ ଏବଂ ପାନ ପାଇଁ ପ୍ରସିଦ୍ଧ ବାଲେଶ୍ୱରରେ ଏବେ ମଦ, ଧଳାଜହର ଏବଂ ଗୋରୁ ଚାଲାଣ



### ସୁବ୍ରତ କର

ସାରା ରାଜ୍ୟରେ ଆମ ଜିଲ୍ଲା ଭାତ ହାଣ୍ଡି ଭାବରେ ପ୍ରସିଦ୍ଧ ଲାଭ କରିଥିଲା। ଧାନ, ଚାଉଳ ପଡ଼ୋଶୀ ରାଜ୍ୟଠୁ ଆରମ୍ଭ କରି ରାଜ୍ୟର ଅନ୍ୟ ସବୁ ଜିଲ୍ଲାକୁ ମଧ ଚାଲାଣ କରା ହେଉଥିଲା । ସେହି ପ୍ରକାର ମାଛ । ଆମ ଜିଲ୍ଲାର ସମୁଦ୍ରତଟ ପ୍ରାୟ ୧୨୦ କିମି । ଧାମରାଠାରୁ ଆରମ୍ଭ କରି ଦୀଘା ପର୍ଯ୍ୟନ୍ତ ବିସ୍ତୃତ । ଏହି ସମୁଦ୍ର ତଟରୁ ଟନ୍‌ଟନ୍ ମାଛ ହାଓ୍ୱଡ଼ା ମାଛ ବଜାର ଅନେକାଂଶରେ ଏହି ମାଛ ଉପରେ ନିର୍ଭର କରୁଥିଲା । ବାଲେଶ୍ୱରର ଚାନ୍ଦିପୁରରୁ ଇଲିସି ମାଛର କଲିକତାରେ ଚାହିଦା ପ୍ରଚୁର । ଏବେ ଆସିବା ପାନ । ଭୋଗରାଇ, ଜଳେଶ୍ୱର ଏବଂ ବାଲିଆପାଳ ଅଞ୍ଚଳ ପାନ ପାଇଁ ପ୍ରସିଦ୍ଧ ଥିଲା । ମୁଁ ଯେତେବେଳେ (୧୯୭୩-୭୫) ବମ୍ବେରେ ପାଠ ପଢୁଥିଲି ମୋବି ଖିଲି ପାନ ହେଉ ବା ଗୋଟା ପାନ ସବୁ ଆମ ଜିଲ୍ଲାରୁ ଯାଉଥିଲା । ଶୁଣିବା ପରେ ବହୁତ ଖୁସି ଲାଗୁଥିଲା, ମୋର ସହପାଠୀଙ୍କୁ କହୁଥିଲି ଏହି ପାନ ତମେ ଯେ ଖାଇଲ ସେ ଖଣ୍ଡକ ମୋର ଜିଲ୍ଲାରୁ ଏଠିକି ଆସିଛି । ସମୟ ସ୍ରୋତରେ ସବୁ କେଉଁଠୁ ହଜି ଗଲା ଏବଂ ଏହି ଜାଗାରେ ଆସିଗଲା ମଦ, ଧଳା ଜହର ଏବଂ ଗାଈ ଚାଲାଣ । ପ୍ରତିଦିନ ଖବର କାଗଜ ଖୋଲିଦେଲେ ବିଶେଷ ଖବର ଭାବରେ ଆଗକୁ ଆସେ ଜଳେଶ୍ୱର, ଭୋଗରାଇ ହେଉ ବାଲେଶ୍ୱର ସହର ହେଉ ଲକ୍ଷଲକ୍ଷ ଟଙ୍କାର ଧଳା ଜହର ପୋଲିସ ହାତରେ ଧରା ପଡ଼ିଛି । ଏଥିରେ ପ୍ରାୟ ସବୁ ଉଚ୍ଚ ଶିକ୍ଷିତ ପିଲାମାନେ (ଏପରିକି ଇଂଜିନିୟର) ଜଡ଼ିତ ଏବଂ ସିଧାସଳଖ ଜେଲ ଏବଂ ଏହି ବାଲେଶ୍ୱରରୁ ଓଡ଼ିଶା ଏବଂ ରାଜ୍ୟ ବାହାରେ ମଧ ଧଳା ଜହର ଚାଲାଣ ବାରବାର ହେଉଛି । ହଜାର ହଜାର ସ୍କୁଲ, କଲେଜ ପିଲାଙ୍କ ଜୀବନକୁ ନଷ୍ଟ କରି ଚାଲିଛି । ହଜାର ହଜାର ପରିବାରକୁ ନଷ୍ଟ କରି ଦେଉଛି । ଧଳା ଜହର ଯେଉଁ ପ୍ରକାରରେ ମାଡ଼ି ଚାଲିଛି ଏହାକୁ ସରକାର ତ ରୋକି ପାରିବେ ନାହିଁ ନିଶ୍ଚିତ କିନ୍ତୁ ଏଟା ନିଶ୍ଚିତ ଯଦି ଆମେ ସମସ୍ତେ ଚେଷ୍ଟା କରିବା ମୁଁ ଭାବୁଛି କିଛି ମାତ୍ରାରେ ଏହାକୁ ରୋକି ପାରିବା । ମଦ କଥା ଛାଡ଼ି ଦିଅନ୍ତୁ। ଏହା ଏବେ ଘରେ ଘରେ । ବିନା ମଦରେ ମଜଲିସ୍ ହୋଇ ପାରିବେ ନାହିଁ । ମଦ ପାଇଁ କିନ୍ତୁ ସମ୍ପୂର୍ଣ୍ଣ ସରକାର ଦାୟୀ, ଶହ ଶହ ମଦ ଦୋକାନକୁ ଲାଇସେନ୍‌ସ ଦେଇ ଚାଲିଛନ୍ତି । ଛୋଟ ଛୋଟ ପିଲାମାନେ (ସ୍କୁଲ ପିଲା) ମଧ ମଦ ଆଡ଼କୁ ଟଣା ହୋଇ ଯାଉଛନ୍ତି । ଏହାକୁ ମଧ ରୋକିବା ନିହାତି ଦରକାର । ଶେଷରେ କାଗଜ ଖୋଲିଲେ ପ୍ରତିଦିନ ଗୋରୁ ଚାଲାଣ । ଭଦ୍ରଖରୁ ଜଳେଶ୍ୱରକୁ ଟପିବା ଭିତରେ ଖୁବ କମରେ ୯ରୁ ୧୦ଟି ଥାନା ଦେଇ ଯିବାକୁ ପଡ଼େ ଏବଂ ଗାଡ଼ିକୁ ଛାଡ଼ିବା ପାଇଁ ଚାନ୍ଦା ବନ୍ଧା ହୋଇଛି । ପକାଅ ଟଙ୍କ ନିଅ ଗରୁଙ୍କୁ । ଏହାକୁ ମଧ ବନ୍ଦ କରିବା ପାଇଁ କିଛି ସାମାଜିକ ସଂଗଠନ ଚେଷ୍ଟା ଚଳାଇଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ବିଶେଷ ଫଳପ୍ରଦ ହୋଇନାହିଁ । ସବୁଠୁ ବଡ଼ କଥା ହେଲା କିଛି ଟଙ୍କା ବିନିମୟରେ ଆମ ଜିଲ୍ଲାକୁ ବଦନାମ କରିବାକୁ ବ୍ୟସ୍ତ । କିନ୍ତୁ ଏହା ବେଶି ଦିନ ଚଳିବ ନାହିଁ ।

## କବିତା କୋଣାର୍କ

### ଭଲ ପାଇବାର ହୃଦୟ ଅଲଗା

#### ସନ୍ତୋଷ କୁମାର ଅଦାବର

ଗୋଲାପ ଫୁଲଟେ ଧରେଇ
ଦେଲେବି
ହୁଏ ନାହିଁ କେବେ ପ୍ରେମ
ପ୍ରେମ ହୁଏ ନାହିଁ ନିଦକୁ ଡାକି କି
ଯେତେ ଦେଖିଲେ ବି ସ୍ୱପ୍ନ ।
ଆଖିରେ ଆଖିକୁ ମିଶେଇ ଭାବୁଛ
ପ୍ରେମ ହୋଇଗଲା ବୋଲି
ଏମିତି ଏ ଆଖି ଧୋକାଟେ
ଦେବ ଯେ
ପଶ୍ଚାତ୍ ତାପ ହେବ ଖାଲି ।
ଶବ୍ଦ ଅଲଙ୍କାର ଯୋଡ଼ି ସଜେଇକି
ଯେତେ ବି ଲେଖ କବିତା
ପ୍ରେମ ହେଲା ବୋଲି ଭାବୁଥିବ ସିନା
ସବୁ ମିଛ ମରୀଚିକା ।
ଭଲ ପାଇବାର ହୃଦୟ ଅଲଗା
ମିଳିବା ବି କଷ୍ଟକର
ଭଲ ହୃଦୟଟେ ନ ମିଳିଲେ କେବେ
ପ୍ରେମ ହୁଏ ନି ସଫଳ ।
ଯେଉଁ ହୃଦୟ ଟା ଲୁହ ଦେଖିପାରେ
ହସର ଚାଲିବା ବାଟେ
ଲାଭ ଆଶା ଛାଡ଼ି ବଣିକ ହୁଅଇ
ନିଃସ୍ୱାର୍ଥ ଜୀବନ ହାଟେ ।
ସେ ହୃଦୟ ଏକା ଫୁଲ ବିଛି ଦିଏ
କଣ୍ଟକିତ ପଥପରେ
ଭଲ ପାଇବାର ଭିନ୍ନ ଏ ହୃଦୟ
ଅନୁଭବି ଜାଣିପାରେ ।

ବୀରମହାରାଜପୁର,
ଜିଲ୍ଲା-ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

### ତୁମେ ମୋ ଆପଣା ଜନ

#### ନିରଞ୍ଜନ ସାହୁ

ତୁମେ ଆସିବାର ଖବର ମିଳିଲେ
ଖୁସି ହୋଇଯାଏ ମନ
କେମିତିବା ଖୁସି ହେବିନି କହୁନ
ତୁମେ ମୋ ହଜିଲା ଧନ ।
ନିଇତି ଯାହାକୁ ଦେଖିବାକୁ ଇଚ୍ଛା
କରିଥାଏ ଦୁଇ ଆଖି
ସେ ଦୁଇ ଆଖିର ନିହାତି ପସନ୍ଦ
ତୁମେ ପରା ମନଲାଖି
ତୁମକୁ ଟିକିଏ ଦେଖିଦେବା ପାଇଁ
ମନ ସଦା ଛନ୍ନଛନ୍ନ ।
ତୁମେ ଆସିବାର ଖବର ମିଳଇ
ଜବର ଭାବରେ ସିନା
ତୁମେ ଆସନାହିଁ ଦୁଃଖେ ମୁଁ ରହଇ
ବିକଳେ ତୁମରି ବିନା
ଅନେକ ଦିନର ବ୍ୟବଧାନ ହେବ
ଭେଟିଥିଲି କେଉଁ ସନ ।
ଏହାରି ଭିତରେ ବଦଳି ଯିବଣି
ତୁମରି ତ ହାବଭାବ
ବଦଳି ଯିବଣି ତୁମରି ଚେହେରା
କଷିବଣି କ୍ଷତିଲାଭ
ମନ ପୋଡ଼ିଗଲେ କିଏସେ ଜାଣିବ
ଜାଣନ୍ତି ପୋଡିଲେ ବନ ।
ଏଥର ଆସିଲେ ନିଶ୍ଚୟ ଭେଟିବି
ଥାଉ ଯେତେ ଅସୁବିଧା
ମନ ଖୋଲି କେତେ କଥା ମୁଁ କହିବି
କଟୁ ନୁହେଁ ସାଦାସିଧା
ତୁମେ ସିନା ମୋତେ ପର ଭାବୁଥିବ
ମୁଁ ଭାବେ ଆପଣା ଜନ ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଶ୍ରଦ୍ଧାଞ୍ଜଳି

#### ଶୁଭଦର୍ଶିନୀ ଦାଶ



ଆଞ୍ଜୁଳା ଆଞ୍ଜୁଳା ଶବ୍ଦଫୁଲ
ନିତି ସମର୍ପି ହୁଏ ଖବର କାଗଜର
ଶ୍ରଦ୍ଧାଞ୍ଜଳି ପୃଷ୍ଠାରେ
ସେଇ ଫୁଲ କେବଳ ଫୁଟିପାରେ
ପରିଜନଙ୍କ ହୃଦୟ ଅଗଣାରେ ।

କିଏ ତାକୁ ତୋଳି ଆଣିଥାଏ
ବାପାଙ୍କ ପାଇଁ
କିଏ ସମର୍ପି ଦିଏ ମା, ଭାଇ ଓ
ଭଉଣୀ ପାଇଁ
କିଏ ପୁଣି ଆଞ୍ଜୁଳି ଭରି
ବଢ଼ାଇଦେଇଥାଏ
ଆଖିର ତାରାକୁ ତାର ମନେପକାଇ ।

ହୋଇପାରେ ସେହି ଫୁଲର ରଙ୍ଗସବୁ
ଭିନ୍ନ
ବାସ୍ନା କିନ୍ତୁ ତା'ର ଏକ
ମହକରୁ ଖାଲି ଦୁଃଖ ଆଉ କଷ୍ଟ ହିଁ
ବାରିହୁଏ,
ଲୁହ ଗଙ୍ଗାଜଳରେ ଭିଜା
ଅମଳିନ ଫୁଲ ସିଏ ।

ସମର୍ପିତ ହୁଏ ଯେଉଁ
ସଦ୍ଗତି ର ପାଦ ତଳେ
ସେ ପାଦ ସବୁ ଏବେ ସ୍ଥିର
ମହୀପୃଷ୍ଠରେ
ସଦା ଚଳଚଞ୍ଚଳ କିନ୍ତୁ ହୃଦୟତୀରେ
ଅଣଦେଖା ଏ ଦୁନିଆ ଭିଡ଼ରେ
ସାଇତା କିନ୍ତୁ ମନର ଗମ୍ଭୀରି
ଘରେ ।

ଖାଲି ପରିଜନ ନୁହେଁ
ସମର୍ପିତ ଫୁଲରେ ମାଳା ଗୁନ୍ଥି
ବସିଲେ
ଲୁହ ଜକେଇଆସେ
ସବୁ ଦରଦୀମନର ଆଖିକୋଣରେ

ଶ୍ରଦ୍ଧାଞ୍ଜଳି ପୃଷ୍ଠାର ଫୋଟଚିତ୍ର ସବୁ
ଅଗ୍ରାହ୍ୟ ଜୀବନସତ୍ୟର
କ'ଣ ଦର୍ପଣ ନୁହେଁ ?

ଭୁବନେଶ୍ୱର
ମୋ:୮୨୮୦୩୧୧୦୦୦

## ଶୀତ ପାଇଁ...

#### ଅଧ୍ୟାପିକା ଲକ୍ଷ୍ମିପ୍ରିୟା ପୃଷ୍ଟି



ତୋ ନିଦରେ କେବେ ସପନ
ହେବାକୁ
ଶୀତ ଦେଇଥିଲା ରାଣ
ସକାଳ କୁହୁଡ଼ି ପରିକା ଛଳନା
କରିଦେଲା ଅକାରଣ,
ଧୂସର ସମୟ ତଳୁ
ନିଆଁ ଧାସ ପରି ଧସେଇ ସେ ସ୍ମୃତି
କରିଦିଏ ଏବେ ଚଳୁ ।

ଶୀତ ଶିଖାଇଲା ସେ କେଉଁ ଗୀତିକା
ତୋଅ ପାଇଁ ଗାଉଥିଲି
ସମୟ କହୁଛି ଭୁଲ ବୋଲି ତାକୁ
ଦୂରକୁ ଦେଇଛି ଠେଲି
ହାତ ଠାରି ମୋତେ କହୁଛି ଏବେ
ସେ
ଭୁଲିଯା ଭୁଲିଯା ବୋଲି ।

ଧାନକେଣ୍ଡା ସାଥେ ଧନୁମୁଆଁ ରଖି
ଶୀତ ଗାଉଥିଲା ଗୀତ
ଲକ୍ଷ୍ମୀ ସାଆନ୍ତାଣୀ ଆସିବେ ମରତେ
କରିବାକୁ ତାଙ୍କୁ ପ୍ରୀତ
ସଜବାଜ ଏବେ ଗାଁ ରୁ ସହର,
ପୁଣ୍ୟ ପରଶା ଧରଣୀ ହସୁଛି
ତୋଷିବାକୁ ଲକ୍ଷ୍ମୀ ମାତ ।

ସୋରିଷ କ୍ଷେତର ସୁନେଲି ଛୁଆଁରେ
ଶୀତ ସଜବାଜ ସାରି
ଅନେଇ ବସିଛି ଏଣ୍ଡୁରି ପିଠାକୁ
ହଳଦୀ ପତର ଧରି
ପୋରୁହାଁ ପିଲାର ଶୁଭ ମନାସିବ
ଘିଅ ଦୀପଟିଏ ଜାଳି
ତୋଷ ଚିତ୍ତେ ମାଆ ଦେଉଥିବ ତାର
ମନଛୁଆଁ ହୁଳହୁଳି ।

ଦଶରଥ ପୁର,
ଯାଜପୁର,୭୫୫୦୦୬,
ମୋ: ୭୩୭୭୩୧୮୭୮୯

# ଥୋପ

## ରାଧାଶ୍ୟାମ ରାଉଳ

ସହରର ଉପକଣ୍ଠରେ ଗଢି ଉଠିଥିବା ଅଳକାପୁରୀ କଲୋନୀକୁ ପ୍ରଥମରୁ ଏକ ଆଦର୍ଶ କଲୋନୀ ଭାବରେ ଗ୍ରହଣ କରିନେଇଥିଲେ କଲୋନୀର ଅନ୍ୟତମ ଅଧିବାସୀ ବେଲାଳସେନ ରାଉତ ଓରଫ୍ ବେଲାଳବାବୁ । ତେବେ ପରବର୍ତ୍ତୀ ସମୟରେ ସେ ପ୍ରତ୍ୟକ୍ଷ କଲେ; କଲୋନୀ ଅଧିବାସୀମାନଙ୍କର ସମ୍ପୂର୍ଣ୍ଣ ଉଦାସୀନତା ଓ ଗାଢ଼ ନିରବତାର ରୀତିମତ ଫାଇଦା ଉଠେଇ ମୁଷ୍ଟିମେୟ ସ୍ୱାର୍ଥପର ଅଧିବାସୀ ବେଧଡକ ଦୁର୍ନୀତି, ହାମବଡା ନୀତି, ବିଶୃଙ୍ଖଳା, ଭ୍ରଷ୍ଟାଚାର ଭିଆଇ ସେଠିକାର ଶାନ୍ତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶକୁ ଅଶାନ୍ତ ଓ ବିଷାକ୍ତ କରିଦେଲେ । ପରସ୍ପର ଭିତରେ ଥିବା ସଂପ୍ରୀତି, ଭାଇଚାରାକୁ ଭଙ୍ଗକରି ଘୃଣା, ଅସୂୟା ଓ ଅସହିଷ୍ଣୁତାକୁ ବଢ଼େଇ ଚାଲିଲେ, ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅବଜ୍ଞା କରି ଅନୀତି, ଅନ୍ୟାୟ, ଅରାଜକତାକୁ ପ୍ରଶୟ ଦେଲେ ।

ତେବେ ସେଠାରେ ଘଟୁଥିବା ଏଭଳି ତ୍ରୁଟି, ବିଚ୍ୟୁତି, ଅସଙ୍ଗତି, ବିଶୃଙ୍ଖଳା, ବିଲକ୍ଷଣ ବିରୋଧରେ ବେଲାଳବାବୁ ସ୍ୱରୋତ୍ତୋଳନ କରିବାରୁ ତଥାକଥିତ ଆତ୍ମଘୋଷିତ ମାମଲତକାର ମାନଙ୍କର ପ୍ରବଳ ଗାତ୍ରଦାହ ହେଲା, ନ୍ୟସ୍ତସ୍ୱାର୍ଥଗୋଷ୍ଠୀ ଶିବିରରେ ହୈଚୈ ସୃଷ୍ଟି ହେଲା । ତେବେ ଏ ଗାତ୍ରଦାହରୁ ଉପଶମ ପାଇଁ ଏବଂ ଏ ହୈଚୈ ଅବହାୱାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ମୁଖ୍ୟ ନଟବର ମହାପାତ୍ର ଓରଫ୍ ନଟବାବୁ ବେଲାଳ ବାବୁଙ୍କ ସହିତ ଗୋପନରେ ଆହିସ୍ତା ଆହିସ୍ତା କଥା ହେଲେ, 'ଦେଖନ୍ତୁ, ବେଲାଳବାବୁ, ବର୍ତ୍ତମାନ ସମୟରେ ଓଡ଼ିଆ ସାହିତ୍ୟ ଜଗତରେ ଆପଣ ଜଣେ ଅଲାରାଉଣ୍ଡର ସାହିତ୍ୟିକ ! ଆପଣଙ୍କ ଲେଖା ବିଭିନ୍ନ ସମ୍ବାଦପତ୍ର ଓ ପତ୍ରପତ୍ରିକାରୁ ପଢ଼ି ଆମେ ଆମୋଦିତ ହେଉଛୁ । ଆପଣଙ୍କର ନିରବଚ୍ଛିନ୍ନ ସାହିତ୍ୟ ସାଧନା ପାଇଁ ଇତ୍ୟବସରରେ ଆପଣ ବିଭିନ୍ନ ଅନୁଷ୍ଠାନ ତରଫରୁ ଅନେକ ସମ୍ମାନ ଓ ସମ୍ବର୍ଦ୍ଧନା ପାଇସାରିଲେଣି । ଆପଣଙ୍କ ଭଳି ଜଣେ ଖ୍ୟାତିସମ୍ପନ୍ନ ସାହିତ୍ୟିକ, ବିଜ୍ଞ ତଥା ବିଦ୍ୱାନ ବ୍ୟକ୍ତିଙ୍କୁ ଆମର ପଡୋଶୀ ଭାବରେ ପାଇ ଆମେ ସତରେ ଧନ୍ୟ ଓ ଗର୍ବିତ । ଏଇ ଖୁସିରେ କଲୋନୀର ଆବାସିକ ସଂଘ ତରଫରୁ ଆସନ୍ତା ବାର୍ଷିକ ଅଧିବେଶନରେ ଆମେ ଆପଣଙ୍କୁ ସ୍ୱତନ୍ତ୍ର ପ୍ରତିଭା ସମ୍ମାନରେ ସମ୍ମାନିତ କରିବୁ ନିଶ୍ଚୟ ।'

ନଟବାବୁଙ୍କ ମୁହଁରୁ ଏମନ୍ତ ମାଖନବୋଳା କଥା ଶୁଣି ନିଜର ସ୍ୱଭାବସୁଲଭ ଢଙ୍ଗରେ ବେଲାଳବାବୁ କହିଲେ, 'ଆଶ୍ଚର୍ଯ୍ୟ, ଆମର ଏ ଆବାସିକ ସଂଘ ତରଫରୁ ପୁଣି ମୋତେ ଦିଆଯିବ ସ୍ୱତନ୍ତ୍ର ପ୍ରତିଭା ସମ୍ମାନ ? ମୁଁ ବୁଝିପାରୁନାହିଁ, ଆପଣମାନଙ୍କର ଏ ଭେଳିକି,ଏ ପ୍ରହସନ କଣ ପାଇଁ ? ହୁଁ ଲୁଛିଛି ନା ଗୋଡ ଦି'ଟା ଦିଶୁଛି !'

ମୁଖମଣ୍ଡଳରେ ଚେନାଏ କୃତ୍ରିମ ହସ ଖେଳେଇ ନଟବାବୁ କହିଲେ, 'ଏଇ ତ, ମୁଁ ଜାଣେ ପରା, ଭଲକଥାକୁ ଆପଣ ଭୁଲ୍ ବୁଝିବେ ! ଅନ୍ୟର ଗୁଣ ନ ଦେଖି ଖୁଣ କାଢ଼ିବେ ! ଆମେ ଆପଣଙ୍କ ପ୍ରତିଭାକୁ ସମ୍ମାନ ଜଣାଇ ସମ୍ବର୍ଦ୍ଧିତ କରିବାକୁ ଚାହୁଁଥିବା ବେଳେ ଆପଣ ଆମକୁ ପରିହାସ କରୁଛନ୍ତି ! ଆପଣ ଜଣେ ଲେଖକ ହୋଇ ଆମ ପ୍ରତି ଏଭଳି ଅନୁଚିତ ଆଚରଣ ଦେଖେଇବା କଣ ଠିକ୍ ?'

ବେଲାଳବାବୁ କହିଲେ,'ହେଃ, ଇଏ କେଉଁ କିସମର ଥୋପ ମୋତେ ଦେଉଛନ୍ତି ହୋ ନଟବାବୁ ? ସ୍ପଷ୍ଟ ଦିବାଲୋକରେ ମୋତେ ଚାନ୍ଦ ଦେଖାଉଛନ୍ତି ନାଇଁ ? ଆପଣଙ୍କର ଛଳଛଦ୍ମ ଫନ୍ଦିଫିସାଦି ବାବଦରେ ମୋତେ ଅଜଣା ନାହିଁ । ଅତଏବ ଆପଣଙ୍କର ଏ ଥୋପକୁ ମୋର ଟାଉକିନା ଗିଳିବାର ନାହିଁ । ହା ହା ହା !'

ବେଲାଳବାବୁଙ୍କର ଏତାଦୃଶ ଶାଣଦିଆ ସଂଳାପ ଶ୍ରବଣାନ୍ତେ ନଟବାବୁ ଏକବାରେ ଛାନିଆ ! ଅତଃପର ବଚନ ନ ସ୍ଫୁରିଲା ମୁଖୁଁ ତାଙ୍କର ହୋ ସୁଧିଜନେ !


ଇନ୍ଦ୍ରଧନୁ
ଡ୍ୟୁପ୍ଲେକ୍ସ: ୧୦ ( ବି )
ବୀମାବିହାର, ମର୍କତ ନଗର
ସେକ୍ଟର:୬, କଟକ : ୭୫୩୦୧୪
ମୋ: ୯୪୩୭୦୯୦୯୮୫




# ନୀଳ

## ବିଷ୍ଣୁ ପ୍ରସାଦ ଦାସ

'ନୀଳ' ସେ ଆକାଶ ନୁହେଁ, 'ନୀଳ' ସେ ସାଗର ନୁହେଁ, 'ନୀଳ' ସେ' ମଣି ନୁହେଁ ଓ ତେବେ ଏ ନୀଳ କିଏ ? କ'ଣ ତା'ର ପରିଚୟ ? ନୀଳକୁ ଆମ ସଓହି ସାରା ଲୋକେ ଜାଣନ୍ତି ଓ ନୀଳ ପ୍ରତିଦିନ ଆସେ ଓ ତା'ର କାର୍ଯ୍ୟ ସାରି ନିର୍ଦ୍ଦିଷ୍ଟ ସମୟରେ ଫେରିଯାଏ । ମୋର ତା' ସହିତ ଦେଖା ହୁଏ କେବଳ ପ୍ରାତଃ କାଳରେ, ଯଦି କୌଣସି ବିଶେଷ କାର୍ଯ୍ୟ ଯଥା: ପର୍ବପର୍ବାଣି ବା ସରକାରୀ କାର୍ଯ୍ୟ ଥାଏ, ତେବେ ନୀଳର ଦେଖା ମିଳେ ଅପରାହ୍ନରେ ଓ ସେ ତା' ଦାୟିତ୍ୱ ପ୍ରତି ଖୁବ ସଚେତନ, ଠକାମୀ ତା'ର ଜାତକରେ ନାହିଁ କହିଲେ ଚଳେ, ନିଜ କାମ ବ୍ୟତୀତ ଅନ୍ୟର କାର୍ଯ୍ୟ ମଧ କରିଦେଇଥାଏ । ହୁଏତ ଏଇଭଳି ବ୍ୟକ୍ତିଙ୍କୁ ଆଜିକାଲି ଲୋକମାନେ 'ବୋକା' ଆଖ୍ୟା ଦିଅନ୍ତି, ମୋଟାମୋଟି କହିବାକୁ ଗଲେ ନୀଳ ସମସ୍ତଙ୍କର ବିଶ୍ୱାସଭାଜନ । ନୀଳ ଖୁବ ଗୋଟାଏ ପାରିଲା ବାଲା ବ୍ୟକ୍ତିତ୍ୱ ନୁହେଁ ତେବେବି ବସ୍ତିର ଲୋକଙ୍କ ପାଇଁ ତା'ର ସେବା, ତା'ର ଉପସ୍ଥିତି ଅନିବାର୍ଯ୍ୟ ଓ ନୀଳର ଅନୁପସ୍ଥିତି ସମସ୍ତଙ୍କର ଚିନ୍ତାର କାରଣ ।

ମଝିରେ ମୁଁ ଦିନେ ନୀଳର ଅନୁପସ୍ଥିତି ଅନୁଭବ କରି ଉତ୍ସୁକତା ବଶତଃ ମୋ ସହଧର୍ମିଣୀଙ୍କୁ ପଚାରିଲି କ'ଣ ନୀଳ ଆଉ ଆସୁନାହିଁକି ? କାହିଁ ମୁଁ ତ' ତା'କୁ ଜମା ଦେଖୁନି ?, କ'ଣ ତା'ର ଦେହ ଖରାପ ହେଲାକି ? ନା' ତା'ର ଏଠୁ ବଦଳି ହେଇଗଲା ? ହଠାତ ଏତେ ଗୁଡ଼ାଏ ପ୍ରଶ୍ନରେ ମୋ ସହଧର୍ମିଣୀ କିଛି ଉତ୍ତର ଦେଇ ନ'ପାରି ଖାଲି ହସିଦେଲେ ...ତାଙ୍କ ହସ ମୋତେ କେମିତି କେମିତି ଲାଗିଲା । ପ୍ରକୃତିସ୍ଥ ହୋଇ ସେ କହିଲେ 'ମୁଁ ବା କେମିତି ଜାଣିବି ଯେ, ନୀଳ କାହିଁକି ଆସୁନି ? ତୁମେ ତ' ଯେଉଁଠି ମୁଁ ବି ସେଇଠି' । ସହଧର୍ମିଣୀଙ୍କ ଉତ୍ତର ଶୁଣି ମୁଁ ମନକୁ ମନ ଗୁଣୁ ଗୁଣୁ ହୋଇ କହିଲି ' ହଉ ସେ ଆସୁ ପଚାରିବା ତା'ର କ'ଣ ହୋଇଥିଲା ? ପ୍ରତିଦିନ ସଖାଳେ ବାଲକୋନୀରେ ବସି ମୋ' ଆଖି ଦୁଇଟି ନୀଳକୁ ଖୋଜୁଥାଏ କିନ୍ତୁ ନୀଳର ଦେଖା ମିଳେନାହିଁ, ତା'ର ବଦଳିଆ ଭାବେ ଯେଉଁ ଲୋକଟି କାର୍ଯ୍ୟ କରିବାକୁ ଆସେ ନୀଳ ପରି କାମ କରି ପାରେନାହିଁ ଆମ ନଜରରେ ସେ 'ଠକ' । ଖାଲି ଦାୟିତ୍ୱ ସାରି ଚାଲିଯାଉଥିବା ବଦଳିଆ ଲୋକଟାକୁ ମୁଁ କ'ଣ, କେହି ବି ପସନ୍ଦ କରୁନଥିଲେ । ସମସ୍ତେ ତା'କୁ ନୀଳର କାର୍ଯ୍ୟ ଓ ବ୍ୟବହାର ସହିତ ତୁଳନା କରୁଥିଲେ । ନୀଳ ନିଜ କାର୍ଯ୍ୟ ସାରି ଅନ୍ୟର କାର୍ଯ୍ୟ ମଧ କରିବାରେ କେବେବି କୁଣ୍ଠାବୋଧ କରେନି , ସତେ ଯେପରି 'କର୍ମ ହିଁ ତା'ର ଜୀବନର ମାନଦଣ୍ଡ ' । ନୀଳର ଅନୁପସ୍ଥିତିରେ ଆଗରୁ ମଧ ଦୁଇ ତିନିଥର ବଦଳିଆ ଆସି ଗଲେଣି କିନ୍ତୁ ନୀଳ ଆସୁନି । 'ନୀଳ' ସେ ଆକାଶ ନୁହେଁ, କିନ୍ତୁ ଆକାଶ ପରି ବିଶାଳ ହୃଦୟ ତା'ର, 'ନୀଳ' ସେ ସାଗର ନୁହେଁ, କିନ୍ତୁ ସାଗର ପରି ନିର୍ବିକାର , 'ନୀଳ' ସେ ମଣି ନୁହେଁ, କିନ୍ତୁ ମଣି ଠାରୁ ବି ଉଜ୍ଜଳ, ତେବେ ଏହି ଗଳ୍ପର ନାୟକ ନୀଳ କିଏ ? 'ନୀଳ' ଖୁବ ବିବେକୀ ମଣିଷଟିଏ ।



କଟକ ମହାନଗର ନିଗମର ଏକ ସଫେଇ କର୍ମଚାରୀ ଏଇ ଗଳ୍ପର ନାୟକ 'ନୀଳ' । ତା'ର ପ୍ରତିଦିନର କାର୍ଯ୍ୟ ରାସ୍ତା ଓଳାଇବା ଓ ଆବର୍ଜନା ସଫାକରି ସ୍ଥାନାନ୍ତରିତ କରିବା, ନିଗମ ତରଫରୁ ଦିଆଯାଇଥିବା ଏକ ଠେଲା ଗାଡିରେ ଆବର୍ଜନା ସଂଗ୍ରହ କରି ଖତଗଦାରେ ପକାଇଥାଏ । ବାସ ! ଏତିକି କାର୍ଯ୍ୟ ? ପ୍ରକୃତରେ ଏତିକି କାର୍ଯ୍ୟ ନୁହେଁ, ଏଥିପାଇଁ କଠିନ ପରିଶ୍ରମ ଆଉ ନିଷ୍ଠାର ଆବଶ୍ୟକତା ଅଛି, ନାନାପ୍ରକାର ବର୍ଜ୍ୟବସ୍ତୁ ଓ ଦୁର୍ଗନ୍ଧ ଯୁକ୍ତ ମଇଳା ଉଠାଇନେବା ରାସ୍ତା ସଫାକରିବା, ଓଳାଇବା ଇତ୍ୟାଦି ସହଜସାଧ କାର୍ଯ୍ୟ ନୁହେଁ । ଆମେ 'ଅସ୍ପୃଶ୍ୟ' କହି ସେମାନଙ୍କୁ ଘୃଣା କରୁ କିନ୍ତୁ ସେମାନଙ୍କ ସେବା ବିନା ଆମେ ସାଧାରଣ ଜୀବନ ଯାପନ କରିବା ସହଜ ନୁହେଁ, ତେଣୁ ଜାତିରପିତା ମହାତ୍ମା ଗାନ୍ଧୀ ଯଥାର୍ଥରେ ସେମାନଙ୍କୁ ' ହରିଜନ' ବୋଲି ସମ୍ମାନ ଦେଇଛନ୍ତି । ଆମେ ସମସ୍ତେ ମାନବ ଆଉ ଆମର ମାନବିକତା ରହିବା ଦରକାର, କାର୍ଯ୍ୟ ବା ଜୀବିକାକୁ ନେଇ ବଡ ଛୋଟ ଭାବିବା ଉଚିତ ନୁହେଁ । ନୀଳ ତା'ର କାର୍ଯ୍ୟ ପାଇଁ ବହୁ ପ୍ରଶଂଶିତ, ଦିନେ ଦିନେ ମୁଁ ବସି ଭାବେ ମୁଁ ଯଦି ତା'ର ଉପରିସ୍ଥ ଅଧିକାରୀ ହୋଇ ଥା'ନ୍ତି ହୁଏତ ତା'ର ଦରମା ବଢ଼ାଇ ଦିଅନ୍ତି; ଯେଉଁଥିରେକି ସେ ଆହୁରି ଭଲ କାମ କରିବାକୁ ଆଗ୍ରହୀ ହୁଅନ୍ତା ତଥା ତା'ର ପାରିବାରିକ ସ୍ଥିତିରେ ମଧ ସୁଧାର ଆସନ୍ତା । ଏଇ ମହରଗ ଯୁଗରେ କେତେଟା ଟଙ୍କା ଅବା ସେ ପାଉଥିବ ? ସେ' ବି କେତେ ସ୍ୱପ୍ନ ଦେଖୁଥିବ ତା'ର ପିଲାମାନେ ବି ଦିନେ ବଡ ହେବେ ବଡ ଚାକିରୀ କରିବେ , ଗାଡି ମଟର କିଣିବେ ଘର କରିବେ ଆଉ ସୁଖରେ ରହିବେ....ତା' ପରି ତ' ଆଉ ତା' ପିଲାଏ ରାସ୍ତା ଝାଡୁ କରିବେନି । ହେ, ଭଗବାନ , ହେ, ମା ' ମଙ୍ଗଳା ତୁମକୁ ପ୍ରାଥନା କରୁଛି ତୁମେ ତା'ର ଆଶା ପୁରଣକର ।

ଦିନେ ଦିନେ ମୁଁ ନୀଳକୁ ଚା' ଖାଇବାକୁ କିଛି ପଇସା ଦେଉଥିଲି, ସେ ବି ତା'ର ବିବେକ ଅନୁସାରେ କିଛି କାମ କରି ମୋର ଋଣ ପରିଶୋଧ କରିଦେଉଥିଲା ଅଭାବୀ ମଣିଷଟିଏ କିନ୍ତୁ ସ୍ୱାଭିମାନୀ, ସରଳ ଆଉ କର୍ମଠ ସବୁ କଥାରେ ହସିଦିଏ ଓ ସକାଳ ୬ଟାରୁ ନୀଳ ତା'ର ପୁରୁଣା ଠେଲାଗାଡି ଧରି ସାହି ମୁଣ୍ଡରେ ପହଞ୍ଚିଯାଏ, ତା' ଠେଲଓଗାଡି ଚକରୁ ବାହାରୁଥିବା କର୍କଶ ଶବ୍ଦ ଜଣାଇ ଦିଏ 'ନୀଳ'ର ଉପସ୍ଥିତି । କେତେଥର ମୁଁ ମୋ'ର ମଟର ସାଇକେଲରୁ ବାହାରିଥିବା ପୁରୁଣା ମୋବିଲ ତେଲ ନୀଳକୁ ଦେଇଛି । ଠେଲଓଗାଡି ଚକରେ ଦେବାକୁ କହିଛି , ତେଲ ଦେବାଦ୍ୱାରା କର୍କଶ ଶବ୍ଦ ତଥା ଘର୍ଷଣ ଜନିତ କଷ୍ଟରୁ ନୀଳକୁ କିଛିଟା ଅଓଶ୍ୱସ୍ତି ମିଳେ ।

ଦିନକର କଥା , ମୁଁ ବାଲକୋନୀରେ ବସିଥାଏ ନୀଳ ତା'ର ଅଳିଆ ବୋଝେଇ ଗାଡି ଧରି ଖତଗଦା ଆଡକୁ ଯିବା ସମୟରେ ହଠାତ ଗାଡିର ଡାହାଣ ପଟ ଚକଟି ବାହାରିଗଲା । ଅଳିଆ ବୋଝେଇ ଗାଡିଟି ଭାରସାମ୍ୟ ହରାଇ ଡାହାଣ ପଟକୁ ନଇଁ ଗଲା ଅଖରେ ଥିବା 'କିଳା' ବା 'ଲକପିନ' ବାହାରି ଯିବାରୁ ଚକ ବାହାରିଗଲା, ସେ ବିଚାରା କ'ଣ ବା କରିବ ? କେହି ତାକୁ ସାହାଯ୍ୟ କରିବାକୁ ଆସିଲେ ନାହିଁ । ଏକା ଲୋକ ଗାଡି ଟେକିବ ନା' ଚକ ଲଗେଇବ ? ମୁଁ ଆଉ ରହି ପାରିଲି ନାହିଁ , ତୁରନ୍ତ ସେଠାକୁ ଯାଇ ତା'କୁ କହିଲି ଯେ, ସେ ଡାହାଣପଟ ଟେକି ରଖୁ ଓ ମୁଁ ଚକକୁ ଠେଲଓଗାଡି ଅଖ ବା ଏକ୍ସଲରେ ପୁରାଇଦେବି । ସମସ୍ତେ ଦେଖୁଥାନ୍ତି କିନ୍ତୁ କେହି ଅଳିଆ ଗାଡି ଛୁଇଁବାକୁ ଇଛା କରୁନଥା'ନ୍ତି । ମୋର କିଛିଟା ଯାନ୍ତ୍ରିକ ଜ୍ଞାନ ଅଛି ଏବଂ ଏହାକୁ ପାଥେୟ କରି ନୀଳ ଗାଡିର ଚକ ଲଗାଇଦେଲି ଓ ଆଉ ବାହାରି ନ' ଯିବା ପାଇଁ ମୋଟା କଣ୍ଟା ଲଗାଇଦେଲି । ଜାଣେନା ସେଦିନ ମୋ କାର୍ଯ୍ୟରେ ସେ' କେତେ ଖୁଶି ହୋଇଥିଲା କି ନାହିଁ ? କିନ୍ତୁ , ନୀଳକୁ କିଛିମାତ୍ରାରେ ସାହାଯ୍ୟ କରିଥିବାରୁ ମୁଁ ଅନେକ ଆନନ୍ଦିତ ଥିଲି । ଛୋଟ ଛୋଟ କଥା ହେଲେବି ହୃଦୟ ଭିତରେ ସ୍ମୃତି ହୋଇ ରହିଯାଏ । ଅସମୟରେ ବିପଦରେ ପଡିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କଲେ ଭଗବାନ ନିଶ୍ଚୟ ଖୁଶି ହେବେ, ଏହି କଥା ବଡ଼ ମାନଙ୍କ ଠାରୁ ଶୁଣିଛି ଓ କୌଣସି ଆଶା ରଖି ସାହାଯ୍ୟ କରିବା ଆଉ ନିସ୍ୱାର୍ଥପର ସାହାଯ୍ୟ କରିବା ଭିତରେ ଅନେକ ଅନ୍ତର ଥାଏ ।

ନୀଳ ପ୍ରତି ଘର ଆଗରେ ଥିବା କୁଡ଼ କୁଡ଼ ଅଳିଆ ଆବର୍ଜନା ସବୁ ନେଇ ଗାଡ଼ିରେ ରଖେ । ରାସ୍ତା ଓଳାଏ , ଆମେ ସଭ୍ୟ ବୋଲାଉଥିବା ବାବୁ , ମା' ମାନେ ବେଳେ ବେଳେ ତା'ର କାର୍ଯ୍ୟକୁ ବଢ଼ାଇ ଦୁଇଗୁଣ କରିଦେଇଥାଉ । କାରଣ ଆମେ ସଭ୍ୟ , ଆମେ କରିତକର୍ମା , ଆମେ ବସ୍ତିବାଲା , ଆମେ ସରକାରୀ ମୋହର ଲଗା ବଡବାବୁ । ଅଳିଆ ଆବର୍ଜନା ପକାଇବାକୁ ଆମର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ, ଆମ ଇଛା, ଆମେ ଯେତେବେଳେ ଚାହିଁବୁ ରାସ୍ତାରେ ଅଳିଆ ଆବର୍ଜନା ପକାଇ ଆମ ଘରକୁ ଚିକ୍କଣ ରଖିବୁ । ନୀଳ ଆସିବା ପୂର୍ବରୁ ବା ନୀଳ ଗଲା ପରେ.... ଆମ ପାଇଁ ଏହା ସାମାନ୍ୟ କଥା ଓଃ କି ଯୁକ୍ତି ବାବୁ ମାନଙ୍କର ? ଜଣେ ପରିଷ୍କାର କରି ଗଲାପରେ ଆମର ବିବେକ କିପରି ବାଧା ଦିଏନି' ଏପରି କାର୍ଯ୍ୟ କରିବାକୁ ? ଆମେ କ'ଣ ଚାହିଁଲେ ସଫେଇ କର୍ମଚାରୀ ଆସିବା ପୂର୍ବରୁ ଆମର ବର୍ଜ୍ୟ ବସ୍ତୁ ବାହାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ପାରିବଓ ନାହିଁ ? ଅଧିକାଂଶ ଲୋକଙ୍କ ବିଚିତ୍ର ଯୁକ୍ତି "ଆମେ କ'ଣ ଝାଡୁଦାର କଥାରେ ଚାଲିବା ? ଆମେ କ'ଣ ମ୍ୟୁନିସିପାଲଟିକୁ ଟିକସ ଦେଉନାହୁଁ ? ସେ' କ'ଣ ଦରମା ନେଉନାହିଁ ?" ଅନେକ ଥର ମୁଁ ଦେଖିବାରେ ନୀଳ ପରିଷ୍କାର କରି ଗଲାପରେ ମଧ ଲୋକମାନେ କୁଡ଼ କୁଡ଼ ଆବର୍ଜନା ଆଣି ରାସ୍ତାରେ ଗଦେଇଛନ୍ତି ଓ ନୀଳ ତା'ର ଉପରିସ୍ଥ କର୍ମଚାରୀଙ୍କଠାରୁ ଗାଳି ମଧ ଶୁଣିଛି ଓ ମ୍ୟୁନିସିପାଲିଟିର ଅବୁଝା ସୁପରଭାଇଜର ଟୋକାଟା କିଛି ନ'ବୁଝି ନୀଳ ଉପରେ ହାକିମାତି ଦେଖାଏ । ଏହା ତ' ସବୁ ଗରୀବର ଭାଗ୍ୟରେ ଆମେ ମାନେ ଲେଖିଦେଇଛୁ, ସମସ୍ତେ ଭାଗ୍ୟ ପାଇଁ ଭଗବାନଙ୍କୁ ଦୋଷ ଦିଅନ୍ତି କିନ୍ତୁ ମୋର ମତରେ ଏହି ନୀଳ ପରି କିଛି ଚରିତ୍ରଙ୍କ ଭାଗ୍ୟ ତ' ଆମପରି କିଛି ଅମଣିଷ ମାନଙ୍କ ହାତରେ ବନ୍ଧା ଓ ମାନବିକତା ଶୂନ୍ୟ ବ୍ୟବହାର । ଘୃଣା ମନୋଭାବ ଦ୍ୱାରା ଆମେ ମଣିଷକୁ ମଣିଷ ପରି ଦେଖୁନାହୁଁ , ଏଇଠି ତ' ମାନବିକତାର ବ୍ୟତିକ୍ରମ ଦେଖିବାକୁ ମିଳେ ଓ କୌଣସି କର୍ମ୍ମ ଛୋଟ ନୁହେଁ , କୌଣସି ମନୁଷ୍ୟର ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ଆମକୁ କିଏ ଅଧିକାର ଦେଲା ?

ହଁ, ଓଡ଼ିଶାର ସର୍ବ ପୁରାତନ ସହର ତ' କୌଣସି ପାଶ୍ଚାତ୍ୟ ରାଷ୍ଟ୍ରର ସହର ନୁହେଁ, କି' ସିଙ୍ଗାପୁର ନୁହେଁ ଯେ, ଆଇନକୁ ଡରି ଆମେ କାମ କରିବା ? ଏଇ ତ' ଭାଇଚାରାର ସହର, ହଜାରେ କୋଡିଏ ବର୍ଷର ସହର, ଏଠାରେ ସମସ୍ତେ ଭାଇ ଭାଇ, ତେଣୁ କେହି କାହାକୁ ଦୋଷ ଦିଅନ୍ତି ନାହିଁ । ଚଳେଇନେଲେ ସବୁ ଚଳିଯାଏ, ଆଉ 'କାଣୀ ବିଲେଇର କୁଜି ଅସରପା ଉପରେ ନାଲିଆଖି' , ବିଚିତ୍ର ନୀତି ଏଇ ସହରର 'ଝାଂଟିକା ମାରି ବଣି ପୋଷିବା' କାମ ଏଠି ସର୍ବତ୍ର ଦେଖିବାକୁ ମିଳେ ଓ ଏଠି 'ନୀଳ କୁଜି ଅସରପା ଠୁ ବି ନ୍ୟୁନ, ଜୀବନ ଆଉ ଜୀବିକା ପାଇଁ ସବୁ ସହିବାକୁ ପଡେ, ପେଟ ଚାଖଣ୍ଡକ ପାଇଁ । କୁନି ଛୁଆ ଦୁଇଟିଙ୍କ ପାଇଁ ସେ ସବୁ ସହିଯାଏ , ଦିନେ ସାହସ ବାନ୍ଧି ନୀଳ ରହୁଥିବା ବସ୍ତିରେ ପହଂଚି ଗଲି ।

ପିଲାବେଳେ ଅନେକ ଥର ଏହି ବସ୍ତିକୁ ଆସିଛି କେତେ ଆମ୍ବ, ଜାମୁ କୋଳି , ବରକୋଳି, ଜାମୁ ରୋଲ, ପିଜୁଳି ଗଛରେ ଭର୍ତ୍ତି ଥିଲା ଏହି ବସ୍ତି ପାଖ 'ମାରୱାଡି ବଗିଚା' । ବଗିଚାର ମଧ ସ୍ଥଳରେ ଏକ ବଡ଼ ମହାଦେବଙ୍କ ମନ୍ଦିର, ଷାଠିଏ ଦଶକର କଥା ସେତେବେଳେ ଆମ ସହିତ ସମବୟସ୍କ ହରିଜନ ବସ୍ତିର ପିଲା ମାନେ ବି ଆମର ସାଙ୍ଗ ଥିଲେ । ସମୟ ବଦଳିଯାଇଛି ବୟସ ବି ବଢି ଯାଇଛି , କର୍ମମୟ ଜୀବନ କାଳରେ ସମୟ ଅସମୟରେ ସେମାନଙ୍କ ସହିତ ଦେଖା ବି ହୁଏ ଆଉ ' ଭାଇ ସବୁ ଭଲତ' ? ଉତ୍ତର ଆସେ ହଁ ଭାଇ ଏକପ୍ରକର ଚାଲିଛି ' ବାସ ! ଯିଏ ଯାହା କାମରେ ଚାଲିଯାଉ ଓ ଅବସର ନେବାପରେ ପ୍ରଥମ ଥର ସେହି ବସ୍ତିକୁ ଆସି କିଛି ପୁରୁଣା ଚିହ୍ନା ମୁହଁକୁ ଦେଖି ଅଜାଣତରେ ସ୍ମିତ ହସ ଟିକେ ବାହାରି ଗଲା ଓ ହଠାତ ମୁଁ ପଚାରିଲି ' କିରେ କାର୍ତ୍ତିକ କେମିତି ଅଛୁ ? ମୋତେ ଚିହ୍ନି ପାରୁଚୁ ? କାର୍ତ୍ତିକ ଟିକେ ହସି ଉତ୍ତର ଦେଲା ' ହଁ, ରବି ବାବୁ ପିଲାଦିନରୁ ତୁମକୁ ଦେଖି ଆସୁଛି ଆଉ ଚିନ୍ହି ପାରିବି ନାହିଁ ? 'ଆରେ ମୋତେ ଖାଲି ରବି ଡାକିବୁ ସେ ବାବୁ ଫାବୁ ଲଗାଇବୁ ନାହିଁ' ଟିକେ ହସିଦେଇ କାର୍ତ୍ତିକ ପଚାରିଲା ' ହଉ କୁହ ତୁମେ ଆଜି କ'ଣ ବାଟ ଭୁଲି ଏପଟେ ଚାଲି ଆସିଲା ନା' ଆଉ କ'ଣ କିଛି ଖାସ କାମ ଅଛି ? 'ନା ସେମିତି କିଛି ଖାସ କାମ ନୁହେଁ, ତେବେ କିଛି ଜାଣିବାକୁ ଆସିଛି ତୁମ ପାଖରୁ ' କାର୍ତ୍ତିକ ଉତ୍ସାହର ସହିତ 'କହିଲା କ'ଣ ପଚାରୁନ ?'ମୋର ପ୍ରଶ୍ନ ଥିଲା' କହି ପାରିବକି ଏହି ବସ୍ତିରେ 'ନୀଳ ' ନାମରେ ଜଣେ ରହୁଥିଲା ଆଉ ଆମ ସାହିରେ ତା'ର ଡ୍ୟୁଟି ପଡୁଥିଲା , କିନ୍ତୁ ସେ ଅନେକ ଦିନ ହେଲା କାହିଁକି ଅନୁପସ୍ଥିତ ଅଛି ? ତା'ର ଖବର କଣ ?'କାର୍ତ୍ତିକ ପଚାରିଲା'କୋଉ ନୀଳ କଥା ପଚାରୁଚ ? ସେଇ ନୟାଗଡିଆ ନୀଳ ?' ମୁଁ ତ' ଠିକ ଜଣେନାହିଁ, ତେବେ ଏହି ବସ୍ତିରେ ଥାଏ ବୋଲି ଶୁଣିଚି' । 'ନୀଳ ଭଲ ଲୋକଟିଏ ଥିଲା' , ହଠାତ ଏଇ 'ଥିଲା' ଶୁଣି ମୋତେ କେମିତି ଲାଗିଲା ମୁଁ ଉତ୍ସୁକତା ବଶତଃ ପଚାରିଲି 'ଥିଲା ? ମାନେ ?' କାର୍ତ୍ତିକାର ଉତ୍ତରର ସାରାଂଶ ଏହିପରି ଥିଲା -- ନୀଳର ପରିବାର କହିଲେ ନୀଳ ଆଉ ତା'ର କୁନି କୁନି ଛୁଆ ଯୋଡିଏ , ଅନେକ ଦିନ ଆଗରୁ ତା'ର ସ୍ତ୍ରୀ କେଉଁ ଏକ ଅଜଣା ରୋଗରେ ଆରପାରିକୁ ଚାଲିଯାଇଛି, ଯେଉଁଠାରୁ କି କେହି କେବେ ଫେରିନାହାନ୍ତି, ଛୋଟ ପିଲାଙ୍କ ପାଇଁ ସେ ହିଁ ବାପା, ଆଉ ସେ ହିଁ ମା', ଦୁଇଟି ଚରିତ୍ରକୁ ଏକ କରି ସେ ତା'ର ପାରୁପର୍ଯ୍ୟନ୍ତ ପିଲାଙ୍କ ଯତ୍ନ ନିଏ । ଡ୍ୟୁଟିକୁ ଗଲାବେଳେ ପିଲା ଦୁଇଟିଙ୍କୁ ପାଖ ପଡିଶା ଘର ଜିମା ଦେଇଯାଏ , ଏହିପରି ଭାବେ କାର୍ଯ୍ୟ କ୍ଷେତ୍ରରୁ ଫେରିଲା ପରେ ରୋଷେଇବାସ କରି ପିଲାଙ୍କ ଖାଇବା ପିଇବା ବନ୍ଦୋବସ୍ତ କରି ନିଜେ ବାପା ଆଉ ମା'ଙ୍କ ସ୍ନେହ ଦେଇଥାଏ ।

ବସ୍ତି ବାସିନ୍ଦା ମାନେ ନୀଳର ସରଳ ବ୍ୟବହାରରେ ଖୁବ ଖୁଶି ଥିଲେ ସମସ୍ତେ ନୀଳ ପାଇଁ କିଛି କରିବାକୁ ଚାହୁଁଥିଲେ ଏବଂ ଶେଷରେ ନୀଳକୁ ପୁନର୍ବିବାହ ପାଇଁ ରାଜି କରାଇ ପାରିଥଲେ । ପିଲାଙ୍କ ଭବିଷ୍ୟତ ଓ ଲାଳନ ପାଳନ ପାଇଁ ଅଗତ୍ୟା ନୀଳ ରାଜି ହୋଇଯାଇଥିଲା । ଏପରି ଏକ ପରିସ୍ଥିତିରେ ନୀଳ ଦ୍ୱିତୀୟ ବିବାହ କରେ, ଛୋଟ ପିଲାଙ୍କ ଭବିଷ୍ୟତ ପାଇଁ ବା ନିଜର ଜୀବନ ସାଥି ପାଇଁ ଯେ କି ସବୁଦିନ ତା'ର ଦୁଃଖ ସୁଖର ସାଥି ହୋଇ ରହିବ । ଭଲ କଥା ନୀଳର ଜୀବନରେ କିଛିଟା ପରିବର୍ତ୍ତନ ଆସିଲା , ସଂସାର ସୁଖ ତାକୁ ମିଳିଲା । ହସ ଖୁସିରେ ଦିନ ପରେ ଦିନ ବିତି ଯାଉଥିଲା ନୀଳର ଜୀବନରେ ଓ ସବୁଦିନ ତ' ଆଉ ଚାନ୍ଦିନୀ ରାତି ନଥାଏ ? ଦୁଃଖ ପରେ ସୁଖ ଆଉ ସୁଖ ପରେ ଦୁଃଖ ଏଇ ତ' ଦୁନିଆର ନୀତି, ଦିନେ ପିଲାମାନେ ମେଳା ଦେଖିବାକୁ ନୀଳକୁ କହିଲେ ଆଉ ନୀଳ ବି ନିଜ କାର୍ଯ୍ୟ ସାରି ଅପରାହ୍ନରେ ପିଲା ମାନଙ୍କୁ ନେଇ କଟକ ସହରର ଗଣ୍ଡରପୁର ଯାଇଥିଲା । ବାପା ମା'ଙ୍କ ସହିତ ମେଳା ଦେଖି ଖୁବ ଖୁସିଥିଲେ ପିଲାମାନେ, ମନ ମୁତାବକ ଜିନିଷ କିଣି, ଚକୋଲେଟ ମିଠାଇ ଖାଇ ଖସିରେ ଫେରିବାକୁ ଲାଗିଲେ...ସନ୍ଧ୍ୟା ଉପନୀତ ଆଉ ଭଗବାନଙ୍କ ଇଛା ଆଗରେ ଆମେ ତୁଚ୍ଛ । ଗଣ୍ଡରପୁର ରାସ୍ତା ପଓରି ହେଲା ବେଳେ ଏକ ବିରାଟ ଟ୍ରକ ଆସି ଧକ୍କା ଦେଲା ନୀଳକୁ ....ଓଃ କି ମର୍ମସ୍ପର୍ଶୀ, ହୃଦୟବିଦାରକ ଦୃଶ୍ୟ ଖଣ୍ଡ ବିଖଣ୍ଡିତ ଶରୀରରେ ବି ସେ ବଂଚିବା ପାଇଁ ସଂଗ୍ରାମ କରୁଥିଲା କିନ୍ତୁ ସେଦିନ ଭଗବାନଙ୍କ ଇଚ୍ଛା ଶକ୍ତି ପାଖରେ ହାରିଯାଇଥିଲା ନୀଳ.... ସମସ୍ତଙ୍କୁ ଛାଡ଼ି ଆରପାରିକୁ ଚାଲିଗଲା ଏଇ ଗଳ୍ପର ନାୟକ 'ନୀଳ' ।

'ବିଧିର ବିଧାନ କେକରିବ ଆନ' ଭଗବାନ ହୁଏତ ସେଇଥି ପାଇଁ ତା'ର ଦ୍ୱିତୀୟ ବିବାହ କରାଇଥିଲେ.....ସେ ତ' ସ୍ରଷ୍ଟା, ସେ' ଜାଣିଥିଲେ ନୀଳର ଜୀବନ ଅଳ୍ପଦିନ ପାଇଁ, ତା'ର ଦୁଇଟି ଛୋଟ ପିଲାଙ୍କୁ କିଏ ସମ୍ଭାଳିବ ? ଏଇ ଲୀଳା ନିର୍ଣ୍ଣିତ ଭାବେ ଭଗବାନଙ୍କର, ତେଣୁ କଥାରେ ଅଛି 'ଦଇବ ଦଉଡି ମଣିଷ ଗାଈ ଯେଣିକି ଟାଣଇ ତେଣିକି ଯାଇ ' । ନୀଳ ବିଷୟରେ ଶୁଣି ମୋର ଦୁଇ ଚକ୍ଷୁରୁ ସ୍ୱତ୍ୱ ପ୍ରବୃତ୍ତ କେଇବୁନ୍ଦା ଲୋତକ ଝରିଗଲା, ଜାଣେନା କାହିଁକି ? ମୋ' ଅବସ୍ଥା ଦେଖି କାର୍ତ୍ତିକ ବି' ଟିକେ ଭାବ ବିହ୍ୱଳ ହୋଇଗଲା ଓ ଏଇ ଦୁନିଆର ଏହା କିପରି ମାୟା ? ଆଉ ଜୀବନ ଖାଲି ଗୋଟିଏ ପାଣି ଫୋଟକା ପରି କେତେବେଳେ ଚାଲିଯିବ କେହି କହି ପାରିବେ ନାହିଁ । ମୁଁ କାହିଁକି ନୀଳ ବିୟୋଗରେ ଏତେ କଷ୍ଟ ପାଉଛି ? ମୋ ହୃଦୟ ଭିତରେ କ'ଣ ନୀଳ ଆଜିବି ଏକ ସ୍ଥାନ ଅଧିକାର କରିନେଇଛି ? ହଁ, ହୁଏତ ତାହା ହେବ, ମଣିଷ ମଣିଷକୁ ଅନ୍ତରରୁ ଭଲପାଇଲେ ଏହିପରି ବନ୍ଧନରେ ବାନ୍ଧି ହୋଇଯାଏ ସେ ନିଜର ହେଉ ବା' ଅଜଣା ଅଶୁଣା ବ୍ୟକ୍ତିଟିଏ ହେଉ , ଭଲ ପାଇବା ଯଦି ଶାଶ୍ୱତ ଆଉ କାମନା ବିହୀନ ହୋଇଥାଏ ତେବେ ଏହା ଚିରସ୍ଥାୟୀ ହୁଏ ଓ ସେ ମୋର କିଏ ? ତଥାପି ମୁଁ ଜଣେ ମଣିଷ ଆଉ ମୋର ଭଲପାଇବା, ସ୍ନେହ ମମତା ପରୋକ୍ଷରେ ନୀଳ ପ୍ରତି ଥିଲା ଆଉ ରହିବ ମଧ ଓ ନୀଳ ଏବେବି ବଂଚିଛି ମୋ ହୃଦୟରେ....ତା'ର ଆତ୍ମାର ସଦ୍ଗତି ହେଉ ଏହା ଭଗବାନଙ୍କ ନିକଟରେ ପ୍ରାଥନା ।ଏହା ଭିତରେ ଦଶ ବାର ବର୍ଷ ବିତିଗଲାଣି , ନୀଳର ପିଲାମାନେ ବି ନିଶ୍ଚୟ ବଡ ହୋଇ ଯାଇଥିବେ, ସେମାନେ ଯେଉଁଠି ବି ଥା'ନ୍ତୁ ସୁଖ ଶାନ୍ତିରେ ଥା'ନ୍ତୁ ।

ଆମ ଜୀବନ କାଳରେ 'ନୀଳ' ପରି ଅନେକ ଚରିତ୍ର ଆସିଛନ୍ତି ବା ଆଗକୁ ଆସିବେ, ଆମେ କିଛି ମନେ ରଖିବା ଆଉ କିଛି ଭୁଲିଯିବା ।


+ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,
କଟକ - ୭୫୩୦୦୯
ମୋ: ୯୯୩୭୧୭୪୦୯୭

# କାମରେ ଆସୁନି ଶୀତଳଭଣ୍ଡାର: ୫ଟିରୁ ୨ ଅଚଳ, ଚାଷୀ ଉପକୃତ ହେବେ କେମିତି ?



ରାଉରକେଲା, ୦୫/୧୧ (ନି.ପ୍ର): ଜିଲ୍ଲାରେ ଆଳୁ, ପିଆଜ ଚାଷ ପାଇଁ ଚାଷୀକୂଳ ଅନାଗ୍ରହୀ। ଜିଲ୍ଲାର ୧ ଲକ୍ଷ ୧ ହଜାର ହେକ୍ଟର ଜମିରେ ଅଣଧାନ, ଯଥା- ପନିପରିବା, ଡାଲି ଜାତୀୟ, ତୈଳବୀଜ, ମିଲେଟ୍ ଆଦି ଚାଷ ହେଉଥିବାବେଳେ କେବଳ ପାଖାପାଖି ୩୦ ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ଏଥିମଧ୍ୟରୁ ମାତ୍ର ୨୧୦୦ ହେକ୍ଟର(୨.୦୭%) ଜମିରେ ଆଳୁ ଓ ୧୯୦୦ ହେକ୍ଟର(୧.୮୮%) ଜମିରେ ପିଆଜ ଚାଷ ହେଉଛି; ଯାହାକି ଅଣଧାନ ଚାଷ ପାଇଁ ଉଦ୍ଦିଷ୍ଟ ଜମିର ୪% ପ୍ରତିଶତରୁ ବି କମ୍ ହେବ। ପ୍ରଶ୍ନ ଉଠେ, ଆଳୁ ଓ ପିଆଜ ପାଇଁ ଚାଷୀ ଅନିଚ୍ଛୁକ କାହିଁକି ? ଆଉ ଏହାର ଏକମାତ୍ର କାରଣ ପାଲଟିଛି ସରକାରୀ ସୁବିଧାର ଅଭାବ। ଆଳୁ ଗଚ୍ଛିତ ରଖିବାକୁ ଆବଶ୍ୟକ ସଂଖ୍ୟକ ଶୀତଳଭଣ୍ଡାର ଓ ପିଆଜ ରଖିବାକୁ 'ପିଆଜ ସାଇତା ଗୃହ' ନଥିବାରୁ କଷ୍ଟ ଉପାର୍ଜିତ ଉତ୍ପାଦ ନଷ୍ଟ କରିବାକୁ ଏ ଚାଷ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ପ୍ରାୟତଃ ନଭେମ୍ବରରୁ ଫେବ୍ରୁଆରି ମଧ୍ୟରେ ଆଳୁ ଚାଷ କରାଯାଇଥାଏ। ଆଳୁ ଚାଷ ଅମଳ ସମୟରେ ଏହାର ଦର ଢ଼େର କମ୍ ରହିଥାଏ। ଏଣୁ ଚାଷୀ ଆର୍ଥିକ କ୍ଷତି ସହିବା ସ୍ୱାଭାବିକ୍। ଏଣୁ ଆଳୁକୁ ଗଚ୍ଛିତ କରି ରଖିବା ସହ ଦରବୃଦ୍ଧି ସମୟରେ ବଜାର ପ୍ରବେଶ କରାଇବା ପାଇଁ ଶୀତଳଭଣ୍ଡାର ନିର୍ମାଣ କରାଯାଇଥାଏ। ଏହି କ୍ରମରେ ଜିଲ୍ଲାରେ ମଧ୍ୟ ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ୫ଟି ଶୀଳତଭଣ୍ଡାର ସ୍ଥାପନ କରାଯାଇଥିଲା। ସେ ଗୁଡ଼ିକ ରାଉରକେଲା ସମେତ ବଡ଼ଗାଁ, ବଣାଇ, ନୂଆଗାଁ ଓ କିଞ୍ଜିରିକେଲାରେ ଅବସ୍ଥିତ। ବଡ଼ଗାଁ, ବଣାଇ ଓ କିଞ୍ଜିରିକେଲାରେ ଥିବା ଶୀଳତଭଣ୍ଡାର ୫ ହଜାର ମାଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଥିବାବେଳେ ରାଉରକେଲା ଓ ନୂଆଗାଁରେ ଥିବା ଶୀଳତଭଣ୍ଡାରର କ୍ଷମତା ୧୫ ଶହ ମାଟ୍ରିକ୍ ଟନ୍। ତେବେ ଏଥିମଧ୍ୟରୁ ଦୁଇଟି, ବଣାଇ ଓ କିଞ୍ଜିରିକେଲାସ୍ଥ ଶୀତଳଭଣ୍ଡାର ଅଚଳ ହୋଇ ପଡ଼ିଛି। ଫଳରେ ଏ ଅଞ୍ଚଳର ଚାଷୀ ଆଳୁ ଚାଷ କରି ଗଚ୍ଛିତ କରି ରଖିବାର ସୁଯୋଗ ପାଉନାହାନ୍ତି। ଫଳରେ ସ୍ୱଳ୍ପ ଦରରେ ଆଳୁ ବିକ୍ରି କରି କ୍ଷତି ସହିବା ହିଁ ସାର ହେଉଛି। ଅପରପକ୍ଷରେ ବଡ଼ଗାଁ, ରାଉରକେଲା ଓ ନୂଆଗାଁରେ ଥିବା ଶୀତଳଭଣ୍ଡାର ମଧ୍ୟ ଚାଷୀମାନଙ୍କ କାମରେ ଆସୁନି। ଯେଉଁ ପରିମାଣରେ ଚାଷୀ ଏଠାରେ ଆଳୁ ଗଚ୍ଛିତ ରଖିବା କଥା, ତାହା ଦେଖିବାକୁ ମିଳୁନି। ଶୀଳଭଣ୍ଡାରର କାର୍ଯ୍ୟକାରୀତା ବିଷୟରେ ବ୍ୟାପକ ପ୍ରଚାରପ୍ରସାରର ଅଭାବ ହେଉ ଅବା ଆର୍ଥିକ ସଙ୍କଟ ଦୂର କରିବାକୁ ଚାଷ ଅମଳ ହେବାମାତ୍ରେ ବିକ୍ରି କରିବାର ପ୍ରଥା; ଚାଷୀମାନେ ଏହି ଶୀତଳଭଣ୍ଡାରର ମୁହଁ ମାଡୁନାହାନ୍ତି। କେବଳ ଆଳୁ ନୁହେଁ; ପିଆଜ ଚାଷ ମଧ୍ୟ ସମାନ ସଙ୍କଟ ଦେଇ ଗତି କରୁଛି। ପିଆଜକୁ ଗଚ୍ଛିତ ରଖିବା ଜିଲ୍ଲାରେ ୫ଟି 'ପିଆଜ ସାଇତା ଗୃହ' ସ୍ଥାପନ କରାଯାଇଛି। ସେଗୁଡ଼ିକ ସୁନ୍ଦରଗଡ଼ର ସିଆମାଲ, ଲେଫ୍ରିପଡ଼ା ବ୍ଲକର ଚକ୍ରଧରପୁର, ସବଡେଗା ବ୍ଲକର ମାଲିଡିହି, ବାଲିଶଙ୍କରାର କାରୁଆବାହାଲ ଓ ନୂଆଗାଁ ବ୍ଲକର ଜାମଧରାରେ ଅବସ୍ଥିତ। ପ୍ରତ୍ୟେକ ପିଆଜ ସାଇତା ଗୃହରେ ୨୫ ମାଟ୍ରିକ ଟନ୍ ଗଚ୍ଛିତ ରଖାଯାଇପାରିବ। ତେବେ ଜିଲ୍ଲାରେ ମାତ୍ର ୫ଟି ପିଆଜ ସାଇତା ଗୃହ ଥିବାରୁ ଏହା ଆବଶ୍ୟକତା ମେଣ୍ଟାଇପାରୁନି। ଏହାର ଧାରଣ କ୍ଷମତା ଅତି ନଗଣ୍ୟ ହୋଇଥିବାରୁ ଅଧିକ ପିଆଜ ଚାଷ ହେଲେ, ଗଚ୍ଛିତ କରି ରଖିବାରେ ସମସ୍ୟା ଉପୁଜିବା ସହ ଫସଲ ନଷ୍ଟ ହେବାର ଆଶଙ୍କା ସର୍ବାଧିକ। ଏଣୁ ଜିଲ୍ଲାରେ ଅଧିକ ସଂଖ୍ୟକ ଶୀତଳଭଣ୍ଡାର, ପିଆଜ ସାଇତା ଗୃହ ନିର୍ମାଣ କରି, ଏହି ଚାଷ ପ୍ରତି ଚାଷୀମାନଙ୍କୁ ଆକର୍ଷିତ କରାଯିବାର ଆବଶ୍ୟକତା ରହିଛି।

# କୁଖ୍ୟାତ ନିଶା ବ୍ୟବସାୟୀ ଗିରଫ: ୩୧ ଲକ୍ଷର ବ୍ରାଉନ୍‌ସୁଗାର୍ ଜବତ, ବରାଦ ଦେଇ ମାଡ଼ି ବସିଲା ଅବକାରୀ ଟିମ୍



ଜଗତସିଂହପୁର, ୦୫/୧୧ (ନି.ପ୍ର): କୁଜଙ୍ଗ ଥାନା ଅଧୀନ ହସିଣା ଗାଁରୁ କୁଖ୍ୟାତ ବ୍ରାଉନ୍‌ସୁଗାର ବ୍ୟବସାୟୀକୁ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ସନ୍ତୋଷ ମହାନ୍ତି (୪୪)। ତା ନିକଟରୁ ୩୧୨ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ୩୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଅବକାରୀ ଅଧୀକ୍ଷକ ବୈଜୟନ୍ତୀ ପଣ୍ଡାଙ୍କ ସୂଚନା ମୁତାବକ, ସନ୍ତୋଷ ସିଧାସଳଖ ଜଳେଶ୍ୱରରୁ ବ୍ରାଉନ୍‌ସୁଗା ମଗାଇ କୁଜଙ୍ଗ ଓ ପାରାଦୀପର କିଛି ଛୋଟ ଛୋଟ ବ୍ୟବସାୟୀଙ୍କୁ ଯୋଗାଇ ଥାଏ। ଏଥର ସନ୍ତୋଷ ଅଧିକ ପରିମାଣର ବ୍ରାଉନ୍‌ସୁଗାର ମଗାଇଥିବା ନେଇ ଅବକାରୀ ଅଧିକାରୀଙ୍କୁ ସୂଚନା ମିଳିଥିଲା। ଫଳରେ କିଛି ଦିନ ହେଲା ତା ଗତିବିଧି ଉପରେ ନଜର ରଖାଯାଇଥିଲା। ସନ୍ତୋଷକୁ ଗିରଫ କରିବା ପାଇଁ ଅବକାରୀ ଟିମ୍ ଜାଲ ବିଛାଇଥିଲା। ପରିଚୟକୁ ଗୋପନ ରଖି ଜଣେ ଅବକାରୀ କର୍ମଚାରୀ ୧୦୦ ଗ୍ରାମ୍ ବ୍ରାଉନ୍‌ସୁଗାର ଆବଶ୍ୟକ ଥିବା କହି ସନ୍ତୋଷକୁ ବରାଦ ଦେଇଥିଲେ। ଏହି ଯୋଜନାକୁ ବୁଝି ନପାରି ସନ୍ତୋଷ ସେଥିରେ ଏକମତ ହେବା ସହ ଯେଉଁ ଦିନ ମାଲ୍ ଆସିବ, ଏହାର ତାରିଖ ମଧ୍ୟ କହି ଦେଇଥିଲା। ଫଳରେ ଅବକାରୀ ଟିମ୍ ଯୋଜନାବଦ୍ଧ ଭାବେ ସନ୍ତୋଷ ଘର ଉପରେ ହଠାତ୍ ଚଢ଼ଉ କରିଥିଲେ। ଏହି ବ୍ୟବସାୟରେ ମାହିର ସନ୍ତୋଷ କିନ୍ତୁ ପ୍ରଥମେ ଚକ୍‌ମା ଦେବାକୁ ସକ୍ଷମ ହୋଇଥିଲା। ସନ୍ତୋଷ ନିକଟରେ ବିପୁଳ ପରିମାଣରେ ବ୍ରାଉନ୍‌ସୁଗାର ଅଛି ବୋଲି ଅବକାରୀ ଟିମ୍ ପାଖରେ ଖବର ଥିଲେ ବି ଚଢ଼ଉ ସମୟରେ ପ୍ରଥମେ ତା ପାଖରୁ ମାତ୍ର ୭୨ ଗ୍ରାମ୍ ବ୍ରାଉନ୍‌ସୁଗାର ମିଳିଥିଲା। ଗତକାଲି ରାତି ତମାମ ସନ୍ତୋଷକୁ ଜେରା କରିବା ପରେ ଘର ପାଖରେ ଥିବା ଏକ ଗଛ କୋରଡ଼ ଓ କ୍ୟାବିନ୍ ପଛ ପଟେ ଏକ ବ୍ୟାଗ୍‌ରେ ସେ ବ୍ରାଉନ୍‌ସୁଗାର ଲୁଚାଇ ରଖିଥିବା ମାନିଥିଲା। ଏହି କାରବାରରେ ଥିବା ତାର ସମସ୍ତ ସହଯୋଗୀଙ୍କୁ ଗିରଫ କରିବାକୁ ଉଦ୍ୟମ କରାଯାଉଛି। ତେବେ ଅଭିଯୁକ୍ତ ସନ୍ତୋଷ ପୁଲିସ ଓ ଅବକାରୀ ବିଭାଗ ଦ୍ୱାରା ବାରମ୍ବାର ଗିରଫ ହେଉଥିଲେ ବି ତାର କାରବାର ବନ୍ଦ ହେଉ ନାହିଁ।

# ପୁଇଁତଳାଠାରେ ଘରୋଇ ବସ୍ ଉପରେ ଟାଉନ ପୁଲିସର ଚଢ଼ଉ : ୨୧ ଦାଦନ ଶ୍ରମିକ ଉଦ୍ଧାର

ବଲାଙ୍ଗିର, ୦୫/୧୧ (ନି.ପ୍ର): ଗତ ରାତିରେ ବଲାଙ୍ଗିର ସୋନପୁର ରାସ୍ତାର ସହର ଉପକଣ୍ଠସ୍ଥ ବଲାଙ୍ଗିର କଲେଜ୍ ନିକଟ ପୁଇଁତଲା ଠାରେ ଏକ ଘରୋଇ ବସ ଉପରେ ଚଢ଼ଉ କରିଛି ଟାଉନ ପୁଲିସ। ବସ ରେ ତନାଘନା କରି ପ୍ରାୟ ୮ ପରିବାରର ୨୧ ଜଣ ଶ୍ରମିକଙ୍କୁ ଆସିକା ଭଞ୍ଜନଗର ଯାଉଥିବା ବେଳେ ଉଦ୍ଧାର କରି ପଚରାଉଚୁରା କରାଯାଉଥିବା ପ୍ରାଥମିକ ସୂଚନା ରହିଛି । ସେମାନଙ୍କୁ କେଉଁ ସର୍ଦ୍ଦାର ନେଉଥିଲା କେଉଁଠାକୁ ଯାଉଥିଲେ, ସେମାନଙ୍କ ଠିକଣା ସଂଗ୍ରହ କରାଯାଇ ତାଙ୍କୁ ଘରକୁ ପଠାଇବା ବ୍ୟବସ୍ଥା ହେଉଛି ବୋଲି ଆଇଆଇସି ବିଶ୍ୱଜିତ ମନବୋଧ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଜିଲ୍ଲାର ଏଭଳି ଦାଦନ ମାନେ ପ୍ରତିବର୍ଷ ପାଟଣାଗଡ଼ ବେଲପଡା ଅଂଚଳରୁ ରାଜ୍ୟ ବାହାରକୁ କାମ ପାଇଁ ଯାଆନ୍ତି। ଏଥର ବଲାଙ୍ଗିର ଜିଲ୍ଲାର କଂଟାବାଞ୍ଜି ଲାଠୋର ଖପ୍ରାଖୋଲ ପୁଲିସ ପକ୍ଷରୁ ଧରପଗଡ଼ ଅଧିକ ହେଉଥିବା ଏବଂ ୫୦ ରୁ ଅଧିକ ଶ୍ରମିକଙ୍କୁ ଉଦ୍ଧାର ହୋଇ କେସ କରାଯାଇଥିବା ପ୍ରକାଶ। ଏହି ରାସ୍ତାରେ ବସ ରେ ଶ୍ରମିକ ନେଇ ଯାଉଥିବା ବେଳେ ନାଇଟ ବସ ରେ ଦାଦନ ଚାଲାଣ ହେଉଥିବା ଖବର ପାଇଥିଲା ଟାଉନ ପୁଲିସ। ତେବେ ତଦନ୍ତ ପରେ ସମସ୍ତ କଥା ସାମ୍ନାକୁ ଆସିବ ବୋଲି କୁହାଯାଉଛି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଜୟପୁର, ୦୫/୧୧ (ନି.ପ୍ର): ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚିନ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବାହାରି ସରକାରୀ ଉଚ୍ଚ ବିଦ୍ୟାଳୟ ବୋରିଗୁମ୍ମା ଅଭିମୁଖେ ଯାତ୍ରା କରିଥିବା ଜଣାପଡିଛି।

ଏହି ଶୋଭାଯାତ୍ରାରେ ଶତାଧିକ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦାନ କରିଥିଲେ। ଦୁର୍ନୀତି ମୁକ୍ତ ଉପରେ ଶଶୀଭୂଷଣ ଦାଶ ସ୍ଲୋଗାନ ଦେଇଥିବା ବେଳେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୋରିଗୁମ୍ମା, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ମାନଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ଯୋଗଦାନ କରିଥିଲେ। ପରିଶେଷରେ ସମସ୍ତ କର୍ମଚାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁର୍ନୀତି ମୁକ୍ତ କରିବା ନିମନ୍ତେ ଶପଥ ପାଠ କରିଥିଲେ।

# ଆଦିବାସୀ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳଚିତ୍ର: ଶିକ୍ଷକଙ୍କ ମର୍ଜିରେ ଚାଲିଛି ଅନେକ ବିଦ୍ୟାଳୟ

ଲେଫ୍ରିପଡ଼ା, ୦୫/୧୧ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ଓ ଉପାନ୍ତ ଲେଫ୍ରିପଡ଼ା ବ୍ଲକ୍‌ରେ ଶିକ୍ଷାବ୍ୟବସ୍ଥା ବେଲଗାମ୍ ହୋଇଯାଇଛି। ବ୍ୟବସ୍ଥାକୁ ନିୟନ୍ତ୍ରଣ ତଥା ପରିଚାଳନା ପାଇଁ ଏଠାରେ ଅଧିକାରୀ ନ ଥିବାବେଳେ ବିଦ୍ୟାଳୟଗୁଡ଼ିକ ଶିକ୍ଷକଙ୍କ ମନମର୍ଜିରେ ଚାଲିଥିବା ଦେଖିବାକୁ ମିଳୁଛି। ନିକଟ ଅତୀତରେ ରାଏଡିହି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ଯୌନନିର୍ଯ୍ୟାତନା ଘଟଣା, ଏପ୍ରିଲ ମାସରେ ପଟୁଆଡିହି ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଯୌନନିର୍ଯ୍ୟାତନା ସହି ନ ପାରି ଜଣେ ଦଶମଶ୍ରେଣୀ ଛାତ୍ରୀ ହଷ୍ଟେଲଛାତରୁ ଡେଇଁ ଆତ୍ମହତ୍ୟା ଘଟଣା ମନରୁ ଲିଭିନାହିଁ। ଏଭଳି କି ଅତୀତରେ ବଡ଼ଖଲିଆ, ମନୋହରପୁର, ଶାଗଯୋର ଆଦି ବିଦ୍ୟାଳୟରେ ମଦ୍ୟପଶିକ୍ଷକଙ୍କ କାରନାମା ଦୃଷ୍ଟିକୁ ଆସିଥିଲା। ସେହିପରି ଗତମାସରେ କୁଲାବିରା କିଶାନପଡ଼ା ପ୍ରାଥମିକ ବିଦ୍ୟାଳୟରେ ମଦ୍ୟପଶିକ୍ଷକଙ୍କ ଉନ୍ମତ୍ତକାଣ୍ଡ ଗଣମାଧ୍ୟମ ଦୃଷ୍ଟିରେ ପଡ଼ିଥିଲା। ଏହାଛଡ଼ା ଅନେକ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷକ ନ ଆସିବା ଓ ସ୍କୁଲ ବନ୍ଦ ରହିବା ନେଇ ଅଭିଭାବକ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରୁଥିଲେ ବି କୌଣସି ପଦକ୍ଷେପ ଗ୍ରହଣ ନହେବା ଉଦ୍‌ବେଗର ବିଷୟ। ଜୁନ୍ ୨୪ ତାରିଖରେ ଉପାନ୍ତ କସେଇଝରଣ ପ୍ରାଥମିକ ବିଦ୍ୟାଳୟରେ ଦେଖାଦେଇଥିବା ଏଭଳି ଘଟଣା ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି କରିଥିଲା। ସୂଚନାଯୋଗ୍ୟ ଯେ, ବ୍ଲକ୍‌ରେ ୮୩ଟି ପ୍ରାଥମିକ ବିଦ୍ୟାଳୟ, ୩୩ଟି ଉଚ୍ଚପ୍ରାଥମିକ ଓ ୨୨ଟି ଉଚ୍ଚବିଦ୍ୟାଳୟ ଏହିପରି ମୋଟ ୧୩୮ଟି ବିଦ୍ୟାଳୟ ରହିଛି। ସେ ସବୁକୁ ୧୩ଟି କ୍ଲଷ୍ଟରରେ ଭାଗ କରାଯାଇ ଜଣେ ଲେଖାଏଁ ସିଆରସିସି ନିଯୁକ୍ତ କରାଯାଇଛି। କିନ୍ତୁ, ଏଠାରେ ବିଇଓ ଓ ଏବିଇଓ ନ ଥିବାରୁ ସିଆରସିସିମାନଙ୍କ କାର୍ଯ୍ୟ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ସେମାନେ ନିଜ ମନଇଚ୍ଛା ବ୍ୟବସ୍ଥାକୁ ନିୟନ୍ତ୍ରଣ କରିଚାଲିଥିବା ଅଭିଯୋଗ ଆସୁଛି। ପ୍ରାୟ ୮ଟି ସ୍କୁଲ ଜଣେ ମାତ୍ର ଶିକ୍ଷକରେ ଚାଲିଛି। ଦୀର୍ଘ ଦୁଇବର୍ଷ ଧରି ଏହି ବ୍ଲକ୍‌ରେ ବିଇଓ ନିଯୁକ୍ତ ହୋଇ ନ ଥିବାବେଳେ ପାଖ ବ୍ଲକ୍ ବିଇଓଙ୍କୁ କାମଚଳା ଦାୟିତ୍ୱରେ



ରଖାଚାଲିଛି। ଏ ପର୍ଯ୍ୟନ୍ତ ୪ ଜଣ କାମଚଳା ବିଇଓ ଦାୟିତ୍ୱରେ ରହିସାରିଥିଲେ ବି ନୂଆ ନିଯୁକ୍ତି ହେଉନି। ଏବେ ଟାଙ୍ଗରପାଲି ବିଇଓ ଦାୟିତ୍ୱରେ ରହିଥିବାବେଳେ ସେ ସମୟ ଅଭାବରୁ ଲେଫ୍ରିପଡ଼ା ବ୍ଲକ୍ ପ୍ରତି ଦୃଷ୍ଟି ଦେଇପାରୁନାହାନ୍ତି। ଫଳରେ ସ୍ଥାନୀୟ ଶିକ୍ଷାବ୍ୟବସ୍ଥା 'କା'ରେ ହିଁ ସୀମିତ ରହିଛି। ଅନ୍ୟପକ୍ଷରେ ଏଠାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପଦ ମଧ୍ୟ ଖାଲି ରହିଥିବାରୁ ହେମଗିର ଏବିଇଓ ଦାୟିତ୍ୱରେ ଅଛନ୍ତି। ବ୍ଲକ୍ ଶିକ୍ଷା ପ୍ରଶାସନର ମୁଖ୍ୟ ନଥିବାରୁ ଅନେକ ବିଦ୍ୟାଳୟ ଶିକ୍ଷକଙ୍କ ମର୍ଜିରେ ଚାଲିଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ଶିକ୍ଷାବିକାଶ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆସିଥିବାବେଳେ ନିକଟରେ କେତେକ ସ୍କୁଲକୁ ମିଳିଥିବା 'ମୋ ସ୍କୁଲ ଅଭିଯାନ' ବାବଦ ଅନୁଦାନର ଅସଦ୍‌ବିନିଯୋଗ ହୋଇଥିବାର ଅଭିଯୋଗ ହୋଇଛି। ସେହିଭଳି ମଧ୍ୟାହ୍ନଭୋଜନ, ଆବାସିକ ହଷ୍ଟେଲ ପରିଚାଳନାରେ ତ୍ରୁଟି ଆଦି ନିୟମିତ ଅନେକ ଅଭିଯୋଗ ହେଉଥିଲେ ସୁଦ୍ଧା ଜିଲ୍ଲା ଶିକ୍ଷାବିଭାଗ ଚୁପ୍ ବସିଛି। ଲେଫ୍ରିପଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଶିକ୍ଷାର ବିକାଶ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟିଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଚିନାବାଦାମ ବିହନ ନପାଇ ଚାଷୀ ହତାଶ

ଧର୍ମଶାଳା, ୦୫/୧୧ (ନି.ପ୍ର): ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି । ଏନେଇ ପ୍ରଚାର ପ୍ରସାର କରୁଛନ୍ତି । କିନ୍ତୁ ବାସ୍ତବରେ ତାହା କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି । ଚିନାବାଦାମ ଏକ ଲାଭକାରୀ ଫସଲ । ତେବେ ହଜାର ହଜାର ଚାଷୀ ଚିନାବାଦାମ ଚାଷ ଉପରେ ନିର୍ଭର କରନ୍ତି । ଅନେକ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଉଛି । ବର୍ଷକ ରୋଜଗାର ଆହାର ତା ପାଖରେ ନ ଥିବାରୁ କେତେ ଚାଷୀ ଋଣ ବୋଝରେ ଆତ୍ମହତ୍ୟା କରୁଥିବା ଦେଖିବାକୁ ମିଳୁଛି । ହେଲେ ଯାହା କରମକୁ ଆଦରୀ ଚାଷୀ ପଡିରହିଛି । ହେଲେ ଏବେ ଅନେକ ଚାଷୀ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବା ଲାଗି ପ୍ରସ୍ତୁତ ହେଉଥିବା ଜଣାପଡିଛି । ରବି ଫସଲ ପାଇଁ ରସୁଲପୁର ଓ ଧର୍ମଶାଳା ବ୍ଲକର ଚାଷୀମାନେ ଚିନାବାଦାମ ଚାଷ କରିଥାଆନ୍ତି । ଚଳିତ ବର୍ଷ ଏହି ଦୁଇ ବ୍ଲକରେ ୮ ହଜାର ହେକ୍ଟରରୁ ଉର୍ଦ୍ଧ ଚାଷ ଜମିରେ ଚିନାବାଦାମ ଚାଷ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ଜଣାପଡିଛି । ପାଗ ସାମାନ୍ୟ ଅନୁକୂଳଥିବାରୁ ଚାଷୀମାନେ ବିଲରେ ଚାଷକାମ ସାରି ସରକାରୀ ବିହନକୁ ଅନାଇ ବସିଛନ୍ତି । ହେଲେ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ବିହନ ଯୋଗାଇ ଦେବାତ ଦୂରର କଥା ସେପରି କିଛି ବିହନ ଆସିବା ନେଇ ସେପରି କିଛି ସୂଚନା ମଧ୍ୟ ନାହିଁ । ଫଳରେ ଚାଷକାମ ପଛୁଆ ହୋଇଯିବ ବୋଲି ଆଗକୁ ଗ୍ରୀଷ୍ମଋତୁକୁ ଲକ୍ଷ୍ୟ କରି ବିହନ କଳାବଜାରରୁ ଉଚ୍ଚ ଦରରେ କିଣୁଥିବା ଅଭିଯୋଗ ହୋଇଛି । ବଜାରରେ କ୍ୱିଂଟାଲ ପିଛା ୧୦ ହଜାରରୁ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରୀ କରାଯାଉଛି । ଫଳରେ ଚାଷୀମାନେ ଏତେ ଟଙ୍କା ଦେଇ ଚିନାବାଦାମ ବିହନ କିଣିବା ସେମାନଙ୍କ ପକ୍ଷେ ସମ୍ଭବପର ହେଉନାହିଁ । ଫଳରେ ଚାଷକାମ ଅଧପନ୍ତରିଆ କରି ଛାଡିଦେଇଥିବା ଦେଖିବାକୁ ମିଳିଛି । ସେବା ସମବାୟ ସମିତି ପକ୍ଷରୁ ବିହନ ରିହତି ଦରରେ ଯୋଗାଇ ଦେବାକୁ ଚାଷୀଭାଇମାନେ ଲୋକପ୍ରତିନିଧିଙ୍କ ନିକଟରେ ଦାବି କରୁଥିଲେ ସୁଦ୍ଧା କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି । ପୂର୍ବ ବର୍ଷମାନଙ୍କରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଚିନାବାଦାମ ବିହନ ଦେଖିବାକୁ ମିଳି ନ ଥିଲା ।

# ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ସୁରଭି ଓ ଓଡ଼ିଶା ମିଲେଟସ୍ ପ୍ରତିଯୋଗିତା ଅନୁଷ୍ଠିତ

ମାଲକାନଗିରି, ୦୫/୧୧ (ନି.ପ୍ର): ସ୍ଥାନୀୟ ବୁଟିଗୁଡ଼ାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ସୁରଭି ଓ ଓଡ଼ିଶା ମିଲେଟସ୍ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ ୩୫୦ ଜଣ ଛାତ୍ର ଛାତ୍ରୀ, ଗାଇଡ୍ ଶିକ୍ଷକ ଓ ଅଭିଭାବକ ମାନେ ଯୋଗ ଦେଇଥିଲେ । ପିଲାମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଶ୍ରୁତଲିଖନ, ଚିତ୍ରାଙ୍କନ, ହସ୍ତକଳା, ସଙ୍ଗୀତ ଓ କୁଇଜ୍ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ବିଚାରକ ରୂପେ ଯୋଗ ଦେଇଥିଲେ । ଉଦ୍ ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୂଜବଳ ଯୋଗ ଦେଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ମାନସ କୁମାର ଜେନା ଏହି ସଭାରେ ସଭାପତିତ୍ୱ କରିଥିଲେ । ସମସ୍ତ ଅତିଥି ପିଲାମାନଙ୍କର ଅର୍ନ୍ତନିହିତ ଗୁଣର ପରିପ୍ରକାଶ କରାଇବା ପାଇଁ ଅଭିଭାବକ, ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।ଉଦ୍ ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଜେନା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପିଲାମାନଙ୍କୁ ଉପଦେଶ ଦେବା ସହ କୃତୀ ଛାତ୍ର ଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବଂଟନ କରିଥିଲେ । ଜିଲ୍ଲାସ୍ତରୀୟ ଓଡ଼ିଶା ମିଲେଟସ୍ ପ୍ରତିଯୋଗିତାରେ ଯେଉଁ ଛାତ୍ର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଏହି ମାସ ୯ ଓ ୧୦ ତାରିଖରେ ରାଜ୍ୟସ୍ତରୀୟ ଅନ୍ତରାଷ୍ଟ୍ରୀୟ ମିଲେଟସ୍ ସମ୍ମିଳନୀ ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ସେହିଭଳି ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀମାନେ ଚଳିତ ମାସ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ରେ ଯୋଗଦାନ କରିବେ । ଏମାନଙ୍କ ସହିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକ ଏଭଳି ସର୍ବମୋଟ ପ୍ରାୟ ୭୦ ଜଣ ରାଜ୍ୟସ୍ତରୀୟ ଉତ୍ସବରେ ଅଂଶ ଗ୍ରହଣ କରିବେ । ଏହି ଅବସରରେ ମଂଚ ନିକଟରେ ମିଲେଟସ୍ ରୁ ପ୍ରସ୍ତୁତ ଖାଦ୍ୟ ଦ୍ରବ୍ୟର ଏକ ଷ୍ଟଲ୍ ମଧ୍ୟ ପ୍ରସ୍ତୁତ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ କେ.ଜି.ବି.ଭି, ସିନ୍ଧ୍ରିମାଳର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏମ୍.ଭି–୧୮, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଟିଗୁଡ଼ା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏମ୍.ପି.ଭି-୬୯ ଓ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟ, ଏମ୍.ଭି-୭ ର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସମଗ୍ର ଶିକ୍ଷା, ମାଲକାନଗିରି ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିବା ବେଳେ ଭାରପ୍ରାପ୍ତ ଶୈକ୍ଷିକ ସଂଯୋଜକ ଶେଷ ଶଙ୍କର ମହାଳିକ ଓ ସୀତାରାମ ଗୌଡ଼ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ନକଲି ପାଇଁ ଅଡୁଆରେ ଅସଲି ଚାଷୀ: ୫୦,୫୫୯ରୁ ୪୩ ହଜାର ଜମିରେ ହୋଇନି ଚାଷ

ସମ୍ବଲପୁର, ୦୫/୧୧ (ନି.ପ୍ର): ମାଳ ମାଳ ନକଲି ଚାଷୀ। ଚାଷ ନକରି ପଡ଼ିଆ ଜମି ଦେଖାଇ ଧାନ ବିକିବାକୁ ନକଲି ଚାଷୀ ସାଜି ନାମ ପଞ୍ଜୀକରଣ କରିଛନ୍ତି। ସମ୍ବଲପୁର ଜିଲ୍ଲାସାରା ଏଭଳି ହଜାର ହଜାର ନକଲି ଚାଷୀ ଭରି ହୋଇଛନ୍ତି। ଏହି ନକଲିଙ୍କ କାରନାମାରେ ଏବେ ଅସଲି ଚାଷୀ ଅଡୁଆରେ ପଡ଼ିଲେଣି। ମିଳିଥିବା ସୂଚନା ଅନୁସାରେ, ଧାନକିଣା ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ସରକାର ସାଟେଲାଇଟ୍ ସର୍ଭେ କରାଇଥିଲେ। ଏଥିରେ ସମ୍ବଲପୁର ଜିଲ୍ଲାର ୫୦ ହଜାର ୫୫୯ଟି ପଞ୍ଜୀକୃତ ଜମି ସନ୍ଦେହଘେରକୁ ଆସିଥିଲା। ସନ୍ଦେହଘେରକୁ ଆସିଥିବା ଜମି ସବୁର ଯାଞ୍ଚ ପାଇଁ ଗ୍ରାଉଣ୍ଡ ଜିରୋକୁ ସର୍ଭେୟରମାନଙ୍କୁ ପଠାଯାଇଥିଲା। ସେମାନେ ଯାଇ ପଞ୍ଜୀକୃତ ହୋଇଥିବା ଜମିର ଫଟୋ ଉଠାଇ ଆପ୍ଲିକେସନରେ ଅପ୍‌ଲୋଡ କରିଥିଲେ। ଏହାସହ କେଉଁ ଜମିରେ ଚାଷ ହୋଇଛି ଓ କେଉଁଥିରେ ହୋଇନାହିଁ ତାହାର ରିପୋର୍ଟ ପ୍ରଦାନ କରିଥିଲେ। ଏହି ସର୍ଭେୟରମାନେ ପ୍ରଦାନ କରିଥିବା ରିପୋର୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ୫୦ ହଜାର ୫୫୯ ପଞ୍ଜୀକୃତ ଜମିରୁ ମାତ୍ର ୭ହଜାର ୫୫୯ଟି ଜମିରେ ଚାଷ ହୋଇଥିବା ଗ୍ରାଉଣ୍ଡ ଜିରୋ ସର୍ଭେ ପରେ ସର୍ଭେୟରମାନେ ରିପୋର୍ଟ ଡିଆରସିଏସଙ୍କୁ ପ୍ରଦାନ କରିଛନ୍ତି। ଏହି ରିପୋର୍ଟ ଅନୁଯାୟୀ ୪୩ ହଜାରଟି ଜମିରେ ଚାଷ କରାନଯାଇ ପଞ୍ଜୀକରଣ କରାଯାଇଥିବା ଏଯାଏଁ ସ୍ପଷ୍ଟ ହୋଇସାରିଲାଣି। ବାକି ୭୫୫୯ଟି ଜମି ଯେଉଁଠି ଚାଷ ହୋଇଛି ବୋଲି ସର୍ଭେୟର ରିପୋର୍ଟ ଦେଇଛନ୍ତି, ତାକୁ ପୁଣି ଗୋଟି ଗୋଟି କରି ଡିଆରସିଏସ ଯାଞ୍ଚ କରୁଛନ୍ତି। ତେବେ, କେବଳ ସମ୍ବଲପୁର ନୁହେଁ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ମଧ୍ୟ ଅନୁରୂପ ସ୍ଥିତି ରହିଥିବା ଜଣାଯାଇଛି। ତେବେ ଚଳିତ ବର୍ଷ ସମ୍ବଲପୁର ଉପଖଣ୍ଡରେ ଆସନ୍ତା ୨୨ ତାରିଖରୁ ମଣ୍ଡି ଖୋଲିବ। ସେହିପରି ୨୭ ତାରିଖରୁ ରେଢ଼ାଖୋଲ ଓ କୁଚିଣ୍ଡା ଉପଖଣ୍ଡରେ ମଣ୍ଡି ଖୋଲିବ। ଯେଉଁ ତାରିଖ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି ତାହା ଚାଷୀଙ୍କ ପାଇଁ ସମସ୍ୟା ହୋଇଛି ବୋଲି ଚାଷୀ ନେତାମାନେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାରେ ୬୦ ହଜାର ୬୪ ଜଣ ଚାଷୀ ଧାନ ବିକିବାକୁ ଆବେଦନ କରିଥିଲେ। ସୋସାଇଟି ଓ ଡିଆରସିଏସ୍ ସେଥିରୁ ୧୬୦ଟି ଆବେଦନକୁ ନାକଚ କରିଥିଲେ। ୫୯ହଜାର ୯୦୪ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଏମାନଙ୍କ ଚାଷ ଜମିରେ ବାସ୍ତବରେ ଚାଷ ହୋଇଛି ନା ନାହିଁ ତାହା ଯାଂଚ କରିବା ଲାଗି ହୋଇଥିବା ସାଟେଲାଇଟ୍ ସର୍ଭେରୁ ୫୦ ହଜାର ୫୫୯ଟି ଜମି ସନ୍ଦେହ ଘେରକୁ ଆସିଛି। ମୋଟାମୋଟି ଯାଞ୍ଚ ପ୍ରକ୍ରିୟା ପରେ ହିଁ କେତେ ଜଣ ଚାଷୀଙ୍କ ପାଇଁ ଟୋକନ୍ ଇସ୍ୟୁ ହେବ ତାହା ସାମ୍ନାକୁ ଆସିବ। ଏଭଳି ପରିସ୍ଥିତିରେ ଚଳିତ ଖରିଫ୍ ଋତୁରେ ଧାନକିଣା ପ୍ରକ୍ରିୟା ବିଳମ୍ବିତ ହେବ ଏବଂ ଏଥିରେ ବିଚରା ଚାଷୀ ହିଁ ଗୁରୁତର କ୍ଷତିର ସମ୍ମୁଖୀନ ହେବା ଥୟ ବୋଲି ବିଭିନ୍ନ ଚାଷୀ ସଂଗଠନ ଆଶଙ୍କା ବ୍ୟକ୍ତ କଲେଣି।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି- ୨୦୨୩' ମହାସମାରୋହ ଅନୁଷ୍ଠିତ




ବାଲେଶ୍ୱର, ୫/୧୧ (ନି.ପ୍ର): ଆଜି ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ "ସୁରଭି- ୨୦୨୩" ମହାସମାରୋହ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଶିକ୍ଷା, ବାଲେଶ୍ୱର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୨ଟି ବ୍ଲକରୁ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା ଏବଂ ଗାନ୍ଧୀ ସ୍ମୃତି ଭବନଠାରେ ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିତର୍କ, ପ୍ରବନ୍ଧ ଲିଖନ, କୁଇଜ୍, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ମଧ୍ୟାହ୍ନ ଭୋଜନ ଇତ୍ୟାଦିରେ ଜୁନିଅର (ଚତୁର୍ଥ ରୁ ସପ୍ତମ), ସିନିଅର (ଅଷ୍ଟମ ରୁ ଦଶମ), ସିନିଅର ଉଚ୍ଚ ମାଧ୍ୟମିକ (ଏକାଦଶ ଓ ଦ୍ୱାଦଶ) ଏବଂ ସି.ଡବ୍ଲୁ.ଏସ.ଏନ (ଅଷ୍ଟମ ରୁ ଦ୍ୱାଦଶ) ବର୍ଗରେ ୩୦ ରୁ ଊର୍ଦ୍ଧ୍ୱ ଇଭେଣ୍ଟ ଓ ୧୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ଚଳିତ ବର୍ଷ ମିଲେଟ ବିଷୟରେ ମଧ୍ୟ ସ୍ୱତନ୍ତ୍ର ଭାବେ କୁଇଜ୍, ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା । ସକାଳ ଘ. ୯.୩୦ ଟା ରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ମନ୍ତ୍ରୀ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ଓ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ସାଂସଦ, ବାଲେଶ୍ୱର, ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନ୍ୟବର ବିଧାୟକ, ସିମୁଳିଆ, ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର, ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡା, ମାନ୍ୟବର ବିଧାୟକ, ରେମୁଣା ଓ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ମାନ୍ୟବର ସଭାପତି, ଜିଲ୍ଲା ପରିଷଦ, ବାଲେଶ୍ୱର ଉପସ୍ଥିତ ଥିଲେ । ସେହିପରି ଅପରାହ୍ନ ଘ. ୪ ଟା ରେ ଅନୁଷ୍ଠିତ ଉଦଯାପନୀ ସଭାରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ନିଜ ପ୍ରତିଭାର ବିକାଶ କରିବା ଏବଂ ସମସ୍ତ ଆହ୍ୱାନର ସାମ୍ନା କରି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରାଚୀତନୟା ଗିରି, ଶ୍ରୀଯୁକ୍ତ ପବିତ୍ର ମୋହନ ବାରିକ ଓ ଶ୍ରୀଯୁକ୍ତ ଧରଣୀ ଧାରା ପାତ୍ର ଯୋଗ ଦେଇ ଥିଲେ ଓ ଉଭୟ ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସଙ୍କ ସଭାପତିତ୍ୱ କରିଥିଲେ । ଜିଲ୍ଲାର ଅଭିଜ୍ଞ ବିଚାରକମାନଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା । ଅତିଥିମାନେ ନିଜର ମୂଲ୍ୟବାନ ଉପଦେଶ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ସମଗ୍ର ଶିକ୍ଷା, ବାଲେଶ୍ୱର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ବିଭିନ୍ନ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ମୟୂରଭଞ୍ଜ ସିଟିଜେନ ଫୋରମର ନମସ୍ତେ ମାନନୀୟେଷୁ କାର୍ଯ୍ୟକ୍ରମ: ୧୦ଜଣ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ



ବଡ଼ସାହି , ୫/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ ଅଧୀନ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ଯାତ୍ରୀ ନିବାସରେ ମୟୂରଭଞ୍ଜ ସିଟିଜେନ ଫୋରମର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । କଥା ଅଛି ସ୍ମୃତି କେବେ ଫିଙ୍ଗିବାର ନୁହେଁ । ରାଜତନ୍ତ୍ର ଠାରୁ ଗଣତନ୍ତ୍ର ସ୍ୱର୍ଗ ନ ହେଲେ ବି ନର୍କ ଠାରୁ ଢ଼େର ଭଲ। ବ୍ୟକ୍ତିଗତ ସ୍ୱାର୍ଥ ଓ ପ୍ରଶଂସା ପାଇଁ ସଂଗଠନ ଗଢ଼ିବା ଅପେକ୍ଷା ଜିଲ୍ଲାର ସମଷ୍ଟିଗତ ସ୍ୱାର୍ଥ ପାଇଁ ସଂଗଠନ ଗଢ଼ିବା ହିଁ ଯଥାର୍ଥ ମାନବ ସେବା ବା ମାଧବ ସେବା । ସେହି ମର୍ମରେ ଭଞ୍ଜଭୂଇଁର ସାମଗ୍ରିକ ବିକାଶ ଆମର ପ୍ରୟାସ ଭଞ୍ଜଭୂଇଁର ସ୍ୱର ରଖିଆସିଥିବା ମୟୂରଭଞ୍ଜ ସିଟିଜେନ୍ ଫୋରମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ଆଦର୍ଶକୁ ଅନୁକରଣ କରି ମାଣତ୍ରୀ ଯାତ୍ରୀନିବାସ ଠାରେ ଫୋରମ ତରଫରୁ ଏକ କର୍ମଶାଳା ଏବଂ ନମସ୍ତେ ମାନନୀୟେଷୁ ମଞ୍ଚ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକଟି କର୍ମରେ ଈଶ୍ୱରଙ୍କୁ ନିଷ୍ଚୟ ଉତ୍ତର ଦେବାକୁ ହେବ ସ୍ମରଣ ରଖି ସମସ୍ତେ ମାତୃଭୂମି ଈଶ୍ୱରୀୟଙ୍କ ସେବାର ପ୍ରତ୍ୟେକ ସେବକ ଏବଂ ସୁଖଦ ସଂଯୋଗର ସୂତ୍ରଧର ହେବାରୁ ସଙ୍କଳ୍ପର ସଂଳାପ ରଖିବା ସହିତ ଫୋରମର ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ । ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା ପୌରହିତ୍ୟ କରିଥିବା ବେଳେ ଫୋରମର କୋଷାଧ୍ୟକ୍ଷ ମନୋଜ ପଣ୍ଡା ସ୍ୱାଗତ ଜଣାଇବା ସହ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ସଦସ୍ୟ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ଫୋରମର ଅତୀତ ଓ ଭବିଷ୍ୟତ କାର୍ଯ୍ୟଧାରା ଉପରେ ଅଭିମତ ରଖିଥିଲେ । ସମ୍ପାଦକ ବରିଷ୍ଠ ସାମ୍ବାଦିକ ସତ୍ୟାନନ୍ଦ ଶେଜପଡା ଏବଂ ଅନ୍ୟାନ୍ୟ ବହୁ ବିଶିଷ୍ଟ ଆଲୋଚକବର୍ଗ କେନ୍ଦ୍ର ସରକାରଙ୍କୁ ଫୋରମ୍ ଏଯାବତ୍ ବହୁବର୍ଷ ଧରି ଦାବି କରି ଆସୁଥିବା ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମାର ପ୍ରକାଶନ କରିବା ସହିତ ଶିମିଳିପାଳର ସୁରକ୍ଷା ପାଇଁ ସିଆରପିଏଫଏଫ୍ ମୁତୟନ, ୪୫ବର୍ଷ ଧରି ଅସମାପ୍ତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପୂର୍ଣ୍ଣାଙ୍ଗ କରଣ, ରାଇରଙ୍ଗପୁର ଠାରେ ଏକ ଲୌହ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ସମସ୍ତେ ଦାବି କରିଥିଲେ। ସେହିପରି ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଗଡଜାତ ଅମଳର ଐତିହାସିକ ବାରିପଦା ସହରର ସ୍ୱତନ୍ତ୍ର ପରିଚୟ ପାଇଁ ସହର ନିକଟସ୍ଥ କାଠପାଳ ସ୍ପିନିଂ ମିଲ୍‌ର ଅବ୍ୟବହୃତ ବିଶାଳ ଜମିରେ ଏକ ସ୍ୱତନ୍ତ୍ର ପ୍ରକଳ୍ପଟିଏ କରି ନିର୍ବାଚନ ପୂର୍ବରୁ ସହରବାସୀଙ୍କୁ ଭେଟି ଦେବାକୁ ଦାବି ହୋଇଥିଲା। ମଞ୍ଚରେ ପୌରହିତ୍ୟ କରି ମନ୍ଦିରର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା ବଡସାହି ମାଟିର ପୁଅ ହୋଇ ବି ଶ୍ରୀ ବୁଗୁଡେଇଙ୍କ ମାଟି ଓ ମାନବ ସେବା ପାଇଁ ତାଙ୍କର ଅନନ୍ୟ ଅବଦାନ ପାଇଁ କଖାରୁଆ ବାବାଙ୍କ ଆଶୀର୍ବାଦ ରହିଛି ବୋଲି ମନ୍ତବ୍ୟ ରଖିଥିଲେ । ଫୋରମର ଏହି ମଞ୍ଚରେ ଫୋରମର ପ୍ରତିଷ୍ଠାତା ଶ୍ରୀ ବୁଗୁଡେଇ ସାଇଁକୁଳାର ପଣ୍ଡିତ ରତିକାନ୍ତ ମିଶ୍ରଙ୍କୁ ପୁରୋହିତ ଶିରୋମଣୀ, ମାଣତ୍ରୀର ଦିବଙ୍ଗତ ଶିକ୍ଷାବିତ୍ ମହେଶ୍ୱର ପଣ୍ଡା, ସମାଜସେବୀ ହରିଶ୍ଚନ୍ଦ୍ର ପଣ୍ଡା ଏବଂ ଡା. କିଶୋର ଚନ୍ଦ୍ର ମହାପାତ୍ରଙ୍କୁ ସେବାଶ୍ରୀ; ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନଙ୍କୁ ମାଣତ୍ରୀ ମଣି; ବାବା କଖାରୁଆ ବୈଦ୍ୟନାଥ ଯୁବକ ସଂଘର ସଭାପତି ଜ୍ୟୋତିପ୍ରକାଶ ପଣ୍ଡା ଏବଂ ଜିତେଶ ପତିଙ୍କୁ ଅଗ୍ରଯୋଧି ସମ୍ମାନରେ ସମ୍ବର୍ଦ୍ଧିତ କରିବା ନିଜର ଅହୋଭାଗ୍ୟ କହିଥିଲେ ।

# 'ସହାୟକ'ର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର, ୫/୧୧ (ନି.ପ୍ର): ପ୍ରମୁଖ ଜନକଲ୍ୟାଣକାରୀ ସେବାସଂସ୍ଥା 'ସହାୟକ'ର ଆସନ୍ତା ଦୁଇବର୍ଷ ପାଇଁ ନିର୍ବାଚିତ କର୍ମକର୍ତ୍ତାମାନଙ୍କର ଦାୟିତ୍ୱଗ୍ରହଣ ଉତ୍ସବ ଆଜି ପୂର୍ବାହ୍ନରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନବନିର୍ବାଚିତ ନୂତନ ସଭାପତି ଡ. କ୍ଷିତୀଶ୍ୱର ଦାଶ ଅଧ୍ୟକ୍ଷତା କରିଥିଲେ ଓ ସମସ୍ତଙ୍କୁ ବେଦମନ୍ତ୍ର ପଢ଼ି ସ୍ୱାଗତ କରିବା ସହିତ ନବନିର୍ବାଚିତ କର୍ମକର୍ତ୍ତା ତଥା ସମସ୍ତ ସଭ୍ୟ/ସଭ୍ୟାଙ୍କ ସହଯୋଗ କାମନା କରିଥିଲେ। ନବନିର୍ବାଚିତ ସାଧାରଣ ସମ୍ପାଦକ ଡ. ଇଂ. ହୃଷିକେଶ ସାହୁ ଦାୟିତ୍ୱ ଗ୍ରହଣ କରି ଗତ ୧୭ବର୍ଷ ଧରି ଏହି ଅନୁଷ୍ଠାନକୁ ପ୍ରତିଷ୍ଠା କରି ସମସ୍ତଙ୍କର ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠାରେ ଯେପରି ଋଦ୍ଧିମନ୍ତ କରିଛନ୍ତି ସେହି ଗୌରବ ଓ ପରମ୍ପରା ରକ୍ଷା କରିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ବୃକ୍ଷରୋପଣ, ଅସହାୟମାନଙ୍କୁ ଶୀତବସ୍ତ୍ର ବଣ୍ଟନ, ରକ୍ତଦାନ ଶିବିର, ଗ୍ରୀଷ୍ମଦିନେ ଜଳବିତରଣ, ଦିବ୍ୟାଙ୍ଗମାନଙ୍କୁ ଅନ୍ନ ତଥା ସହାୟତା ପ୍ରଦାନ ଓ ସର୍ବୋପରି ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମସ୍ତଙ୍କ ସହମତି କ୍ରମେ ପୂର୍ବଭଳି କରାଯିବ ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନ ତରଫରୁ ପ୍ରାକ୍ତନ ସଭାପତି ଇଞ୍ଜିନିୟର ସୁରେନ୍ଦ୍ରନାଥ ଦାସ ଓ ସମ୍ପାଦକ ବିଜୟ କୁମାର ଦାସଅଧିକାରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ ଓ ଉପସ୍ଥିତ ସମସ୍ତ ସଦସ୍ୟ/ ସଦସ୍ୟାଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ନୂତନ ଭାବେ ହୋଇଥିବା ପୃଷ୍ଠପୋଷକ ସଭ୍ୟ ସର୍ବଶ୍ରୀ ପ୍ରସନ୍ନ କୁମାର ପାଢ଼ୀ, ଶିଶିର କୁମାର ରଥ, ହରିଶ୍ଚନ୍ଦ୍ର ସାହୁ, ଡକ୍ଟର ପ୍ରଣବ କୁମାର ଦାସ ଓ ସଞ୍ଜିବ କୁମାର ନାୟକଙ୍କୁ ମାନପତ୍ର ଦେଇ ସ୍ୱାଗତ କରାଯାଇଥିଲା। ଉକ୍ତ ସଭାରେ ସର୍ବଶ୍ରୀ ଇଞ୍ଜିନିୟର ବନମାଳୀ ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ଡକ୍ଟର ତାରାକାନ୍ତ ନନ୍ଦ, ଗୁଣାକାର ଦେ, ବସନ୍ତଲତା ପଟ୍ଟନାୟକ ପ୍ରମୁଖ ତାଙ୍କ ବକ୍ତବ୍ୟରେ ପୂର୍ବ ସଭାପତି ଓ ସମ୍ପାଦକଙ୍କୁ ତାଙ୍କ ସମୟରେ କରିଥିବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ସଂଘର ନୂତନ କର୍ମକର୍ତ୍ତା ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରି ସମସ୍ତଙ୍କ ସହଯୋଗ ପାଇଁ ଅନୁରୋଧ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଶ୍ରୀରାମଚନ୍ଦ୍ର ଦାଶ, ପ୍ରଣୀତା ମିଶ୍ର, ସେକ୍ ଆଲ୍ଲାଉଦ୍ଦିନ୍, ଦିବାକର ମହାପାତ୍ର, ବସନ୍ତ କୁମାର ନାୟକ, ରମେଶ ଚନ୍ଦ୍ର ଜେନା, ନିରଞ୍ଜନ ପଣ୍ଡା, ସୁରେନ୍ଦ୍ର ପ୍ରସାଦ ଧଳ, ଦାମୋଦର ନାୟକ, ଅକ୍ଷୟ କୁମାର କର, ଗୋପାଳ ଜେନା, ଉମେଶ ଗୋଚ୍ଛାୟତ, ଇଂ. କେଶବ ଚନ୍ଦ୍ର ମହାନ୍ତି, ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ଇଞ୍ଜିନିୟର ସୁରେନ୍ଦ୍ରନାଥ ନାୟକ ଅନୁଷ୍ଠାନର ଆୟବ୍ୟୟ ଉପସ୍ଥାପନ କରିଥିଲେ ଏବଂ ତାହା ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା। ଶେଷରେ ଉପସଭାନେତ୍ରୀ ସୁଶ୍ରୀ ଅରୁଣା ରାଏ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ନଭେମ୍ବର ୭ ବାଲେଶ୍ୱର ଚାଲ: ପଦଯାତ୍ରାକୁ ସଫଳ କରିବାକୁ ଅହେତୁକ ସମର୍ଥନ

ନୀଳଗିରି , ୫/୧୧ (ନି.ପ୍ର): ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଦାବୀରେ ଆଗାମୀ ୭ତାରିଖରେ ନୀଳଗିରି ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଶହଶହ ସଂଖ୍ୟାରେ ନୀଳଗିରିବାସୀ ପଦଯାତ୍ରାରେ ଯିବାକୁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପୂର୍ବରୁ ନୀଳଗିରିକୁ ସ୍ୱତନ୍ତ୍ର ଜିଲା ଘୋଷଣା ଦାବିରେ ବିଭିନ୍ନ ସମୟରେ ସରକାରଙ୍କଠାରେ ବିଭିନ୍ନ ଫରମରେ ଦାବି ହୋଇଆସୁଥିଲା ବେଳେ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ଯେତେବେଳେ କି ପଦ୍ମପୁର ଭଳି ଏକ ଛୋଟିଆ ନିର୍ବାଚନ ମଣ୍ଡଳୀକୁ ଜିଲ୍ଲା କରିବାକୁ ଖୋଦ ମୁଖ୍ୟମନ୍ତ୍ରୀ ଆଗ୍ରହ ପ୍ରକାଶ କରିଛନ୍ତି। ପରନ୍ତୁ ଆଦିବାସୀ ବହୁଳ, ଖଣିଜ ସମ୍ପଦରେ ଭରପୁର, ଜନସଂଖ୍ୟା ଏବଂ ସ୍ୱାଧୀନ ଭାରତରେ ରାଜତନ୍ତ୍ରର ବିଲୋପ କରି ପ୍ରଥମ ଗଡଜାତ ରାଜ୍ୟ ଭାବେ ସ୍ୱାଧୀନ ଭାରତରେ ମିଶ୍ରଣ ସମୟରେ ନୀଳଗିରିକୁ ସ୍ୱତନ୍ତ୍ର ଅଧିକାର ମିଳିବ ବୋଲି ଚୁକ୍ତି ହୋଇଥିଲା। ଚୁକ୍ତି ଅନୁଯାୟୀ ନୀଳଗିରିକୁ ଜିଲ୍ଲା ମାନ୍ୟତା ନମିଳିବା ସ୍ୱାଭିମାନୀ ନୀଳଗିରି ବାସୀଙ୍କୁ ମର୍ମାହତ କରିଛି। ଏଣୁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ପ୍ରସ୍ତାବ ମୂଳେ ଆଗାମୀ ମଙ୍ଗଳବାର ୭ତାରିଖ ପୂର୍ବାହ୍ନ ୮ଘଟିକା ସମୟରେ ନୀଳଗିରି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବିରାଟ ପଟୁଆରରେ ଶହଶହ ପଦଯାତ୍ରୀ ବାଲେଶ୍ୱର ଅଭିମୁଖେ ବାହାରିବେ। ସେଠାରେ ଜିଲ୍ଲାପାଳଙ୍କୁ ଭେଟି ମହାମହିମ ରାଷ୍ଟ୍ରପତି, ମାନ୍ୟବର ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯିବ। ଏନେଇ ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। ଏଥିସହିତ ସ୍ୱାଭିମାନୀ ନୀଳଗିରିବାସୀ ତାର ହକ୍ ପାଇଁ ଉକ୍ତ ଦିବସ ଓ ନିର୍ଦ୍ଦିଷ୍ଟ ସମୟରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ପଦଯାତ୍ରୀ ଦଳରେ ସାମିଲ ହେବାକୁ ନିବେଦନ କରିଛନ୍ତି।

# ରାଜ୍ୟସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷା : ବାଲେଶ୍ୱର କେନ୍ଦ୍ରସ୍ତରରେ ପ୍ରଥମ ସ୍ଥାନରେ ହୃଷିକେଶ ଲେଙ୍କା




ଭୁବନେଶ୍ୱର/ବାଲେଶ୍ୱର, ୫/୧୧ (ନି.ପ୍ର): ମ୍ୟୁନିସିପାଲିଟି ଅନ୍ତର୍ଗତ ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ଶ୍ରେଣୀ ଛାତ୍ର ଶ୍ରୀମାନ ହୃଷିକେଶ ଲେଙ୍କା ରାଜ୍ୟ ସ୍ତରୀୟ ଶିଶୁ ବିକାଶ ମେଧାବୃତ୍ତି ପରୀକ୍ଷାରେ କେନ୍ଦ୍ର ସ୍ତରରେ ୧ମ ସ୍ଥାନ ଅଧିକାର କରି ଶିକ୍ଷା କ୍ଷେତ୍ରରେ କୃତିତ୍ୱ ପ୍ରତିପାଦନ କରିବା ସହିତ ବାଲେଶ୍ୱର ଜିଲ୍ଲା ପାଇଁ ଗୋ ?ରବ ଆଣିଛନ୍ତି। ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ ୨୪ ତମ ରାଜ୍ୟ ସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ପାଳନ ଅବସରରେ ଶ୍ରୀମାନ ଲେଙ୍କା ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହିତ ମେଡାଲ ଓ ନଗଦ କ୍ୟାସ ଆୱାର୍ଡ଼ ପାଇଛନ୍ତି। ସଭାପତି ସୁଧାନିଧି ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ର ଅବସରପ୍ରାପ୍ତ କୁଳାଧିପତି ଡଃ.ବିନାୟକ ରଥ, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ,ପୁରୀ ର ଅବସରପ୍ରାପ୍ତ କୁଳାଧିପତି ଡଃ ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ଼ଃ ଶରତ କୁମାର ବିଶ୍ୱାଳ, ରେଡ଼କ୍ରସ ଭବନ ପ୍ରାକ୍ତନ ସଚିବ ମେଜର ଡଃ କଳ୍ପନା ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟ ର ଯୋଗାଚାର୍ଯ୍ୟ ଡଃ ବିଶ୍ୱରଂଜନ ରଥ, ପିପିଲି ମହାବିଦ୍ୟାଳୟ ର ପ୍ରାକ୍ତନ ଅଧ୍ୟକ୍ଷା ଡଃ ପ୍ରତିଭା ମହାରଥୀ ଓ ସ୍ତମ୍ଭକାର ପ୍ରଫେସର ନିରଞ୍ଜନ ପାଢ଼ୀ ପ୍ରମୁଖ ଯୋଗଦାନ କରି କୃତି ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ। ସଂପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କାର୍ଯ୍ୟକ୍ରମର ପ୍ରାକକଥା ରଖିଥିଲେ। ଏହି ଅବସରରେ ୨୫୦ ରୁ ଊର୍ଦ୍ଧ୍ୱ କୃତୀ ପ୍ରତିଭା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଯୋଗ୍ୟ ଯେ, ରାଜ୍ୟର ଶତାଧିକ ବିଦ୍ୟାଳୟରୁ ୧୩ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଏହି ମେଧାବୃତ୍ତି ପରୀକ୍ଷା ଦେଇଥିଲେ। ପ୍ରକାଶ ଥାଉ କି ଶ୍ରୀମାନ ହୃଷିକେଶ ଲେଙ୍କା ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ଅନୁଷ୍ଠିତ ଉତ୍କଳ ଜ୍ୟୋତି ପ୍ରତିଭା ସମ୍ମାନ ପରୀକ୍ଷାରେ ୧ମ ସ୍ଥାନ ଅଧିକାର କରି ଗୌ।ରବ ଅର୍ଜ୍ଜନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ନଭେମ୍ବର ୧୦ ତାରିଖ ...

ପର୍ଯ୍ୟନ୍ତ ଦିଲ୍ଲୀର ସମସ୍ତ ସ୍କୁଲ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ସେ କହିଛନ୍ତି କି, ଲଗାତର ଭାବେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଏହାସହ ୬ କ୍ଲାସରୁ ୧୨ କ୍ଲାସ ପିଲାମାନଙ୍କ ପାଇଁ ଅନଲାଇନ କ୍ଲାସର ବ୍ୟବସ୍ଥା କରିବାକୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡିକୁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଦିଲ୍ଲୀରେ ଏବେ ବାୟୁ ପ୍ରଦୂଷଣର ସ୍ତର ୯୦୦ ଏକ୍ୟୁଆଇ ପାର କରିଛି ।

### ଡି' ବ୍ରଦର୍ସଙ୍କ ...

ମନା କରିବାକୁ ଧମକଚମକ ଦେଇଥିଲେ। ଗ୍ରୋସରୀ ଦୋକାନୀଙ୍କ ପତ୍ନୀ ଏନେଇ ଚାଉଳିଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କମିଶନରେଟ୍ ପୁଲିସ ମାମଲା ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୁଲିସ୍ ପ୍ରଥମେ ଦୁଇ ଅଭିଯୁକ୍ତଙ୍କ ମୋବାଇଲ୍ ନମ୍ବରକୁ ଟ୍ରାକ୍ କରିଥିଲା। ସେହି ସମୟରେ ତାଙ୍କ ଲୋକେସନ୍ ମିଳିଥିଲା। ଏହା ପରେ ପୁଲିସ ଉଭୟଙ୍କୁ ଢେଙ୍କାନାଳରୁ ଗିରଫ କରିଥିଲା। ସେମାନଙ୍କଠାରୁ ପୁଲିସ୍ ନଗଦ ୯୨ ହଜାର ଟଙ୍କା, ଦୁଇଟି ବାଇକ ଓ ୫ଟି ମୋବାଇଲ ଫୋନ ଜବତ କରିଛି। ଜବତ ଦୁଇ ବାଇକ୍ ଭିତରୁ ଗୋଟିଏ ଚୋରା ବାଇକ୍ ବୋଲି ସ୍ପଷ୍ଟ କରିଛି ପୁଲିସ୍। ଗିରଫ ଦୁଇ ଅଭିଯୁକ୍ତଙ୍କ ନାଁରେ ଢେଙ୍କାନାଳ, ଲକ୍ଷ୍ମୀସାଗର, ଧଉଳି ଓ ଚାଉଳିଆଗଞ୍ଜ ଥାନାରେ ମାମଲା ରହିଛି।

### ବିଶ୍ୱକପ୍ ଭାରତର...

ବେଳେ ଏଡନ ମାର୍କ୍ରମ କ୍ୟାଚ୍ ଆଉଟ୍ ହୋଇଥିଲେ। ତା'ପରେ ହେନରିଚ୍ କ୍ଲାସେନ୍ ୧, ରସି ଭାନ୍ ଡେର୍ ଡୁସେନ୍ ୧୩, ଡାଭିଡ ମିଲର ୧୧, କେଶବ ମହାରାଜ ୧୩, ମାର୍କୋ ୟାନସେନ୍ ୧୪, କାଗିସୋ ରାବାଡା ୬ ରନ୍ କରିଥିବା ବେଳେ ଲୁଙ୍ଗି ଏନଗିଡି ଖାତାଲି ଖୋଲି ପାରିଲେ ନାହିଁ। ତାବ୍ରେଜ ଶମସି ୪ ରନ୍ କରି ନଟ୍ ଆଉଟ୍ ଅଛନ୍ତି। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୫ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ମହମ୍ମଦ ସାମି ୨ଟି, କୁଲଦୀପ ଯାଦବ ୨ଟି ଓ ମହମ୍ମଦ ସିରାଜ ଗୋଟିଏ ୱିକେଟ୍ ଅକ୍ତିଆର କରିଛନ୍ତି।

### ଥାନାରେ ପଶି ଭଙ୍ଗାରୁଜା ...

ଅମ୍ବାଭୋନା ଥାନା ତାମଦେଇଠାରେ ପିକ୍‌ନିକ୍ କରୁଥିଲେ। ପିକ୍‌ନିକ ସ୍ଥଳରେ ନିଶା କାରବାର ହେଉଥିବା ସନ୍ଦେହ କରି ଅମ୍ବାଭୋନା ଥାନା ପୁଲିସ୍ ଚଢ଼ଉ କରିଥିଲା। ମାତ୍ର କୌଣସି ମାଦକ ଦ୍ରବ୍ୟ ପାଇନଥିଲା। ଏହାକୁ ନେଇ ଉଭୟଙ୍କ ଭିତରେ କଥା କଟାକଟି ହୋଇଥିଲା। କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପରେ ପୁଲିସ୍ ସେଠାରୁ ପଳାଇ ଯାଇଥିଲା। ଅପରାହ୍ନରେ ୩୦ରୁ ଅଧିକ ଯୁବକ ବାଇକ୍‌ରେ ଆସି ଥାନା ଭିତରେ ପଶିଥିଲେ। ଥାନାରେ ଯାହା ପାଇଲେ ଭଙ୍ଗାରୁଜା କରିଥିଲେ। ଟେବୁଲ୍ ଓ ଚୟାର ଫିଙ୍ଗା ଫିଙ୍ଗି କରିଥିଲେ। ଝରକା ଓ କବାଟ କାଚ ଭାଙ୍ଗିଥିଲେ। କହିବାକୁ ଗଲେ ଥାନା ଭିତରେ ଯୁବକମାନେ ଆତଙ୍କରାଜ ଚଳାଇଥିଲେ। ଯୁବକଙ୍କ ଉଗ୍ର ରୂପ ଦେଖି କର୍ମଚାରୀମାନେ ଥାନା ଛାଡ଼ି ପଳାଇ ଯାଇଥିବା ଅଭିଯୋଗ ହୋଇଛି। ଭଙ୍ଗାରୁଜା କରିବା ପରେ ଯୁବକମାନେ ଥାନା ଛାଡ଼ି ପଳାଇ ଯାଇଥିଲେ। ଖବର ପାଇ ବରଗଡ଼ ଏସ୍‌ଡିପିଓ ଥାନାରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ହେଲେ ଆତଙ୍କରାଜ ଚଳାଇଥିବା ଅଭିଯୁକ୍ତଙ୍କ ପତ୍ତା ପାଇନି ପୁଲିସ୍। ସେମାନେ କେଉଁ କାରଣରୁ ଆତଙ୍କରାଜ ଚଳାଇଥିଲେ, ତାହା ଜଣାପଡ଼ି ନାହିଁ। ପୁଲିସ୍ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ଏଥିରେ ରାଜନୈତିକ ଲିଙ୍କ ଥାଇପାରେ ବୋଲି ସନ୍ଦେହ କରାଯାଉଛି।

### ବିଶ୍ୱକପ୍ ଭାରତର...

ଏଠାରେ କେହି ଜଣେ ବିଦେଶୀଙ୍କର ଜନ୍ମଦିନ ପାଳନ ହେଉଥିଲେ । ରାହୁଲ ଏହାକୁ ରେଭ୍ ପାର୍ଟି ବୋଲି କହିଛନ୍ତି । ଏହାସହ ଏଭଳି ରେପ ପାର୍ଟି କରିବାକୁ ସେ ଅନେକଥର ବିଦେଶ ଯାଇଛନ୍ତି । ଏହି କାମ ସେ ୧୫ ବର୍ଷ ହେବ କରୁଛନ୍ତି । ଫୋନରେ ରାହୁଲ କହିଛନ୍ତି କି, ତାଙ୍କ ପାଖରେ ଅନେକ ପ୍ରକାରର ଅଜଗର ସାପ ରହିଛନ୍ତି । ରାହୁଲଙ୍କ ମୁତାବକ ଏହି ପାର୍ଟି ଏଲଭିସଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା ।

### ଛତିଶଗଡ଼ ନିର୍ବାଚନ...

ଜାତିଗତ ଜନଗଣନା ସାମାଜିକ ନ୍ୟାୟ ନିଶ୍ଚିତ ହେବ ବୋଲି କଂଗ୍ରେସ କହିଛି। ଏହା ସହିତ ଦଳ ଏଥର ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇବାକୁ ପ୍ରତିଶୃତି ଦେଇଛି। ସରକାର ଗଠନ ହେଲେ ମହିଳାମାନଙ୍କୁ ଗ୍ୟାସ ସିଲିଣ୍ଡର ଉପରେ ୫୦୦ ଟଙ୍କା ସବସିଡି ଦେବାକୁ କଂଗ୍ରେସ ଘୋଷଣା କରିଛି। ଏଥିସହ ନଭେମ୍ବର ୧ରୁ ମଣ୍ଡିରେ ଧାନ କିଣାଯିବ। କୁଇଣ୍ଟାଲ ପ୍ରତି ୩୨୦୦ ଟଙ୍କାରେ ଏକର ପ୍ରତି ୨୦ କୁଇଣ୍ଟାଲ ଧାନ କିଣିବ ସରକାର। କେନ୍ଦୁପତ୍ର ବସ୍ତା ପ୍ରତି ୬ ହଜାର ଟଙ୍କା ମିଳିବ। ୧୭.୫ ଲକ୍ଷ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଆବାସ ଯୋଜନା ଅଧୀନରେ ମାଗଣା ଘର ଦିଆଯିବ। କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା। ଏହା ସହିତ ଖୁବଚାନ୍ଦ ବଘେଲ ସ୍ୱାସ୍ଥ୍ୟ ସହାୟତା ଯୋଜନା ଅଧୀନରେ ୧୦ ଲକ୍ଷ ଟଙ୍କା ଯାଏ ଚିକିତ୍ସା ବୀମା ପ୍ରଦାନ କରାଯିବ ଏବଂ ବ୍ୟବସାୟ ପାଇଁ ୪୦ ପ୍ରତିଶତ ପରିବର୍ତ୍ତେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ଛାଡ଼ କରାଯିବ ବୋଲି କଂଗ୍ରେସ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଛି। ଛତିଶଗଡ଼ରେ ଆସନ୍ତା ୭ ତାରିଖରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ଆଜି ପ୍ରଚାର ଶେଷ ହେଉଛି। ପ୍ରଚାର ଶେଷ ହେବାର କିଛି ଘଣ୍ଟା ପୂର୍ବରୁ କଂଗ୍ରେସ ନିଜର ଘୋଷଣା ପତ୍ର ଜାରି କରିଛି। ୫ଟି ଡିଭିଜନ ମୁଖ୍ୟାଳୟ ଓ ୨ଟି ବଡ଼ ଜିଲ୍ଲାରେ କଂଗ୍ରେସ ଏକାସାଙ୍ଗରେ ନିଜ ମେନିଫେଷ୍ଟୋ ଜାରି କରିଛି।

### ପତ୍ରିକା ହିଁ ସ୍ରଷ୍ଟାମାନଙ୍କ...

ପତ୍ରିକା ର ଗୁଣାତ୍ମକ ଦିଗ ଉପରେ ଆଲୋଚନା କରି ଶବ୍ଦ ର ଶକ୍ତି ଉପରେ ନିଜର ମତ ରଖିଥିଲେ । ଅନ୍ୟତମ ବରେଣ୍ୟ ବକ୍ତା ଡ.ରଖାଲ ଚନ୍ଦ୍ର ଘଡାଇ ଆଜିକାଲି ପ୍ରକାଶ ପାଉଥିବା ଖବର କାଗଜ ଏବଂ ପତ୍ରପତ୍ରିକା କିପରି ବିଜ୍ଞାପନ ରାକ୍ଷସ ର ମୁଖପାତ୍ର ହୋଇ ଯାଇଛନ୍ତି, ସେ ସମ୍ପର୍କରେ ନିଜ ମତ ଦେବା ସହ' ସୃଜନାକ୍ଷର 'ଏହାର ବ୍ୟତିକ୍ରମ ବୋଲି କହିଥିଲେ ।ସାହିତ୍ୟ ପ୍ରତି ଅନୁରାଗ ରହିଲେ ସର୍ଜନା ର ସର୍ଜମିନ ରେ ସୃଜନାକ୍ଷର ନିଶ୍ଚୟ ଏକ ସ୍ୱତନ୍ତ୍ର ଆସନ ଲାଭ କରି ପାରିବ ବୋଲି ମତ ଦେଇଥିଲେ । ଅନ୍ୟତମ ଅତିଥି କବୀ ଶ୍ରଦ୍ଧାଞ୍ଜଳି ରାୟସୃଜନାକ୍ଷର -ଶରତ ସଂଖ୍ୟାର କଳାତ୍ମକ ଦିଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିଥିଏଡ଼ଭୋକେଟ ବିଜୟ ପାଣିଗ୍ରାହୀ ଯୋଗ ଦେଇ ସୃଜନାକ୍ଷର ପତ୍ରିକାରେ ପ୍ରକାଶିତ ପ୍ରତିଟି ଲେଖା ଭିତରେ ତଥ୍ୟ ଓ ତତ୍ତ୍ୱ ରେ ଭରପୂର ରହିଛି ବୋଲି ମତ ଦେଇଥିଲେ । ସଂଯୋଜକ ପ୍ରସନ୍ନ ପାତ୍ର ବିଶ୍ୱ ସାହିତ୍ୟର ବିକାଶ ପରିପ୍ରେକ୍ଷୀରେ ପତ୍ର ପତ୍ରିକା ର ଅବଦାନ ସମ୍ପର୍କରେ ନିଜ ମତ ରଖିବା ସହ ସୃଜନାକ୍ଷର ପତ୍ରିକା ନିଶ୍ଚୟ ପାଠକ ମାନଂକୁ ଆକୃଷ୍ଟ କରି ପାରିବ ବୋଲି କହିଥିଲେ । 'ପୃଷ୍ଠାଦୃଷ୍ଟି 'କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରୁଥିବା ବରିଷ୍ଠ କବି ଉମେଶ ଚନ୍ଦ୍ର ବାରିକ ସ୍ୱଳ୍ପ ସମୟ ମଧ୍ୟରେ 'ସୃଜନାକ୍ଷର'କେବଳ ବାଲେଶ୍ୱର ନୁହେଁ ;ବରଂ ତମାମ ଓଡ଼ିଶାର ପତ୍ରିକା ଜଗତରେ ବେଶ ପ୍ରମୁଖ ସ୍ଥାନ ଅଧିକାର କରି ପାରିଛି କହିବା ସହ ଗୋଟେ ପତ୍ରିକାର ସାମାଜିକ ଦାୟିତ୍ୱ ବୋଧ ରହିବା ଆବଶ୍ୟକ ବୋଲି ସଭାପତୀୟ ଭାଷଣ ରେ ମତ ରଖିଥିଲେ । ଏଇ କାର୍ଯ୍ୟକ୍ରମରେ ବାଲେଶ୍ୱର ର ଅନେକ ସାହିତ୍ୟିକ ବୁଦ୍ଧିଜୀବୀ ,ଶିକ୍ଷାବିତ ଆଦି ଯୋଗ ଦାନ କରିଥିଲେ ।ଶେଷରେ ସହଯୋଗୀ ସମ୍ପାଦକ ଡା.ଅଭିମନ୍ୟୁ କାନୁନଗୋ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଖରାବାଜ ଶିବମୁନି ଯୋଗାଶ୍ରମରେ ଶିବମୁନି ଜୀଙ୍କର ୧୪୦ ତମ ଶୁଭ ଜନ୍ମଜୟନ୍ତୀ ପାଳନ

ବାଖରାବାଜ , ୫/୧୧ (ନି.ପ୍ର): ବାଖରାବାଜ ଶିବମୁନି ଯୋଗାଶ୍ରମରେ ଆଶ୍ରମର ସ୍ଥାୟୀ ସଭାପତି ଆତ୍ମଜ୍ଞାନୀ କାଳିଚରଣ ମୁନିଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇ,ତାଙ୍କରି ସଭାପତିତ୍ୱରେ,ଆଦି ମୁନୀଶ୍ୱର ଯୋଗେଶ୍ୱର ସଦ୍ ଗୁରୁଦେବ ଶିବମୁନି ଜୀ ମହାରାଜଙ୍କ ୧୪୦ ତମ ଶୁଭ ଜନ୍ମଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ପ୍ରାନ୍ତୀୟ ସହ ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ। ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ଯୋଗୀ ବିମଳ ମୁନିଜୀ ମହୋଦୟ ।ମଞ୍ଚ ପରିଚାଳନା କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ମହୋଦୟ। ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ, ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିଶ୍ରୀ ମହୋଦୟା, ଆଶ୍ରମର ଯୋଗଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର୍ଷଣ ପାଲ ମହୋଦୟ , ଯୋଗୀ ସନାତନ ମୁନି ପ୍ରମୁଖ। ମୁନି ସଙ୍ଗୀତ ଗାନ କରିଥିଲେ ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା ମହୋଦୟା ।ଉପସ୍ଥିତ ଥିଲେ,ମୁନିମତୀ ଫୁଲମଣୀ ବେହେରା,ସୁମିତ୍ରା ବେହେରା,ହେମଲତା ସିଂ, ଅଞ୍ଜଳି ବେହେରା,ଆରତୀ ବେହେରା,ସବିତା ମାଝୀ,ବାସନ୍ତୀ ବେହେରା,ପାର୍ବତୀ ସିଂ,ଭରତ ସିଂ,ମୁନିମତୀ କନ୍ଦରୀ ହେମ୍ବ୍ରମ୍,ମୁନି ରାମ ହେମ୍ବ୍ରମ୍,ମିନତୀ ବେହେରା,ମୁନି ଗଙ୍ଗାଧର ପ୍ରଧାନ,ନାରାୟଣ ସରେନ୍ ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ, ବେଦ ପାଠ, ଶାନ୍ତି ପାଠ, କରାଯାଇ, ଶିବମୁନି ଜୀଙ୍କର ଜୀବନୀ, ସିଦ୍ଧାନ୍ତ ଏବଂ ଦର୍ଶନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଶେଷରେ ଆଶ୍ରମର ଯୋଗଶିକ୍ଷକ ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

# ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର କର୍ମଶାଳା




ବାରିପଦା , ୫/୧୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ଟେକ୍ନିକଲ ଡକ୍ୟୁମେଣ୍ଟ ରାଇଟିଙ୍ଗ ୟୁଜିଂ ଲାଟେକ୍ସ ଓ ଗବେଷଣାରେ ଗୁଡ ଏଥିକଲ ପ୍ରାକଟିସ ଶୀର୍ଷକ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଆଲୋଚନାଚକ୍ରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ. ତେଜପୁର ବିଶ୍ୱବିଦ୍ୟାଳୟ, ଆସାମର ମେକାନିକାଲ ଇଂଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଦିଲୀପ ଦତ୍ତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଲାଟେକ୍ସର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର୍ ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଆଲୋଚନା ଚକ୍ର ରେ ବିଶେଷ ଅତିଥି ଭାବେ ଆଇକ୍ୟୁଏସି ନିର୍ଦ୍ଦେଶିକା ପ୍ରଫେସର ଏମ. ହିମାବିନ୍ଦୁ ଯୋଗ ଦେଇ ଲାଟେକ୍ସ ର ଉପକାରିତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ର ସଂଯୋଜକ ବିଭାଗୀୟ ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବିଭାଗୀୟ ସହକାରୀ ପ୍ରଫେସର ଡ. ପାର୍ଥସାରଥୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ ସହକାରୀ ପ୍ରଫେସର ଡ ଶର୍ମିଳା ସୁବୁଦ୍ଧି ଏବଂ ଡ ଶାନ୍ତିସ୍ୱରୂପ ବାସା ତଥା କମ୍ପ୍ୟୁଟର ବିଭାଗର ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାର ର ବିଭିନ୍ନ ବିଶ୍ୱବିଦ୍ୟାଳୟର ୭୦ ରୁ ଉର୍ଦ୍ଧ୍ୱ ଗବେଷକ ଓ ଗବେଷିକା ମାନେ ଯୋଗଦାନ କରିଥିଲେ ।

# କବି ବସନ୍ତ ମୁଦୁଲିଙ୍କ ରାଜ୍ୟସ୍ତରୀୟ ୩୫ତମ ସ୍ମୃତି ସମାରୋହ ଅନୁଷ୍ଠିତ

## ପୁରସ୍କୃତ ହେଲେ ଯୁବକବି ନରେନ୍ଦ୍ର ଭୋଇ ଓ ଚିତ୍ତରଞ୍ଜନ ନାୟକ




ଭଦ୍ରକ, ୫/୧୧ (ନି.ପ୍ର): ଯାହା ପାଖରେ କରୁଣା ଅଛି ତା ପାଖରେ ମାନବିକତା ଅଛି । ଆଉ ଏଇ ମାନବିକତାକୁ ନିଜ କବିତାରେ ତୋଳି ଧରିଥିଲେ ବସନ୍ତ ମୁଦୁଲି। କବି ବସନ୍ତ ମୁଦୁଲି ଜୀବନର ତୀବ୍ରତମ ଆତ୍ମିକ ଆଲୋଡ଼ନକୁ କବିତାରେ ଲେଖି ମାନବର ସମସ୍ୟା କଥା ବଖାଣିଛନ୍ତି। ପ୍ରେମ ଓ ବିଦ୍ରୋହର କବି ବସନ୍ତ ମୁଦୁଲି ବେସାଲିସ ଜୀବନ ଜିଇଁବା ସହ କବିତାର କାରୁକାର୍ଯ୍ୟରେ ଜୀବନକୁ ନୂଆ ଅର୍ଥ ଓ ରଙ୍ଗ ଦେବାରେ ବ୍ରତୀ ଥିଲେ ବୋଲି ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ୩୫ତମ ରାଜ୍ୟସ୍ତରୀୟ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ ରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଏଇ ସମାରୋହକୁ କବି ବସନ୍ତଙ୍କ ତୈଳଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ ଉଦଘାଟନ କରିଥିଲେ। ସଂସଦର ସଭାପତି ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଶିଷ୍ଟ କବି ଅମରେଶ ପଟ୍ଟନାୟକ ବସନ୍ତ ମୁଦୁଲି ଥିଲେ ବିଦ୍ରୋହର ଏକ ଜ୍ୱଳନ୍ତା ସ୍ଫୁଲିଙ୍ଗ ବୋଲି କହିବା ସହ ତାଙ୍କ କବିତାରେ ଜନମାନସର ଜୟଗାନ ଥିଲା ବୋଲି କହିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସୁଖ୍ୟାତ କବି ଆଶୁତୋଷ ପରିଡ଼ା କବି ମୁଦୁଲିଙ୍କ କବିତାର ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ବିଶିଷ୍ଟ କବି ବାସୁଦେବ ସୁନାନୀ କବିଙ୍କ କାବ୍ୟସ୍ୱରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦତ୍ତାତ୍ରେୟ ଦାଶ ଏଥିରେ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇ ବସନ୍ତ ମୁଦୁଲିଙ୍କ କବିତାରେ ମାନବବାଦର ସ୍ୱର ରହିଛି ବୋଲି କହିଥିଲେ। ପ୍ରାରମ୍ଭରେ କବି ସରୋଜ ବଳ ପ୍ରସ୍ତୁତ କରିଥିବା ବସନ୍ତ ମୁଦୁଲିଙ୍କ ଏକ ତଥ୍ୟଚିତ୍ର ପ୍ରଦର୍ଶନ କରାଯିବା ପରେ ଶିକ୍ଷା ସେଠୀ ଓ ଚୈତାଳି ଖିଲାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ'ବନ୍ଦେ ଉତ୍କଳ ଜନନୀଦ' ରାଜ୍ୟ ସଙ୍ଗୀତ ଏବଂ କବି ବସନ୍ତ ମୁଦୁଲିଙ୍କ କବିତାକୁ ଭଗବାନ ନାୟକବର୍ମା ସଂଗୀତ ରୂପ ଦେଇଥିବା ଏକ କବିତାକୁ ପ୍ରାରମ୍ଭିକ ସଂଗୀତ ଭାବେ ଗାୟନ କରିଥିଲେ। ଗାଳ୍ପିକ ରଜନୀକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସଦର ଉପ ସଭାପତି କବି ନିରାକାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସଦର ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୨୨ ମସିହା ପାଇଁ ବୌଦ୍ଧ ଜିଲ୍ଲାର ଯୁବକବି ନରେନ୍ଦ୍ର କୁମାର ଭୋଇ ଏବଂ ୨୦୨୩ ମସିହା ପାଇଁ କେନ୍ଦୁଝରର ଯୁବକବି ଚିତ୍ତରଞ୍ଜନ ନାୟକଙ୍କୁ ବସନ୍ତ ମୁଦୁଲି କବିତା ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ନଗଦ ଅର୍ଥରାଶି, ଉପାୟନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ପ୍ରତିଭା ଖିଲାର ଓ ମନୋଜ ଭୋଳ। ଉତ୍ସବରେ ବସନ୍ତ ମୁଦୁଲିଙ୍କ ରଚିତ କବିତାକୁ ପାଠ କରିଥିଲେ ସୁରେଶ ନାୟକ, କିଶୋର ପାଣିଗ୍ରାହୀ। ସଂସଦର ସଂଯୋଜକ ଅରୁଣ ଖିଲାର ସମସ୍ତ କର ?ୟକ୍ରମର ସଂଯୋଜନା କରିଥିବାବେଳେ ଅତିଥି ମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।ସଂସଦର ଯୁଗ୍ମ ସଂପାଦକ ଅମିତାଭ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଭାତ୍ ସିହ୍ନାଙ୍କ ଗଳ୍ପ ପୁସ୍ତକ "କୁସୁମ୍ବ ଓ ଅନ୍ୟାନ୍ୟ ଗଳ୍ପ" ଉନ୍ମୋଚିତ ହୋଇଥିଲା। କବିପୁତ୍ର ପାର୍ଥସାରଥ ମୁଦୁଲି, କିଶୋର ପାଣିଗ୍ରାହୀ, ନିରଂଜନ ସ୍ୱାଇଁ, ଡ. ରବୀନ୍ଦ୍ର ପଣ୍ଡା, ହରପ୍ରିୟା ସେଠୀ, ଶାନ୍ତନୁ ମହାପାତ୍ର, ସୁଧାକର ମହାପାତ୍ର, ଅବିନାଶ ଖଲାର ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ । ଏହି ସମାରୋହରେ ଭଦ୍ରକର ବହୁ ବୁଦ୍ଧିଜୀବୀ, ସାରସ୍ୱତ ସାଧକ, ବସନ୍ତ ପ୍ରେମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଆଇଓସିଏଲ ଡିପୋ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ଅଭିଯାନ

ବାଲେଶ୍ୱର , ୫/୧୧ (ନି.ପ୍ର): ଇଣ୍ଡିଆନ ଅଏଲ କର୍ପୋରେସନ୍ ଲିମିଟେଡ୍ (ଆ ଇ ଓ ସି ଏଲ) ବାଲେଶ୍ୱରର ସୋମନାଥପୁର ସ୍ଥିତ ଡିପୋ ପକ୍ଷରୁ ଭିଜିଲାନ୍ସ ସଚେତନ ଅଭିଯାନ-୨୦୨୩ ପାଳନ ଅବସରରେ ଆଜି ସକାଳେ ପ୍ରାୟ ୪୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ସାଇକ୍ଲୋଥନର ଆୟୋଜନ କରାଯାଇଥିଲା।ଏଥିରେ ସୋମନାଥପୁର ଗ୍ରାମର ଯୁବକ ଓ ଗ୍ରାମ ସଙ୍ଗଠନର କର୍ମକର୍ତ୍ତାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସୋମନାଥପୁରର ଶାନ୍ତି କମିଟି, ସାର୍ବଜନୀନ ଦୁର୍ଗାପୂଜା କମିଟି,ବ୍ୟବସାୟୀ ସଂଘର ମିଳିତ ସହଯୋଗରେ ଶତାଧିକ ବିଭିନ୍ନ ବର୍ଗର ନାଗରିକଙ୍କ ଦ୍ୱାରା ଭିଜିଲାନ୍ସ ନିଷ୍ଠାର ଶପଥ ଗ୍ରହଣ କରାଯାଇଥିଲା। ବରିଷ୍ଠ ସାମାଜିକ କର୍ମୀ ଧୀରେନ୍ଦ୍ର ମହାପାତ୍ରଂକ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଶିକ୍ଷାବିତ ଅବଦୁଲ କାଶିମ ଖାଁ




ପ୍ରାକ ସୂଚନା ପ୍ରଦାନ କରିଥିଲେ । ଆଇ ଓ ସି ଏଲ ଡିପୋର ସୁରକ୍ଷା ଅଧିକାରୀ ସୁସ୍ମିତା ପାଲ, ଅଧିକାରୀ ମୁକ୍ତିକାନ୍ତ ମହାପାତ୍ର, ଶ୍ରମିକ ନେତା ବିଜୟ ପାତ୍ର, ସାମ୍ବାଦିକ ରବି ରାଉତ ପ୍ରମୁଖ ଏହି ସମାରୋହରେ ଉପସ୍ଥିତ ରହି ଦେଶର ପ୍ରଗତି ପଥରେ ଦୁର୍ନୀତି ଏକ ମୁଖ୍ୟ ପ୍ରତିବଂଧକ ଭାବେ ବିବେଚିତ ହେଉଥିବାରୁ ତାର ମୂଳୋତ୍ପାଟନ ପାଇଁ ସମସ୍ତଂକର ସଚେତନତା ଓ ଆନ୍ତରିକ ସହଯୋଗ ଲୋଡା ବୋଲି କହିଥିଲେ । ଶେଷରେ ଦୂର୍ଗାପୂଜା କମିଟିର ସଂପାଦକ ସୁବ୍ରତ ବେହେରା ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମୀର ଖାଁ, କୈଳାଶ ସେନାପତି, ପ୍ରଫୁଲ୍ଲ ମହାନ୍ତି, ରମାକାନ୍ତ ସେଠି, ସଲିମ ଖାଁ, ଶ୍ରୀଧର ବାରିକ, ହରିଶ ଚନ୍ଦ୍ର ଦାସ, ଜିତେନ୍ଦ୍ର ଦାସ, ସିଦ୍ଧେଶ୍ୱର ମଲ୍ଲିକ, ସିଦ୍ଧାର୍ଥ ମହାପାତ୍ର, ସୁଦାମ ବେହେରା, ମକରା ବେହେରା, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# କେଉଁ ଦଳରୁ ପ୍ରାର୍ଥି ହେବେ ଡ଼ା. ମନୋରଂଜନ



ଉଦଳା , ୫/୧୧ (ନି.ପ୍ର): ନିର୍ବାଚନ ପାଖେଇ ଆସୁଥିବା ବେଳେ ଉଦଳା ନିର୍ବାଚନ ମଣ୍ଡଳି ମଧ୍ୟରେ ଏହାର ତାତି ବେଶ ଭଲ ଭାବରେ ଅନୁଭୁତ ହେଉଛି । ସେଥି ମଧ୍ୟରେ ଡ଼ା. ମନୋରଂଜନ ମଲ୍ଲିକଙ୍କ ନାମଟି ଚର୍ଚ୍ଚାକୁ ଆସୁଛି । ସେ ଏଥର ବିଧାୟକ ପ୍ରାର୍ଥି ହେବେ ବୋଲି ଶୁଣିବାକୁ ମିଳୁଛି । ତେବେ ସେ କେଉଁ ଦଳରୁ ବିଧାୟକ ପ୍ରାର୍ଥି ହେବେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ । କେତେକ ସେ ବିଜୁ ଜନତା ଦଳରୁ ପ୍ରାର୍ଥି ହେବେ ବୋଲି କହୁଥିବା ବେଳେ, ଆଉ କେତେକ ସେ ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥି ହେବେ ବୋଲି କହୁଛନ୍ତି । ପୁଣି ଆଉ କେତେକ ସେ କୌଣସି ଦଳରୁ ପ୍ରାର୍ଥି ନ ହୋଇ ସ୍ୱାଧିନ ଭାବରେ ନିର୍ବାଚନ ଲଢ଼ିବାର ସମ୍ଭାବନା ରହିଛି ବୋଲି କହୁଛନ୍ତି । ଯଦି ସେ ସ୍ୱାଧିନ ପ୍ରାର୍ଥି ଭାବରେ ନିର୍ବାଚନ ଲଢ଼ନ୍ତି ତାଙ୍କୁ ଝାଡ଼ଖଣ୍ଡ, କଂଗ୍ରେସ, ବାମପନ୍ଥି ଓ ଆମ ଆଦମି ପାର୍ଟିରୁ ସମର୍ଥନ ମିଳିବ ବୋଲି ଶୁଣାଯାଉଛି । ଜଣେ ଉଚ୍ଚ ଶିକ୍ଷିତ ଓ ଦକ୍ଷ ପ୍ରାର୍ଥି ଭାବରେ ଡ଼ା. ମନୋରଂଜନଙ୍କ ନାମଟି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

# ନୂଆବଜାର ମହାଦେବଙ୍କ ସ୍ଥାନ ଜବରଦଖଲର ରାୟ ପ୍ରକାଶ

## ତହସିଲଦାର ଶୁଣାଣୀ କରିବାକୁ ହାଇକୋର୍ଟର ନିର୍ଦ୍ଦେଶ : ଲାଗି ରହିଛି ଛକାପଞ୍ଝା

ଜଳେଶ୍ୱର , ୫/୧୧ (ନି.ପ୍ର): ଜଳେଶ୍ୱରର ନୂଆବଜାର ତହସିଲ କାର୍ଯ୍ୟାଳୟର ଅନତୀ ଦୂରରେ ବହୁବର୍ଷ ପୂର୍ବେ ଏକ ମହାଦେବ ମନ୍ଦିର ପ୍ରତିଷ୍ଠା ହୋଇଥିଲା । କାଳକ୍ରମେ ମନ୍ଦିର ପରିଚାଳନା ଲାଗି ମନ୍ଦିର ନିକଟରେ କେତେକ ଦୋକାନ ପ୍ରତିଷ୍ଠା କରାଯାଇ ନିଲାମ ଦିଆଯାଇଥିଲା । କିନ୍ତୁ ଏ ସବୁ ସରକାରୀ ସ୍ଥାନ ହୋଇଥିବାରୁ କମଳ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଓ ଅନ୍ୟ କେତେକ ବ୍ୟକ୍ତି ବିଶେଷଙ୍କ ନାମରେ ରିଟ ପିଟିସନ ୩୪୦/୮୯/୨୦୨୩ରେ ମାମଲା ରୁଜୁ ହୋଇଛି । ଏଥିାରେ ମାନ୍ୟବର କୋର୍ଟ, ତହସିଲଦାର ବିବାଦିମାନଙ୍କୁ ଡାକି ଶୁଣାଣୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ପୂର୍ବରୁ ତହସିଲଦାର ଉଚ୍ଛେଦ ସଂପର୍କରେ ଲେଖିଥିବା ତଥ୍ୟକୁ ଭିତ୍ତି କରି ଓଡିଶା ପବ୍ଲିକ ଲେଣ୍ଡ ଏନ୍କ୍ରୋଚମେଣ୍ଟ ଆକ୍ଟ ଅନୁଯାୟୀ ଘଟଣାର ପରିସମାପ୍ତି କରିବାକୁ ସେଥିରେ ଉଲ୍ଲେଖ ଥିବା ଜଣାଯାଇଛି । ଏହି ଘଟଣା ଜଣାଯିବାପରେ ସେଠାରେ ଦୋକାନ କରି ରହିଥିବା ଲୋକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି । ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ପରିବାର ପେଟ ପୋଷି ଆସୁଥିବା କେତେକ ବ୍ୟକ୍ତିଙ୍କର ଭବିଷ୍ୟତଲାଗି ସମସ୍ୟାର ସମାଧାନ କରିବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଛି ।

# ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଟ୍ରକ୍ ରେ ଲାଗିଲା ନିଆଁ: ଚାଳକ ଜୀବନ୍ତ ଦଗ୍ଧ

ଚଣ୍ଡୀଗଡ, ୫/୧୧ (ନି.ପ୍ର): ଅମ୍ବାଲା- ଯମୁନାନଗର ରାସ୍ତାରେ ରବିବାର ଭୋର୍ ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ଟ୍ରକ୍ ରେ ନିଆଁ ଲାଗିବାରେ ଏହାର ଚାଳକ ଜୀବନ୍ତ ଦଗ୍ଧ ହୋଇଛନ୍ତି ।

ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ଗ୍ରାମ ଉଗାଲା ନିବାସୀ ବଲବୀର ସିଂହ ବାଲି ବୋଝେଇ ଟ୍ରକ୍ ନେଇ ଅମ୍ବାଲା- ଜଗାଧରୀ ରୋଡ଼ (ମୁଲାନା)ର ଚିଲ୍ଲି ଢାବା ନିକଟରେ ପହଂଚିଥିଲେ । ଏଠାରେ ଭୋର୍ ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଟ୍ରକ୍ ରେ ନିଆଁ ଲାଗି ଯାଇଥିଲା । ଫଳରେ ଡ୍ରାଇଭର ବଲବୀର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ଖବର ପାଇ ମୁଲାନା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିବା ସହ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।

# ହାଇୱାକୁ ପିଟିଲା ଡମ୍ଫର ଡ୍ରାଇଭର ମୃତ



ବସ୍ତା , ୫/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ର କଟିପୋଲ ବସଷ୍ଟାଣ୍ଡ ନିକଟରେ ରବିବାର ଭୋର ସମୟରେ ହାଇୱା ଓ ଡମ୍ଫରଧକ୍କାରେ ଦୁର୍ଘଟଣା, ଘଟଣା ସ୍ଥଳରେ ଡମ୍ଫର ଡ୍ରାଇଭର ମୃତ ।, ସୂଚନା ଅନୁଯାୟୀ ଆଜି ଭୋର ସମୟରେ କଟିପୋଲ ନିକଟରେ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ ହାଇୱା ନଂ ଏମ ଏଇଚ ୧୨ ଟି ଭି ୬୦୨୩ ଗାଡି ଛିଡା ହୋଇଥିବାବେଳେ ଡମ୍ଫର ଦ୍ରୁତଗତିରେ ଆସି ପଛ ପଟୁ ଧକ୍କା ଦେଇ ଥିଲା, ।ଫଳରେ ଘଟଣା ସ୍ଥଳରେ ଭୟଙ୍କର ଶବ୍ଦ ହୋଇ ଥିଲା । ଯାହାଫଳରେ ଡମ୍ଫର ଆଗ ସମ୍ପୂର୍ଣ୍ଣ ଚେପି ଯାଇଥିଲା । ଡ୍ରାଇଭର ଚାପି ହୋଇ ଯିବା ଯୋଗୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ରାଜପଥ ସୁରକ୍ଷାକର୍ମୀ ଓ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି କଟର ସାହାର୍ଯ୍ୟରେ ଷ୍ଟ୍ୟରିଙ୍ଗ କାଟି ଡ୍ରାଇଭରକୁ ଉଦ୍ଧାର କରିଥିଲେ । ଏବଂ ଦୁଇଟି ଗାଡି କୁ ଜବତ କରି ମୃତ ଦେହ କୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି ।

# ଅର୍ଦ୍ଧନିର୍ମିତ ଘର ଭିତରୁ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୫/୧୧ (ନି.ପ୍ର): ଅର୍ଦ୍ଧନିର୍ମିତ ଘର ଭିତରୁ ମୃତଦେହ ଉଦ୍ଧାର । ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ବଣଗାଁ ଡ଼ିପାସାହିରୁ ମୃତଦେହ ଉଦ୍ଧାର ହୋଇଛି। ବିଲ ମଝିରେ ଥିବା ଏକ ଅର୍ଦ୍ଧନିର୍ମିତ ଘର ଭିତରରେ ମୃତ ଦେହ ପଡ଼ିଥିବା ସୂଚନା ମିଳିଛି । ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଂଚିଛି । ପୋଲିସର ପ୍ରାଥମିକ ତଦନ୍ତରୁ ହତ୍ୟା ସନ୍ଦେହ କରାଯାଇଛି । ମୃତକ ହେଲେ ରାତିଲା ଗ୍ରାମର ଦୁର୍ଗା ମୁଣ୍ଡା ।

# ନବଜାତ ଶିଶୁ କନ୍ୟା ଉଦ୍ଧାର: ଅଲୋଡ଼ା ଶିଶୁକନ୍ୟାକୁ ପଲିଥିନ ଘୋଡ଼େଇ ଫିଙ୍ଗିଦେଲେ ନିର୍ଦ୍ଦୟ ବାପା ମା'

ନୀଳଗିରି , ୫/୧୧ (ନି.ପ୍ର): ନୀଳଗିରିରେ ଉଦ୍ଧାର ହେଲା ନବଜାତ ଶିଶୁ କନ୍ୟା। ଅଲୋଡ଼ା ଭାବି ପଲିଥିନ ଘୋଡ଼େଇ ନିର୍ଦ୍ଦୟ ଭାବେ ଫିଙ୍ଗିଦେଲେ ବାପା ଓ ମା। ସଂସାରକୁ ଚିହ୍ନିବା ଆଗରୁ ଅଲୋଡ଼ା ହୋଇ ଅପନ୍ତରାରେ ଜୀବନ ସହ ଯୁଝୁଥିଲା ଶିଶୁକନ୍ୟା ।କନ୍ୟା ଭ୍ରୂଣହତ୍ୟା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର କଠୋର ଆଇନର ବ୍ୟବସ୍ଥା କରିଛନ୍ତି। କନ୍ୟା ସୁରକ୍ଷା ପାଇଁ ବିଭିନ୍ନ ଯୋଜନା କରିଥିବା ବେଳେ ବିଭିନ୍ନ ପ୍ରୋତ୍ସାହନ ରାଶି ମଧ ଘୋଷଣା କରିଛନ୍ତି। ନାରୀ ଜାତି କୁ ସମ୍ମାନ ଦେଇ ପୁରୁଷଙ୍କ ସହ ସମକକ୍ଷ କରିବାକୁ ସଂସଦ ଓ ବିଧାନସଭାରେ ବିଲ୍ ପାରିତ ହୋଇଥିବା ବେଳେ ଆଜିକାଲି ସମାଜରେ ପୁରୁଷ ପ୍ରଧାନ ମାନସିକତା ଲୋପ ପାଇ ପାରିନାହିଁ। ଯାହାଫଳରେ ଅନୈତିକ ସମ୍ପର୍କ ପାଇଁ ହେଉ କିମ୍ବା କନ୍ୟାସନ୍ତାନ ଏକ ପାପ ବୋଲି ମାନସିକତା ଯୁବପିଢି ମାନଙ୍କୁ ପଥଭ୍ରଷ୍ଟ କରିଛି ଯାହାଫଳରେ କନ୍ୟାଭ୍ରୂଣ ହତ୍ୟା ବଢ଼ି ଚାଲିଛି।ଏକ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନୀଳଗିରି ସହରରେ।ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ଅଧିନସ୍ଥ ୬ ନମ୍ବର୍ ୱାର୍ଡ ମଙ୍ଗଳା ମନ୍ଦିର ଗଳି ପାହାଡ ନିକଟବର୍ତ୍ତୀ ମସଜିଦ ନିକଟରୁ ଉଦ୍ଧାର କରାଯାଇଛି। ଆଜି ଭୋର ୪:୫୦ ସମୟରେ ଏକ ପଲିଥିନ ଭିତରେ ଶିଶୁ କନ୍ୟା ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ ।ସୂଚନା ଅନୁଯାୟୀ ସେଖ ଖଇରୁଲା ନାମକ ଜଣେ ବ୍ୟକ୍ତି ନମାଜ ପଢିବା ପାଇଁ ଆସୁଥିବା ସମୟରେ ନବଜାତ ଶିଶୁକନ୍ୟାଟିକୁ କାନ୍ଦୁଥିବାର ଦେଖି ଗାଁ ଲୋକଙ୍କୁ ଡାକି ତାକୁ ଉଦ୍ଧାର କରିଥିଲେ। ଉକ୍ତ ଖବର ସାଂସଦ ଙ୍କ ବ୍ୟତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଜାଣିବା ପରେ ଘଟଣାସ୍ଥଳକୁ ଯାଇ ନୀଳଗିରି ଥାନାକୁ ଖବର ଦେଇଥିଲେ । ସଙ୍ଗେ ସଙ୍ଗେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଶିଶୁ କନ୍ୟାକୁ ଚିକିତ୍ସା ପାଇଁ ପଠାଇଥିଲେ । ପରେ ଶିଶୁ



କନ୍ୟାର ଉତ୍ତମ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।ଶିଶୁ କନ୍ୟାଟିର ଓଜନ ୨ କିଲୋ ୬୪୦ ହୋଇଥିବା ବେଳେ ଚିକିତ୍ସା ପାଇବା ପରେ ଶିଶୁ କନ୍ୟାର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡ଼ିଛି ।ସ୍ଥାନୀୟ ଲୋକେ ନବଜାତ ଶିଶୁର ପିତାକୁ ଚିହ୍ନଟ କରିଥିବା ବେଳେ ଉକ୍ତ ବ୍ୟକ୍ତି ନୀଳଗିରି ବ୍ଲକ କଳାକାଦ ଗ୍ରାମର ପ୍ରଭଞ୍ଜନ ନାୟକ ଓ ମା ଜୟନ୍ତୀ ବୋଲି ଜଣାପଡିଛି। ତେବେ ଭୁଲ ବସତଃ ଏପରି ହୋଇଛି ବୋଲି ସ୍ୱୀକାର କରିଛନ୍ତି।

# ନୂତନ ଶିକ୍ଷାନୀତି ଉପରେ ମହାବିଦ୍ୟାଳୟ ଅଧକ୍ଷ ସମ୍ମିଳନୀ



ବାରିପଦା , ୫/୧୧ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ନୂତନ ଶିକ୍ଷାନୀତିରେ ଉଚ୍ଚ ଶିକ୍ଷାନୁଷ୍ଠାନର ଭୂମିକା ଓ ଦାୟିତ୍ୱ ଶୀର୍ଷକରେ ଆଜି ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ଉନ୍ନୟନ ପରିଷଦ ଦ୍ୱାରା ଆୟୋଜିତ ଓ ବିଶ୍ୱବ୍ୟାଙ୍କ ଦ୍ୱାରା ଉତ୍କର୍ଷତା ଏବଂ ସମାନତା ପାଇଁ ଓଡିଶା ଉଚ୍ଚ ଶିକ୍ଷା ଯୋଜନାର ଆନୁଷ୍ଠାନିକ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟୋଜିତ ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପୌରହିତ୍ୟ କରି ନୂତନ ଶିକ୍ଷାନୀତିର ଗୁଣାତ୍ମକ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ନୂତନ ଶିକ୍ଷାନୀତି ରେ ପାରସ୍ପରିକ ସାପେକ୍ଷ ଜ୍ଞାନ ଅର୍ଜନ ଉପରେ ଗୁରୁତ୍ୱ ଦିଆଯାଇ ଜାତୀୟ ଚରିତ୍ରକୁ ଦକ୍ଷ ଓ ସ୍ୱାବଲମ୍ବୀ କରିପାରିବ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ସମ୍ମାନୀୟ ଅତିଥି ରୂପେ ଯୋଗଦାନ କରି ଭାରତୀୟ ଶିକ୍ଷାଧାରାରେ ପ୍ରାଚୀନଠାରୁ ଆଧୁନିକ ପର୍ଯ୍ୟନ୍ତ ପରିବର୍ତ୍ତିତ ଧାରା ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶିକା ପ୍ରଫେସର ସୁସ୍ମିତା କର ସ୍ୱାଗତ ଭାଷଣ ଦେଇଥିବା ବେଳେ, ସମ୍ପାଦକ ତଥା ସହଯୋଗୀ ପ୍ରଫେସର ଡ. ଆଦିତ୍ୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱର୍ଗତଃ ପଦ୍ମାବତୀ ଦେଇଙ୍କ ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଲଙ୍ଗଳେଶ୍ୱର, ୫/୧୧ (ନି.ପ୍ର): ବସ୍ତା ବ୍ଲକ୍ ଇଡ଼ିଦା ପଞ୍ଚାୟତ ଅଧିନସ୍ଥ ରାଜୁଆପଡ଼ା ଗ୍ରାମର ରାଜେନ୍ଦ୍ର ଦେଇଙ୍କ ଧର୍ମପତ୍ନୀ ସ୍ୱର୍ଗତଃ ପଦ୍ମାବତୀ ଦେଇଙ୍କ ଏକାଦଶାହରେ ଗୁରୁବାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏକାଦଶାହରେ ବିଜୁ ମହିଳା ଜନତା ଦଳ ରାଜ୍ୟ ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ଲକ୍ଷ୍ମୀଧର ଦାସ, ଇଡ଼ିଦା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦେବୀ ପ୍ରସାଦ ଭଞ୍ଜ, ନାଏବ ସରପଞ୍ଚ ମିଥୁନ ଚକ୍ରବର୍ତ୍ତୀ, ନାଇକୁଡ଼ି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଭାଗବତ ମହାନ୍ତି, ବସ୍ତା ବ୍ଲକ୍ ମହିଳା ସଭାପତି ଲିପିକା




କାର୍ଯ୍ୟକାରୀ ସଭାପତି ତଥା ନାରୀନେତ୍ରୀ ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ସ୍ୱର୍ଗତଃ ପଦ୍ମାବତୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ରାଉଳ, ବ୍ଲକ୍ ଯୁବ କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ଦଳେଇ ଏବଂ ପୂର୍ବତନ ଜିଲ୍ଲା ପରିଷଦ ପ୍ରଦୀପ ବିଶ୍ୱାଳ ପ୍ରମୁଖଙ୍କ ସମେତ ଗ୍ରାମବାସୀ,ଆତ୍ମୀୟସ୍ୱଜନ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ହୋଇ ସ୍ୱର୍ଗତଃ ଦେଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo